ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ନଭେମ୍ବର ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-9 , November 2023, Issue No. VIII
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଓଡ଼ିଆ ତୁଳନାତ୍ମକ ସାହିତ୍ୟାଲୋଚନାର ଧାରାରେ
ଜିଓଫ୍ରେ ଚସର ଓ ସାରଳା ଦାସ
– ଡ. ଇନ୍ଦ୍ରମଣି ସାହୁ ୦୭

ଓଡ଼ିଆ ପ୍ରବଚନରେ ସମାଜ ଓ ଜନଜୀବନର ଚିତ୍ର
– ଚୂଳରାଜ ମେହେର ୧୪

ସାଂପ୍ରତିକ ଓଡ଼ିଆ ଗଳ୍ପର ଭାଷା (୧୯୮୦-୨୦୨୩)
– ମମତା ସେନାପତି ୧୭

ପଦ୍ମଜ ପାଳଙ୍କ ଉପନ୍ୟାସ : ଯୌନ-ପ୍ରସଙ୍ଗ
– ଯୁଗିରାମ ପୁଟେଲ ୨୧

କବି ଗୋପବନ୍ଧୁଙ୍କ ବ୍ୟଥିତ ପ୍ରାଣ ଓ
ଅନ୍ତିମ ଅଶ୍ରୁର କବିତା : ଏକ ଅନୁଭବ
– ଡକ୍ଟର ସନ୍ତୋଷ କୁମାର ନାୟକ ୨୬

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................
ଠିକଣା ...................................................... ପିନ୍‌କୋର୍ଡ୍ ......................................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................
ବ୍ୟାଙ୍କ୍........................................ ସ୍ଥାନ.....................................................
ତାରିଖ...................................... ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.VIII, November 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ତୁଳନାତ୍ମକ ସାହିତ୍ୟାଲୋଚନାର ଧାରାରେ ଜିଓଫ୍ରେ ଚସର ଓ ସାରଳା ଦାସ

ଡ. ଇନ୍ଦ୍ରମଣି ସାହୁ

"ଯତ୍ରହି ଦ୍ୱୈତମିବ ଭବତି ତଦିତର ଇତରଂ ପଶ୍ୟତି;
ତଦିତର ଇତରଂ ଶୃଣୋତି, ତଦିତର ଇତରଂ ମନୁତେ,
ତଦିତର ଇତରଂ ସ୍ପୃଶତି,ତଦିତର ଇତରଂ ବିଜାନାତି ।"
-ବୃହଦାରଣ୍ୟକ ଉପନିଷଦ,୪ ।୫ ।୧୫,୭

ଯେଉଁଠାରେ ଦ୍ୱୈତବୋଧ ରହିଥାଏ, ସେଠାରେ ଅନ୍ୟଜଣେ ଅନ୍ୟ ଜଣକୁ ଦେଖେ, ଅନ୍ୟ ଜଣେ ଅନ୍ୟ ଜଣକର କଥା ଶୁଣେ, ଅନ୍ୟ ଜଣେ ଅନ୍ୟ ଜଣକର କଥା ଭାବେ, ଅନ୍ୟ ଜଣକୁ ସ୍ୱର୍ଶକରେ, ଅନ୍ୟ ଜଣକୁ ଜାଣେ ।

ପ୍ରଜ୍ଞା ନୁହେଁ, ଜ୍ଞାନ ପାର୍ଥକ୍ୟ ଓ ତୁଳନାଶ୍ରୟୀ । ପ୍ରଜ୍ଞାଶୀଳଚେତନାବିଭେଦ ଓ ଭିନ୍ନତା ମଧ୍ୟରେ 'ଏକ ଦେବଃ ସର୍ବଭୂତେଷୁ'ର ଉପଲବ୍ଧି କରେ । କିନ୍ତୁ, ମଣିଷ ମନର ସମସ୍ତ ଜ୍ଞାନ ଲାଭର ମୁଖ୍ୟ କାରକ ତୁଳନା । ସେଥିପାଇଁ କୁହାଯାଇଛି, "The comparative method is as old as thought"[୧]

ତୁଳନାତ୍ମକ ସାହିତ୍ୟ କହିଲେ ସାଧାରଣତଃ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନକୁ ବୁଝାଇଥାଏ । ତେବେ ଯେକୌଣସି ସାହିତ୍ୟ ସମାଲୋଚନା ତୁଳନାତ୍ମକ ହେବାପାଇଁ ବାଧ୍ୟ । ଆଧୁନିକ ସମାଲୋଚନାର ଲକ୍ଷ୍ୟ ହେଉଛି ଆପେକ୍ଷିକ ସ୍ଥାନ ନିରୂପଣ । ତୁଳନା ବିନା ଆପେକ୍ଷିକତାର ଧାରଣା ସମ୍ଭବ ନୁହେଁ । ଆରିଷ୍ଟଟଲଙ୍କ 'Poetics'ରେ ସବୁ ଗ୍ରୀକ୍ ନାଟକ ଓ କାବ୍ୟର ତୁଳନାତ୍ମକ ଆଲୋଚନା ରହିଛି । ପ୍ରାଚୀନ ସଂସ୍କୃତ ଅଳଙ୍କାର ଗ୍ରନ୍ଥରେ ଦୃଶ୍ୟ ଓ ଶ୍ରାବ୍ୟକାବ୍ୟ, ପଦ୍ୟ ଓ ଗଦ୍ୟ ମଧ୍ୟରେ ସୁସ୍ପଷ୍ଟ ତୁଳନାର ଆଭାସ ମିଳେ ।[୨] କିନ୍ତୁ, ଊନବିଂଶ ଶତାବ୍ଦୀରେ ହିଁ ତୁଳନାତ୍ମକ ଭାଷାତତ୍ତ୍ୱ ଚର୍ଚ୍ଚା ସଙ୍ଗେ ସଙ୍ଗେ ତୁଳନାତ୍ମକ ସାହିତ୍ୟର ଧାରା ସୁଗମ ହୋଇଥିଲା । ତୁଳନାତ୍ମକ ସାହିତ୍ୟର ପିତା ଭାବରେ ଜର୍ମାନ୍ କବି ଗ୍ୟେଟେ ସମ୍ମାନିତ । ଭାଷାମାନଙ୍କର ବିଭିନ୍ନତା ଭିତରେ ସଂଗୁପ୍ତ ମାନବୀୟ ଏକତ୍ୱର ସନ୍ଧାନ ଦେଇ ସେ ବିଶ୍ୱ ସାହିତ୍ୟର (Welt literature) କଳ୍ପନା କରିଥିଲେ । ଭାରତରେ ପ୍ରଥମଥର ଲାଗି ରବୀନ୍ଦ୍ର ନାଥ ଠାକୁର 'ବିଶ୍ୱ ସାହିତ୍ୟ' ପ୍ରବନ୍ଧରେ ତୁଳନାତ୍ମକ ସାହିତ୍ୟ ପ୍ରସଙ୍ଗ ଉତ୍ଥାପନ କଲେ । 'ଜାତୀୟ ଶିକ୍ଷା ପରିଷଦ' ଆନୁକୁଲ୍ୟରେ ୧୯୦୬ ମସିହାରେ ଆୟୋଜିତ ଏକ ଅଭିଭାଷଣରେ ସେ କହିଥିଲେ "x x x ସାହିତ୍ୟକୁ ଦେଶ କାଳ ପାତ୍ରରେ ଛୋଟକରି ଦେଖିଲେ ଠିକ ଭାବରେ ଦେଖିହେବ ନାହିଁ । ଆମେ ଯଦି ବୁଝିବା ଯେ, ସାହିତ୍ୟରେ ବିଶ୍ୱ ମାନବ ହିଁ ଆପଣାକୁ ପ୍ରକାଶ କରିଅଛି ତେବେ ସାହିତ୍ୟ ମାଧ୍ୟମରେ ଆମର ଯାହା ଦେଖିବାର ଥିବ ତାହା ଦେଖିବାକୁ ପାଇବା । x x x ସାହିତ୍ୟ ମଧ୍ୟ ମୋର ରଚନା, ତୁମର ରଚନା ଏବଂ ତା'ର ରଚନା ନୁହେଁ । ଆମେ ସାଧାରଣତଃ ସାହିତ୍ୟକୁ ଏହିଭଳି ଗ୍ରାମ୍ୟ ଭାବରେ ଦେଖିଥାଉଁ । ସେହି ଗ୍ରାମ୍ୟ ସଂକୀର୍ଣ୍ଣତାରୁ ନିଜକୁ ମୁକ୍ତକରି ବିଶ୍ୱ ସାହିତ୍ୟ ମଧ୍ୟରେ ବିଶ୍ୱମାନବକୁ ଦେଖିବାର ଲକ୍ଷ୍ୟ ଆମେ ସ୍ଥିର କରିବା, ପ୍ରତ୍ୟେକ ଲେଖକର ରଚନା ମଧ୍ୟରେ ଗୋଟିଏ ସମଗ୍ରତାକୁ ଗ୍ରହଣ କରିବା ଏବଂ ସେହି ସମଗ୍ରତା ମଧ୍ୟରେ ସମସ୍ତ ମନୁଷ୍ୟଙ୍କର ପ୍ରକାଶ ଚେଷ୍ଟାର ସମ୍ବନ୍ଧ ଦେଖିବା, ଏହି ସଙ୍କଳ୍ପ ସ୍ଥିର କରିବାର ସମୟ ଉପସ୍ଥିତ ।[୩]

'ତୁଳନାତ୍ମକ ସାହିତ୍ୟ' ଏପରି ପରିଭାଷାରେ ବହୁ ବାଦାନୁବାଦ । ସାହିତ୍ୟ କହିଲେ ଗପ, କବିତା, ନାଟକ, କାବ୍ୟ ପ୍ରଭୃତି ମୌଳିକ କୃତିକୁ ବୁଝାଏ । ତୁଳନା ଏପରି ସର୍ଜନଶୀଳ ରଚନାର ଆତ୍ମା ହୋଇ ନପାରେ । ତେଣୁ 'ତୁଳନାତ୍ମକ ସାହିତ୍ୟ' ବୋଲି ସେପରି କିଛି କବିକୃତି କ'ଣ ସମ୍ଭବ ? ଏପରି ଏକ ଯୁକ୍ତି ଓ ବିଚାରର ପକ୍ଷପାତୀ ଥିଲେ ଆଦ୍ୟ ବିଂଶ ଶତକର ପ୍ରସିଦ୍ଧ

କର୍ଣ୍ଣେଲ୍ ବିଶ୍ୱ ବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ବିଦ୍ୱାନ ଲେନ୍ କୂପର (Lane Cooper) । କିନ୍ତୁ, ଫ୍ରାନ୍ସରେ ଏକଦା 'ଲିଟରେଚର' ଶବ୍ଦର ଅର୍ଥ ଥିଲା ସାହିତ୍ୟର ଅଧ୍ୟୟନ । ତେଣୁ 'ଲିଟରେଚର' ଶବ୍ଦର ଅଧୁନାତମ ଅର୍ଥ ସାହିତ୍ୟ ବଦଳରେ ଏକଦା ପ୍ରଚଳିତ 'ଲିଟରାରି ଷ୍ଟଡ଼ି' ବା 'ସାହିତ୍ୟର ଅଧ୍ୟୟନ'ର ଅର୍ଥରେ 'ତୁଳନାତ୍ମକ ସାହିତ୍ୟ' (Comparative Literature) ପରିଭାଷାର ପ୍ରଚଳନ କରାଗଲା । 'ତୁଳନାତ୍ମକ ସାହିତ୍ୟ'ର ଅନ୍ୟ ପରିଭାଷା ଗୁଡ଼ିକ ହେଲା 'ସାଧାରଣ ସାହିତ୍ୟ' (General Literature), 'ଆନ୍ତର୍ଜାତିକ ସାହିତ୍ୟ' (International Literature) ଏବଂ ବିଶ୍ୱ ସାହିତ୍ୟ (World Literature) । ଫ୍ରାନ୍ସରେ ପ୍ରଥମେ ୧୮୨୯ ଖ୍ରୀଷ୍ଟାବ୍ଦରେ ଏହି ପରିଭାଷା ବ୍ୟବହାର ହୋଇଥିଲା ଭିଲେ ମେଁଙ୍କ (Villemain) ଦ୍ୱାରା ଏବଂ ୧୮୪୮ ମସିହାରେ ପ୍ରଥମେ ମାଥ୍ୟୁ ଆର୍ଣ୍ଣଲଡ଼ ଇଂରାଜୀରେ ଏହି ପରିଭାଷା ବ୍ୟବହାର କରିଥିଲେ । ତୁଳନାତ୍ମକ ସାହିତ୍ୟର ଆନୁଷ୍ଠାନିକ ଅଧ୍ୟୟନର ଇତିହାସ ଏବେକାର ଘଟଣା । ବିଶ୍ୱବିଦ୍ୟାଳୟ ସ୍ତରରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପ୍ରଥମ ପ୍ରଚେଷ୍ଟା ହୋଇଥିଲା ସମ୍ଭବତଃ ଫ୍ରାନ୍ସରେ । ସର୍ବୋ ବିଶ୍ୱବିଦ୍ୟାଳୟରେ ଖ୍ରୀଷ୍ଟାବ୍ଦ ୧୮୨୮ରେ ଏହାର ପ୍ରତିଷ୍ଠା କରିଥିଲେ କୁଳପତି ଦାଶ ଗୁଏସାଁ ।[୪]

ସାହିତ୍ୟ ମୂଳତଃ ଏକ ହେଲେ ବି, ତା'ର ପରିପ୍ରକାଶ ଭାଷା ସାପେକ୍ଷ । ଭାଷା ଭାଷା ମଧ୍ୟରେ ଯେଉଁ ବାବେଲ ପ୍ରାଚୀରଟି ଦଣ୍ଡାୟମାନ ତାହାହିଁ ତୁଳନାତ୍ମକ ସାହିତ୍ୟର ଭୂମିକା ନିର୍ମାଣ କରେ । ଏହି ବିଭିନ୍ନତା ମଧ୍ୟରେ ଅନ୍ତର୍ନିହିତ ଏକତାର ଉପାଦାନମାନ ବିଭିନ୍ନ ସାହିତ୍ୟ ସୂତ୍ରରୁ ନିରୂପଣ କରିବା ହିଁ ତୁଳନାତ୍ମକ ସାହିତ୍ୟର ମୂଳ ଅଭିପ୍ରାୟ ।[୫] ପୃଥିବୀର ବିଭିନ୍ନ ଭାଷାର ସାହିତ୍ୟ ମଧ୍ୟରେ ଯେପରି ତୁଳନା ସମ୍ଭବ, ସେପରି ଏକ ଭାଷାର ସାହିତ୍ୟର ବିଭିନ୍ନ ପର୍ଯ୍ୟାୟ ଓ ସ୍ରଷ୍ଟାମାନଙ୍କ ମଧ୍ୟରେ ତୁଳନା ଦେଇ ତୁଳନାତ୍ମକ ସାହିତ୍ୟ'ର ପ୍ରାସଙ୍ଗିକତାକୁ ସାବ୍ୟସ୍ତ କରେ । ଏପରିକି ଗୋଟିଏ ସ୍ରଷ୍ଟାର ବିଭିନ୍ନ କୃତି ତଥା ଏକ ନିର୍ଦ୍ଦିଷ୍ଟ ଭାଷାର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟର ସତୀର୍ଥ ସ୍ରଷ୍ଟାମାନଙ୍କ ମଧ୍ୟରେ ପାରସ୍ପରିକ ତୁଳନା ଅସାର୍ଥକ ନୁହେଁ । ତେବେ, ସାଧାରଣତଃ ତୁଳନାତ୍ମକ ସାହିତ୍ୟ କହିଲେ ଦୁଇ ପୃଥକ ଭାଷାର ସାହିତ୍ୟର ତୁଳନାତ୍ମକ ଅଧ୍ୟୟନକୁ ବୁଝାଯାଇଥାଏ ।

ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ବହୁବିଧ ପଦ୍ଧତି ମଧ୍ୟରୁ ପ୍ରଭାବ ଅଧ୍ୟୟନ (influence study) ଅନ୍ୟତମ । ଏକ ସାହିତ୍ୟ ଧାରା ବା କୃତିର ଅନ୍ୟ ଏକ ସାହିତ୍ୟର କୌଣସି କୃତି ବା ଧାରାକୁ କିପରି ଓ କାହିଁକି ପ୍ରଭାବିତ କରିଛି ତା'ର ଅଧ୍ୟୟନ ଏହି ପଦ୍ଧତିର ଅନ୍ତର୍ଭୁକ୍ତ । ଓଡ଼ିଆ କାବ୍ୟ, ନାଟକ, ଗୀତିକବିତାର ସୃଷ୍ଟି ଓ ବିକାଶଧାରା ଅଧ୍ୟୟନ ନିମନ୍ତେ ସଂସ୍କୃତ କାବ୍ୟ, ନାଟକ, ତଥା ଗୀତିକବିତା ସହିତ ତୁଳନା ଏକାନ୍ତ ପ୍ରୟୋଜନ । ତୁଳନାତ୍ମକ ସାହିତ୍ୟର ଅନ୍ୟ ଏକ ପଦ୍ଧତି ହେଲା ସମାନ୍ତରାଳ ଅଧ୍ୟୟନ (parallel study) । ଏକାଧିକ ଭିନ୍ନ ସଂସ୍କୃତିର ଶିଳ୍ପ ସ୍ରଷ୍ଟାମାନେ ସମାନ ପ୍ରକାର ଚିନ୍ତା ବା ସୃଷ୍ଟି ଭିନ୍ନ ଭିନ୍ନ କାଳଖଣ୍ଡରେ ବା ସମକାଳୀନ ଭାବେ ପାରସ୍ପରିକ ପ୍ରଭାବ ମୁକ୍ତ ହୋଇ କରିପାରି ଥା'ନ୍ତି । ଏହି ସୃଷ୍ଟି ବା ଚିନ୍ତାର ସାର୍ବଜନୀନତା ତଥା ଉତ୍କର୍ଷ ଅପକର୍ଷ ବିଚାର ଆଲୋଚନା ନିମନ୍ତେ ଅତ୍ୟାବଶ୍ୟକ ହୁଏ ତୁଳନାତ୍ମକ ପଦ୍ଧତି । କୌଣସି ଏକ ଜାତୀୟ ସାହିତ୍ୟର ଇତିହାସରେ ଏକ ସ୍ରଷ୍ଟାଙ୍କୁ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଦୃଷ୍ଟିକୋଣରୁ ଅଧ୍ୟୟନ କରାଯିବା ମଧ୍ୟ ତୁଳନାତ୍ମକ ସାହିତ୍ୟାଧ୍ୟୟନର ଅନ୍ୟତମ ବିଚାର । ଏହି ପଦ୍ଧତିକୁ ଆନ୍ତଃ ସାଂସ୍କୃତିକ ଦୃଷ୍ଟିକୋଣର ପାରସ୍ପରିକ ପ୍ରୟୋଗ ବୋଲି କୁହାଯାଇପାରେ ।[୬]

ଭାରତବର୍ଷ ବହୁ ଭାଷାର ଭୂମି, ଗୋଟିଏ କ୍ଷୁଦ୍ର ବିଶ୍ୱ ଯେପରି । ବିବିଧ ଭାଷା ସାହିତ୍ୟର ବହୁ ଖଣ୍ଡତାରେ ଅଖଣ୍ଡ ଭାରତବର୍ଷର ଆତ୍ମାର ନିବାସ । କାଳେ କାଳେ ସାହିତ୍ୟ ଓ ସଂସ୍କୃତିର ପାରସ୍ପରିକ ଭାବ ବିନିମୟ ଏହି ଆତ୍ମାକୁ ଆଲୋକିତ କରିଛି । ଏହା ହିଁ ଅବଶିଷ୍ଟ ବିଶ୍ୱକୁ ଭାରତବର୍ଷର ମହାନ ଶିକ୍ଷା ଓ ପ୍ରେରଣା । ତୁଳନାତ୍ମକ ସାହିତ୍ୟାଲୋଚନାର ମୁଖଶାଳା ହେଉଛି ଅନୁବାଦ । ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ କହନ୍ତି, "ଅନୁବାଦ ଗବାକ୍ଷ ଖୋଲେ । ନୂତନ ଆଖି ଗୁଡ଼ିକୁ ଯୋଗାଇ ଦିଏ ଏକ ବୃହତ୍ତର ପରିପ୍ରେକ୍ଷୀରେ ଆପଣାର କଳନା କରିପାରିବା ଲାଗି ତାହା ଆମକୁ ଏକ ସୁସ୍ଥ ତୁଳନାତ୍ମକ ମାନଦଣ୍ଡ ପ୍ରଦାନ କରେ । ଆମକୁ ଅନେକ ମିଛ ସ୍ୱୟଂ ସମ୍ପୂର୍ଣ୍ଣତା ବୋଧରୁ ରକ୍ଷା କରେ । ଏକ ସ୍ଥାନୀୟ ଭୂମି ଉପରେ ବିଚରଣ କରୁଥିଲେ ମଧ୍ୟ ତାହା ଆମକୁ ବିଶ୍ୱର ବୋଧ ଆଣିଦିଏ ।"[୭] ସାହିତ୍ୟ ମଧ୍ୟରେ ବିଶ୍ୱ ମାନବକୁ ପ୍ରତ୍ୟକ୍ଷ କରିବା ହିଁ ତୁଳନାତ୍ମକ ସାହିତ୍ୟର ଧର୍ମ । ଅଧିକନ୍ତୁ, କୌଣସି କବିଙ୍କର ଏକକ ମୂଲ୍ୟାୟନ ଅସମ୍ଭବ । ସାହିତ୍ୟର ଭାବ ବୈଚିତ୍ର୍ୟ ତଥା ଆଙ୍ଗିକ ଶିଳ୍ପ ସମୃଦ୍ଧିର ଅଧ୍ୟୟନ ଲାଗି ତୁଳନାତ୍ମକ ସାହିତ୍ୟ ହିଁ ପୁଷ୍କଳ ମାର୍ଗ । ତୁଳନାତ୍ମକ ସାହିତ୍ୟ କେବଳ ଏକାଧିକ ସାହିତ୍ୟ ମଧ୍ୟରେ ସାମ୍ୟ ବୈଷମ୍ୟ କିମ୍ବା ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରେନା, ତାହା ହୁଏ ଏକାଧିକ ସଂସ୍କୃତିର ଅଧ୍ୟୟନ । ସାଂସ୍କୃତିକ ପଟ୍ଟଭୂମିରେ ମଣିଷ ମନର ଗତି ପ୍ରଗତି, ପରମ୍ପରା ଓ ପୁରୋଦୃଷ୍ଟି ସବୁର ପରିଚୟ ମିଳେ । ସାମାଜିକ ବ୍ୟବସ୍ଥା, ଇତିହାସର କୁଟିଳ ଗତି ଓ ଜାତିର ସୁଖଦୁଃଖର ବର୍ଣ୍ଣିଳ ଦିଗ୍‌ବଳୟର ଆପେକ୍ଷିକ ଅବବୋଧ ତୁଳନାତ୍ମକ ସାହିତ୍ୟ ତୋଳି ଧରେ ।[୮]

ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନର ପ୍ରଥମାବସ୍ଥା ସାରଳା ମହାଭାରତ, ଦାଣ୍ଡି ରାମାୟଣ ଓ ଭାଗବତ ଆଦିର ମୂଲ୍ୟାୟନ ନିର୍ଭର ହୋଇ ରହିଥିଲା । ଏହି ଧରଣର ତୁଳନା ଲେଖକ ଓ ପାଠକମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । କେତେକ ସଂସ୍କୃତପ୍ରେମୀ ସଂସ୍କୃତରେ ରଚିତ ବ୍ୟାସଙ୍କର ମହାଭାରତ ଓ ଭାଗବତକୁ ଓଡ଼ିଆ ମହାଭାରତ ଓ ଭାଗବତ ସହ ତୁଳନା କରି ସଂସ୍କୃତ ରଚନାକୁ ଉଚ୍ଚ ମାନ୍ୟତା ପ୍ରଦାନ କରୁଥିଲେ । ବିଧିବଦ୍ଧ ଧାରା ଆରମ୍ଭ ହୋଇଥିଲା ଇନ୍ଦ୍ରଧନୁ ଓ ବିଜୁଳିର ଭାବ ସଂଘର୍ଷ ଦେଇ । ପରବର୍ତ୍ତୀ ସମୟରେ ଯଥାର୍ଥ ତୁଳନାତ୍ମକ ସାହିତ୍ୟ ଚର୍ଚ୍ଚା ସାରଳା ମହାଭାରତକୁ ଆଶ୍ରୟ କରି ସୃଷ୍ଟି ହୋଇଛି । ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଶ୍ରୀଭାରତ ଦର୍ପଣ' ପରି ଗୁଣାତ୍ମକ ତୁଳନାତ୍ମକ ସମାଲୋଚନା ବହୁ ମହାଭାରତ ଗବେଷକଙ୍କୁ ପ୍ରେରଣା ଯୋଗାଇଛି । ସେହିପରି ଡଃ ନରେନ୍ଦ୍ର ନାଥ ମିଶ୍ର ଦାଣ୍ଡି ରାମାୟଣକୁ ବାଲ୍ମୀକି ରାମାୟଣ ଓ ଅନ୍ୟାନ୍ୟ ଆଂଚଳିକ ରାମାୟଣ ସହ ତୁଳନା କରିବାର ସର୍ବପ୍ରଥମ ମାର୍ଗଦର୍ଶକ । ପରବର୍ତ୍ତୀ ସମୟରେ ଓଡ଼ିଆ ପୁରାଣ ଓ ସଂସ୍କୃତ ପୁରାଣ ମଧ୍ୟରେ ଅନେକ ତୁଳନାତ୍ମକ @ûf ÛP^ û_ Ëùÿ _ûAQö[୯] ମଧ୍ୟଯୁଗୀୟ ସାହିତ୍ୟର ବିଭିନ୍ନ କୃତି ଓ ଧାରାକୁ ନେଇ ତୁଳନାତ୍ମକ ଅଧ୍ୟୟନ ଅପ୍ରତୁଳ ନୁହେଁ । ଏ କ୍ଷେତ୍ରରେ ଡଃ ସୁଦର୍ଶନ ଆଚାର୍ଯ୍ୟଙ୍କ ଉଲ୍ଲେଖଯୋଗ୍ୟ ଆଲୋଚନା ଗ୍ରନ୍ଥ ହେଉଛି 'ଓଡ଼ିଆ କାବ୍ୟ କୌଶଳ' ।

ଓଡ଼ିଆ ସାହିତ୍ୟ ଓ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାର ସାହିତ୍ୟକୁ ନେଇ ତୁଳନାତ୍ମକ ଅଧ୍ୟୟନ ମଧ୍ୟ କିଛି ଊଣା ନୁହେଁ । ଡଃ ଅଜୟ କୁମାର ପଟ୍ଟନାୟକଙ୍କ ପ୍ରାକ୍ ସ୍ୱାଧୀନତା କାଳୀନ ହିନ୍ଦୀ ଓ ଓଡ଼ିଆ ଉପନ୍ୟାସର ତୁଳନାତ୍ମକ ବିଶ୍ଳେଷଣ ଏ ଧାରାର ଏକ ସ୍ମରଣୀୟ କୃତି । ସେହିପରି ରବୀନ୍ଦ୍ରନାଥ ମିଶ୍ରଙ୍କର 'ହିନ୍ଦୀ ଔର ଓଡ଼ିଆ ସନ୍ଥ ସାହିତ୍ୟକା ତୁଳନାତ୍ମକ ଅଧ୍ୟୟନ', ଡଃ ବନମାଳୀ ଦାସଙ୍କ 'ପ୍ରେମଚନ୍ଦ ଓ ଫକୀର ମୋହନ', ଡଃ କେତକୀ ମହାପାତ୍ରଙ୍କ ପ୍ରେମଚନ୍ଦ ଓ ଫକୀର ମୋହନଙ୍କ କଥା ସାହିତ୍ୟରେ ନାରୀ, ଡଃ ସୁଧାଂଶୁ କୁମାର ନାୟକଙ୍କ 'ସୁରଦାସ ଓ ଜଗନ୍ନାଥ ଦାସ' ଏବଂ 'ଆଧୁନିକ ହିନ୍ଦୀ ଓ ଓଡ଼ିଆ କବିତା' ଡଃ ଦାମୋଦର ମିଶ୍ରଙ୍କ 'ହିନ୍ଦୀ ଓ ଓଡ଼ିଆ ପ୍ରଗତିଶୀଳ କବିତା' ପ୍ରଭୃତି ଏ ଦିଗରେ ଏକ ଏକ ସଫଳ ପ୍ରୟାସ । ବଙ୍ଗଳା ସାହିତ୍ୟ ଓ ଓଡ଼ିଆ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନର ସଂଖ୍ୟା ଅପେକ୍ଷାକୃତ ବିପୁଳ । ଡଃ ହୃଷୀକେଶ ପଣ୍ଡାଙ୍କ 'ରବୀନ୍ଦ୍ର ସମକାଳୀନ ଓଡ଼ିଆ କବିତା', ଡଃ ଲକ୍ଷ୍ମୀଧର ଦାସଙ୍କ 'ବଙ୍କିମ ଚନ୍ଦ୍ର ଓ ଫକୀର ମୋହନ', ଡଃ ମନୋରଞ୍ଜନ ପ୍ରଧାନଙ୍କ 'କାହ୍ନୁଚରଣ ଓ ଶରତଚନ୍ଦ୍ରଙ୍କ ଉପନ୍ୟାସ', ଡଃ କୁଶ ନନ୍ଦଙ୍କ 'ବିଶ୍ୱକବି ରବୀନ୍ଦ୍ରନାଥ ଓ ଭକ୍ତକବି ମଧୁସୂଦନ', ସଂଗୀତା ଜେନାଙ୍କ 'ଗୋପୀନାଥ ଓ ତାରା ଶଙ୍କରଙ୍କ ଉପନ୍ୟାସ : ଏକ ତୁଳନାତ୍ମକ ଅଧ୍ୟୟନ ପ୍ରଭୃତି ଏହି ପରିପ୍ରେକ୍ଷୀରେ ବିଚାର୍ଯ୍ୟ । ବିଶେଷ କରି ହିନ୍ଦୀ ଓ ବଙ୍ଗଳାକୁ ଛାଡି ଦେଲେ ଅନ୍ୟାନ୍ୟ ଭାରତୀୟ ଭାଷା ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ଏକାଧିକ କାରଣରୁ ଏବେ ବି ଏକ ଅଗମ୍ୟ ଦିଗନ୍ତ ହୋଇ ରହିଛି ।

ଇଂରାଜୀ ଭାଷା ସାହିତ୍ୟର ଓଡ଼ିଆ ସାହିତ୍ୟରେ ପ୍ରଭାବ ଆଲୋଚନା ପଥ ଦେଇ ଓଡ଼ିଆ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଆନ୍ତର୍ଜାତୀୟ ଦିଗନ୍ତକୁ ସ୍ପର୍ଶ କରିଛି । ଅଣ ଏସୀୟ ଭାଷା ଭାବେ ପର୍ତ୍ତୁଗୀଜ୍‌ର ପ୍ରଭାବ ସଂସ୍ପର୍ଶ ଓଡ଼ିଆ ଭାଷା ପ୍ରଥମେ ଲାଭ କରିଥିଲେ ବି ଓଡ଼ିଆ ସାହିତ୍ୟ ଇଂରାଜୀ ସାହିତ୍ୟ ସଂସ୍କୃତି ଦ୍ୱାରା ଗଭୀର ପ୍ରଭାବିତ ହୋଇଥିଲା । ଇଂରେଜମାନଙ୍କ ଭାରତବର୍ଷରେ ଦୀର୍ଘ ଶାସନ ଏହାର ପ୍ରମୁଖ କାରଣ । ଶାସକର ଭାଷା ଭାବେ ଇଂରାଜୀ ଭାଷାର ଅସାମାନ୍ୟ ପ୍ରତିଷ୍ଠା । ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ମାଧ୍ୟମ ଥିଲା ଇଂରାଜୀ । ତେଣୁ ଇଂରାଜୀ ଭାଷା ସାହିତ୍ୟ ଓ ସଂସ୍କୃତି ଭାରତୀୟ ଭାଷା, ସାହିତ୍ୟ, ଶିକ୍ଷା, ସଂସ୍କୃତି ଓ ସମାଜକୁ ଗଭୀର ପ୍ରଭାବିତ କରିବା ଥିଲା ଅବଧାରିତ । ଓଡ଼ିଆ ସମେତ ବିଭିନ୍ନ ଭାରତୀୟ ସାହିତ୍ୟ ପାଶ୍ଚାତ୍ୟ ଚିନ୍ତାଧାରାକୁ ଇଂରାଜୀ ମାଧ୍ୟମରେ ଉପଲବ୍ଧି କରି ତାହାରି ପ୍ରଭାବରେ ଆତ୍ମିକ ଓ ଆଙ୍ଗିକ କ୍ଷେତ୍ରରେ ଆଣିଥିଲେ କେତେ କେତେ ରୂପାନ୍ତର । ଆଧୁନିକ ଓଡ଼ିଆ କାବ୍ୟ-ସାହିତ୍ୟରେ ଦେଖା ଯାଉଥିବା ପାଶ୍ଚାତ୍ୟ ପ୍ରଭାବ ଯଥାର୍ଥତଃ ଇଂରାଜୀ ପ୍ରଭାବ ଆକାରରେ ହିଁ ପ୍ରବେଶ କରିଥିଲା ।[୧୦] ନିର୍ଦ୍ଦିଷ୍ଟ ଭାବେ କୌଣସି ଇଉରୋପୀୟ ଭାଷାର ସାହିତ୍ୟ କୃତି ସହ ଭାରତୀୟ ସାହିତ୍ୟର ତୁଳନାକୁ କେତେକ ସମାଲୋଚକ[୧୧] ସେତେ ଫଳପ୍ରଦ ନୁହେଁ ବୋଲି ବିଚାର କରୁଥିଲେ ବି ମାୟାଧର ମାନସିଂହ ଏ ଦିଗରେ ଯଶସ୍ୱୀ ଉଦ୍ୟମ କରିଛନ୍ତି । ୧୯୬୯ ମସିହାରେ ତାଙ୍କର ପ୍ରକାଶିତ ଗବେଷଣା ନିବନ୍ଧ 'Kalidasa And Shakespeare'[୧୨] ଇଂରାଜୀ ଓ ସଂସ୍କୃତ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନରେ ଏକ ତାତ୍ପର୍ଯ୍ୟ ପୂର୍ଣ୍ଣ ସଂଯୋଜନ । ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗର ସ୍ରଷ୍ଟା ଓ ସୃଷ୍ଟି ସହ ଇଂରାଜୀ ଭାଷାର ଉଲ୍ଲେଖନୀୟ କୃତିକୁ ନେଇ ତୁଳନାତ୍ମକ ଅଧ୍ୟୟନ ହୋଇଆସିଛି । ଯଦିଓ ଅନ୍ୟାନ୍ୟ ଭାରତୀୟ ପ୍ରାନ୍ତୀୟ ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନର ପରିମାଣଠାରୁ ଏହା ଦର୍ଶନୀୟ ଭାବେ ସ୍ୱଳ୍ପ । ଅଧିକାଂଶ ତୁଳନାତ୍ମକ ଅଧ୍ୟୟନ ଇଂରାଜୀ ବା ଇଉରୋପୀୟ ସାହିତ୍ୟ କୃତିର ଓଡ଼ିଆ ଭାଷାର ସ୍ରଷ୍ଟା ଓ ସୃଷ୍ଟିରେ ପ୍ରଭାବ ପରିଣାମର ସ୍ୱରୂପକୁ ପ୍ରଦର୍ଶିତ କରିଅଛି । ଅଧିକନ୍ତୁ, ସମାନ୍ତରାଳ ଅଧ୍ୟୟନର ବି ଦୃଷ୍ଟାନ୍ତ ବିରଳ ନୁହେଁ । ଏସବୁ ତୁଳନାତ୍ମକ ଅଧ୍ୟୟନ କତିପୟ

ପ୍ରବନ୍ଧ, ପୁସ୍ତକ ତଥା ବିଶ୍ୱବିଦ୍ୟାଳୟର ଗବେଷଣା ନିବନ୍ଧ ରୂପେ ଆତ୍ମପ୍ରକାଶ କରିଛି । ତନ୍ମଧ୍ୟରୁ ନିଶାମଣି କରଙ୍କ 'Mayadhar Mansingh and English Romantic Poets: A Comparative Study Of The Moral Vision'[୧୩] ; ଡଃ ଚତ୍ତରଂଜନ ମିଶ୍ରଙ୍କ 'ତୁଳନାତ୍ମକ ପରିପ୍ରେକ୍ଷୀରେ ହାରଲ୍ଡ଼ ପିଂଟର ଓ ମନୋରଞ୍ଜନ ଦାସ'[୧୪] ଡଃ ବନମାଳୀ ବାରିକଙ୍କ 'ଏଡ଼ମଣ୍ଡ ସ୍ପେନସାର ଓ ଉପେନ୍ଦ୍ର ଭଂଜ : ଜୀବନାଦର୍ଶ ଓ କାବ୍ୟାଦର୍ଶ[୧୫]; ରବିଶଙ୍କର ମିଶ୍ରଙ୍କ 'ପରଜା ଓ ଥିଙ୍ଗସ୍ 'ଲ ଆପାର୍ଟ : ଆମ ଆଦିବାସୀ ବୋଧର ଏକ ତୁଳନାତ୍ମକ ଅଧ୍ୟୟନ'[୧୬] ଏବଂ 'କାଳପୁରୁଷ ଓ ଦ ୱେଷ୍ଟଲ୍ୟାଣ୍ଡର ଏକ ତୁଳନାତ୍ମକ ବିଚାର'[୧୭]; ଡଃ ଅଭିମନ୍ୟୁ ବର୍ଗୋଙ୍କ 'Guru Prasad's Writings on Eliot's Timeline: A Comparative Study on Guruprasad Mohanty and T.S. Eliot'[୧୮] ; ଯତୀନ୍ଦ୍ର ମୋହନ ମହାନ୍ତିଙ୍କ 'T.S. Eliot and Modern Oriya Poetry'[୧୯]; ଡଃ କୁଳମଣି ବେହେରାଙ୍କ ଗବେଷଣା ନିବନ୍ଧ 'ଇଂରାଜୀ ରୋମାଣ୍ଟିକ ଯୁଗୀୟ ସାହିତ୍ୟର ଆଲୋକରେ ସ୍ୱଭାବ କବି ଗଙ୍ଗାଧର ମେହେର'[୨୦]; ସଦାନନ୍ଦ ମେହେରଙ୍କ 'ଓ୍ୱସ୍କାର ୱାଇଲଡ଼ ଓ ମନୋଜ ଦାସ-ଏକ ତୁଳନାତ୍ମକ ଅଧ୍ୟୟନ'[୨୧]; ଡଃ ନୃସିଂହ ଷଡ଼ଙ୍ଗୀଙ୍କ 'ବିଶ୍ୱ ସାହିତ୍ୟରେ ଫକୀର ମୋହନ'[୨୨]; ଡଃ ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ 'ରାଧାନାଥଙ୍କ ଉପରେ ବୈଦେଶିକ ପ୍ରଭାବ'[୨୩] ପ୍ରଭୃତି ଅନ୍ୟତମ ।

ସାରଳା ଦାସ ଓଡ଼ିଆ ସାହିତ୍ୟର ଆଦିକବି । ଇଂରାଜୀ ଭାଷାର ଆଦିକବି ଜିଓଫ୍ରେଚସର । ଚସରଙ୍କ ସମୟ ଚତୁର୍ଦ୍ଦଶ ଶତାବ୍ଦୀ ଓ ପଂଚଦଶ ଶତାବ୍ଦୀ ହେଉଛି ସାରଳାଙ୍କ କାଳଖଣ୍ଡ । ତତ୍କାଳୀନ ସମୟ ଓ ସୁବିଧାକୁ ଲକ୍ଷ୍ୟକରି ନିର୍ବିବାଦରେ କୁହାଯାଇପାରେ ଯେ ସାରଳା ଦାସଙ୍କ ଉପରେ ଚସରଙ୍କ ପ୍ରଭାବ ପତନର କୌଣସି ସମ୍ଭାବନା ନାହିଁ । ତେଣୁ ଉଭୟଙ୍କ ସାହିତ୍ୟ କୃତିର ତୁଳନାତ୍ମକ ଅଧ୍ୟୟନ ଏକ ସମାନ୍ତରାଳ ଅଧ୍ୟୟନ ଯେ ହେବ ଏହା କହିବା ବାହୁଲ୍ୟ ମାତ୍ର । ତେବେ, ଏହି ଦୁଇ ଆଦିକବିଙ୍କୁ ନେଇ ତୁଳନାତ୍ମକ ବିଚାର ଆଲୋଚନା ଓଡ଼ିଶାରେ ପ୍ରକାଶ ପାଇଛି କି ? ସୌଭାଗ୍ୟର କଥା ଏହି ପ୍ରଶ୍ନର ଉତ୍ତର ଅସ୍ତିବାଚକ ।

ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଅନଙ୍ଗ ରେଖାର ମୁଖବନ୍ଧରେ ୧୯୬୦ ମସିହାରେ ଲେଖିଛନ୍ତି, "ଇଂରାଜୀ କବି ଚସର ଓ ସାରଳା ଦାସଙ୍କ ରଚନାରେ ସେଭଳି ସାମ୍ୟ ଦେଖିଲେ, ଜଣକ ଉପରେ ଅନ୍ୟର ପ୍ରଭାବ ପଡ଼ିଛି ବୋଲି କହିବା ଠିକ ହେବ ନାହିଁ, କିନ୍ତୁ ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ, ଜଗନ୍ନାଥ ଦାସ ଓ ଦୀନକୃଷ୍ଣ ଦାସଙ୍କ ରଚନାରେ ସାମ୍ୟ ଦେଖାଗଲେ,ଏହାକୁ 'ସମଭାବନାଶାଳିତା' ଦୃଷ୍ଟାନ୍ତ ନ କହି ପ୍ରଭାବର ପ୍ରକୃଷ୍ଟ ପ୍ରମାଣ ରୂପେ ଗ୍ରହଣ କରିବା ଅଧିକ ଯୁକ୍ତିଯୁକ୍ତ ହେବ ।[୨୪] ଚସର ଓ ସାରଳାଙ୍କ ସମ୍ପର୍କରେ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମାଙ୍କ ଏହି ତୁଳନାତ୍ମକ ଟିପ୍ପଣୀ ହିଁ ଚସର ଓ ସାରଳାଙ୍କୁ ନେଇ ଓଡ଼ିଶାରେ ପ୍ରଥମ ବିଧିବଦ୍ଧ ଚିନ୍ତନ ପ୍ରକାଶ । 'ଓଡ଼ିଆ ସାହିତ୍ୟର ଆଦିପର୍ବ'ର ଦ୍ୱିତୀୟ ଭାଗରେ ସମାଲୋଚକ ସୁରେନ୍ଦ୍ର ମହାନ୍ତି 'ସାରଳା ଓ ତାଙ୍କର କୃତି' ଶୀର୍ଷକରେ ଆଲୋଚନା କରିବାକୁ ଯାଇ ଲେଖିଛନ୍ତି, "ଗ୍ରୀକ୍ ସାହିତ୍ୟର ପୁରୋଭାଗରେ ଯେପରି ହୋମର୍ ଓ ଇଂରାଜୀ ସାହିତ୍ୟର ଆରମ୍ଭରେ ଚସରଙ୍କ ନାମ ପ୍ରତିଷ୍ଠିତ, ଓଡ଼ିଆ ସାହିତ୍ୟର ଉପୋଦ୍‌ଘାତରେ ସେହିପରି ସାରଳା ଦାସଙ୍କ ନାମ ସ୍ମରଣୀୟ । ଚସର (ଖ୍ରୀ.ଅ. ୧୩୪୦-୧୪୦୦) ଯେପରି ଇଂରାଜୀ ସାହିତ୍ୟକୁ ଫରାସୀ ଭାଷା ଓ ସାହିତ୍ୟର ନିର୍ଭରଶୀଳତା ଓ ଗୌଣତ୍ୱରୁ ମୁକ୍ତ କରି ଏକ ସ୍ୱକୀୟତା ସମ୍ପନ୍ନ ଭିତ୍ତି ଉପରେ ପ୍ରତିଷ୍ଠିତ କରିଥିଲେ, ସାରଳା ଦାସ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କୃତର ପ୍ରଭାବ ଓ ପ୍ରାଧାନ୍ୟରୁ ମୁକ୍ତକରି ତାହାକୁ ଏକ ସ୍ୱାତନ୍ତ୍ୟ ପ୍ରଦାନ କରିଥିଲେ । ମଧ୍ୟଯୁଗୀୟ ଇଂରାଜୀ-କଥିତ-ଭାଷା ଚସରଙ୍କ ପ୍ରୟୋଗ ଓ ଅନୁଶୀଳନରେ ମାର୍ଜିତ ହୋଇ ଯେପରି ଏକ ସାହିତ୍ୟିକ ସୌକୁମାର୍ଯ୍ୟ ଲାଭ କରିଥିଲା, ସାରଳାଙ୍କ ଲେଖନୀରେ କଥିତ ଓଡ଼ିଆ ଭାଷା ସେହିପରି ଏକ ସ୍ୱକୀୟତା ସମ୍ପନ୍ନ ଓ ସାବଲୀଳ ସୌନ୍ଦର୍ଯ୍ୟ ଲାଭ କରିଥିଲା ।"[୨୫]

ସୁରେନ୍ଦ୍ର ମହାନ୍ତିଙ୍କ ଉପରୋକ୍ତ ବିଚାର ଓ ମନ୍ତବ୍ୟ ଯେପରି ଥିଲା ଚସର ଓ ସାରଳାଙ୍କୁ ନେଇ ହେବାକୁ ଥିବା ତୁଳନାତ୍ମକ ଅଧ୍ୟୟନର ଉପୋଦ୍‌ଘାତ । ସୁରେନ୍ଦ୍ର ମହାନ୍ତିଙ୍କ ଏହି ଦିଗ୍‌ଦର୍ଶନ ସତ୍ତ୍ୱେ ଚସର ଓ ସାରଳାଙ୍କୁ ନେଇ ଯଥାର୍ଥ ତୁଳନାତ୍ମକ ଆଲୋଚନାର ଅୟମାରମ୍ଭ ତଥାପି ବିଳମ୍ବିତ ହୋଇଛି । ସେଥିପାଇଁ ଆଲୋଚକ ମଥୁରା ନାଥ ହୋତା ୧୯୯୩ ମସିହାରେ 'ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ଗବେଷଣାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ'[୨୬] ପ୍ରବନ୍ଧରେ କ୍ଷୋଭ ବ୍ୟକ୍ତ କରି ଲେଖିଥିଲେ , "ଓଡ଼ିଶାର ମହାକବି ଭାବରେ ସାରଳା ଦାସ ଆମର ନମସ୍ୟ । ତାଙ୍କର ମହାଭାରତ ଏକ ବିସ୍ମୟ । x x x ଓଡ଼ିଆ ସାହିତ୍ୟର ଇତିହାସକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି ଏହି କବିଙ୍କୁ ଗ୍ରୀକ୍ ସାହିତ୍ୟର ହୋମର ଓ ଇଂରାଜୀ ସାହିତ୍ୟର ଚସରଙ୍କ ସହ ତୁଳନା କରିବାର ଯେଉଁ ସୂଚନା 'ଓଡ଼ିଆ ସାହିତ୍ୟର ଆଦିପର୍ବରେ ଦେଇଥିଲେ, ତାହାକୁ ନେଇ ଏ ପର୍ଯ୍ୟନ୍ତ କୌଣସି ଗବେଷଣା କରାଯାଇ ନାହିଁ ।" କିନ୍ତୁ, ହୋତା ମହାଶୟଙ୍କ ଏହି କ୍ଷୋଭ ପ୍ରକାଶର ଠିକ୍ ପୂର୍ବରୁ 'ସମାଜ' ଦୈନିକରେ ୧୯୯୦ ମସିହା ନଭେମ୍ବର ମାସରେ ଡଃ ବାସୁଦେବ ଦାସଙ୍କ 'ଓଡ଼ିଆ ସାହିତ୍ୟର ଚସର : ସାରଳା ଦାସ' ନାମକ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା । ଏହା ହିଁ ଥିଲା ଚସର ଓ ସାରଳାଙ୍କ ସମ୍ପର୍କରେ ଓଡ଼ିଶାରେ

ପ୍ରଥମ ବିଧିବଦ୍ଧ ତୁଳନାତ୍ମକ ସମାଲୋଚନା । ପରେ ଉକ୍ତ ପ୍ରବନ୍ଧଟି ୧୯୯୪ ମସିହାରେ ଡଃ ଦାସଙ୍କ ଦ୍ୱାରା ପ୍ରକାଶିତ ପ୍ରବନ୍ଧ ସଂକଳନ 'ସମାଲୋଚନା ପ୍ରସଙ୍ଗ'ରେ[୨୭] ସ୍ଥାନିତ । ଏହି ପ୍ରବନ୍ଧରେ ଡଃ ଦାସ ସାରଳାଙ୍କ ସମୟ, ତାଙ୍କ ପାରିବାରିକ ଜୀବନ, ଶିକ୍ଷାଦୀକ୍ଷା ସହ ଚସରଙ୍କ ଜୀବନ ଓ ସମୟର ତୁଳନାତ୍ମକ ଆଲୋଚନା ଅତି ସଂକ୍ଷେପରେ କରିଛନ୍ତି । ତାଙ୍କ ମତରେ ସ୍ରଷ୍ଟା ଦ୍ୱୟଙ୍କ ସୃଷ୍ଟିରେ ସମକାଳୀନ ସମାଜର ଚିନ୍ତାଧାରା ଓ ସମାଜଚିତ୍ର ପରିପ୍ରକାଶ ସମ୍ଭବ ହୋଇପାରିଛି । ଅଧିକନ୍ତୁ "ଭିନ୍ନ ଭିନ୍ନ ସମାଜରେ ଆବିର୍ଭୂତ ହୋଇ ସମକର୍ମ ଓ ସମଧର୍ମ ଉଭୟେ ସାଧନ କରିଯାଇଛନ୍ତି ।"[୨୮] ଆଲୋଚକ ଚସରଙ୍କ ତିନୋଟି ପ୍ରମୁଖ ରଚନାର ପରିଚୟ ପ୍ରଦାନ କରି ସାରଳାଙ୍କ ତିନିଗୋଟି କୃତି ସହ ସେଗୁଡ଼ିକ ତୁଳନୀୟ ବୋଲି ସୂଚାଇ ଦେଇ ଲେଖିଛନ୍ତି, "ସାରଳା ଦାସଙ୍କର ଆଦ୍ୟ ରଚନା ରୂପେ 'ବିଲଙ୍କା ରାମାୟଣ' ବିବେଚିତ । ଏହା ଚସର କବିଙ୍କ 'କ୍ୟାଣ୍ଟରବରୀଟେଲସ୍' ସହିତ ତୁଳନୀୟ । 'ଦି ଲିଜେଣ୍ଡ ଅଫ୍ ଗୁଡ୍‌ଓ୍ୱିମେନ' ସହିତ 'ଚଣ୍ଡୀ ପୁରାଣ'କୁ ମଧ୍ୟ ସମକକ୍ଷ କରାଯାଇଥାଏ । x x x ଟ୍ରୟର ଯୁଦ୍ଧ ମହାଭାରତ ଯୁଦ୍ଧ ସହ ସମର ବର୍ଣ୍ଣନାର ଭାରସାମ୍ୟ ରକ୍ଷାକରେ । ବର୍ଣ୍ଣନା ଦୃଷ୍ଟିରୁ ଉଭୟ ସମର କାବ୍ୟ ।"[୨୯] ଆଲୋଚନା ପରିପ୍ରେକ୍ଷୀରେ ସେ ସୁରେନ୍ଦ୍ର ମହାନ୍ତିଙ୍କ 'ଓଡ଼ିଆ ସାହିତ୍ୟର ଆଦିପର୍ବ'ରେ ଥିବା ପୂର୍ବୋକ୍ତ ସୂଚନାକୁ ସ୍ମରଣକୁ ଆଣିଛନ୍ତି ଓ ଯାହା ମନେହୁଏ, ସୁରେନ୍ଦ୍ର ମହାନ୍ତିଙ୍କ ସେହି ପ୍ରାଥମିକ ସୂଚନା ଡଃ ଦାସଙ୍କୁ ଏପରି ଆଲୋଚନା ଲାଗି ପ୍ରେରିତ କରିଛି । ସେ ତାଙ୍କ ଆଲୋଚନାର ସମାପ୍ତିରେ ଲେଖିଛନ୍ତି, "ପ୍ରତିଭାର ବାସ୍ତବ ମୂଲ୍ୟାୟନ କଲେ ସାରଳା ଦାସ ଯେକୌଣସି ଗୁଣରେ ଜିଓଫ୍ରେଚସରଙ୍କ ଠାରୁ ନ୍ୟୁନ ନୁହନ୍ତି, ବରଂ ପ୍ରଯୁଜ୍ୟ– ଏହା ନିରାଟ ସତ୍ୟ ।[୩୦]

ଚସର ଓ ସାରଳାଙ୍କ ତୁଳନାତ୍ମକ ଅଧ୍ୟୟନର ଏକ ପ୍ରମୁଖ କୃତି ରୂପେ ୨୦୦୮ ମସିହାରେ ଆମେ ପାଉ ଭଗବତୀ ପ୍ରସାଦ ମହାପାତ୍ରଙ୍କ ପି.ଏଚ.ଡି ନିବନ୍ଧ । 'ଆଦିକବି ସାରଳା ଦାସ ଓ ଆଦିକବି ଜିଓଫ୍ରେ ଚସର : ଏକ ତୁଳନାତ୍ମକ ଅଧ୍ୟୟନ' ନାମରେ ନାମିତ ଏହି ଗବେଷଣାତ୍ମକ ନିବନ୍ଧ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରଫେସର ଡଃ ବାଉରୀବନ୍ଧୁ ସାହୁଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତହୋଇଥିଲା । ଗବେଷକ ଭଗବତୀ ପ୍ରସାଦ ମହାପାତ୍ର ପ୍ରଥମଥର ଲାଗି ଅପେକ୍ଷାକୃତ ଏକ ବୃହତ୍ତର ପ୍ରେକ୍ଷାପଟରେ ଚସର ଓ ସାରଳାଙ୍କ ସାହିତ୍ୟ କୃତିର ତୁଳନାତ୍ମକ ଚିତ୍ର ପ୍ରଦାନ କରିବାକୁ ପ୍ରୟାସ କରିଛନ୍ତି । ଦୁଇ ସାହିତ୍ୟର ପ୍ରାଚୀନ ଧାରା, ଉଭୟ ଦେଶରେ ଆଲୋଚ୍ୟ କାଳର ସାମାଜିକ, ରାଜନୀତିକ, ସାଂସ୍କୃତିକ ତଥା ଧାର୍ମିକ ବାତାବରଣ, ତଥା ଦୁଇ କବିଙ୍କ ବ୍ୟକ୍ତିଗତ ଜୀବନ– ଏସବୁର ଏକ ତୁଳନାତ୍ମକ ଆଲେଖ୍ୟ ଅଙ୍କନ ଏଥିରେ ଅନ୍ତର୍ଭୁକ୍ତ । ଉଭୟ କବିଙ୍କ କୃତି ସମୂହର ପରିଚୟ ପ୍ରଦାନ ଏବଂ ସେମାନଙ୍କ ଭାଷାଶୈଳୀ, ଛନ୍ଦ ନିର୍ମାଣ ଓ ଗଳ୍ପ ଗୁମ୍ଫନ କୌଶଳର ସଂକ୍ଷିପ୍ତ ଆଲୋଚନା ମଧ୍ୟ କରାଯାଇଛି । କିନ୍ତୁ, ଏହି ନିବନ୍ଧରେ ଦୁଇ ଆଦିକବିଙ୍କ ସମୟ, ରାଜନୀତି, ସମାଜ, ଧର୍ମ ସଂସ୍କୃତି, ସାହିତ୍ୟିକ ପୃଷ୍ଠଭୂମି ପ୍ରଭୃତି ଦିଗ ପ୍ରତି ଯେତିକି ଗୁରୁତ୍ୱ ପ୍ରଦାନ କରାଯାଇଛି ସେତିକି ଗୁରୁତ୍ୱ ପାଇନାହିଁ ସେମାନଙ୍କ ସାହିତ୍ୟିକ ବିଭବର ଯଥାର୍ଥ ତୁଳନାତ୍ମକ ମୂଲ୍ୟାୟନ ।

ପୁନଶ୍ଚ, ଆଲୋଚ୍ୟ ପ୍ରସଙ୍ଗକୁ ଅଧିକ ଋଦ୍ଧିମନ୍ତ କରିଛି ସତ୍ୟବ୍ରତ ଦାସ ଓ ପ୍ରଫେସର ଉଦୟନାଥ ସାହୁଙ୍କ ମିଳିତ ଉଦ୍ୟମରେ ପ୍ରସ୍ତୁତ 'Sarala-Homer-Chaucer'[୩୧] ପ୍ରବନ୍ଧ । ଏହି ସଂକ୍ଷିପ୍ତ ପ୍ରବନ୍ଧରେ ପ୍ରାବନ୍ଧିକ ଦ୍ୱୟ ହୋମର ଓ ଚସରଙ୍କୁ ଦରବାରୀ କବି (Court Poet) ଭାବେ ସୂଚୀତ କରି ସାରଳା ଦାସଙ୍କୁ ଲୋକମାନସର କବି (Poet of the People) ବୋଲି ବିଚାର ପ୍ରକଟ କରିଛନ୍ତି । ଅଧିକନ୍ତୁ, ଦୁଇ ପାଶ୍ଚାତ୍ୟ ଭାଷା ସାହିତ୍ୟର କୁଳବୃଦ୍ଧ (Grand Old Man) ସମୃଦ୍ଧ ଭାଷା ସାହିତ୍ୟିକ ପରମ୍ପରାର ବାହକ । ହୋମର ଓ ଚସର ଯଥାକ୍ରମେ ଗ୍ରୀକ୍ ଓ ଇଟାଲୀୟ ରେନେସାଁର ପ୍ରଭାବ ବଳୟର ସ୍ପର୍ଶ ଲାଭ ଧନ୍ୟ । କିନ୍ତୁ, ସାରଳାଙ୍କ ଠାରୁ ଓଡ଼ିଆ ଭାଷା ସାହିତ୍ୟର ସାର୍ଥକ ଅୟମାରମ୍ଭ । ସେ ନିଜେ ହିଁ ନିଜର ଆଦର୍ଶ । ଆଲୋଚକ ଦ୍ୱୟ ଏପରି ବିଚାର ବିବେଚନା ମଧ୍ୟ ଦେଇ ସାରଳା ସୃଷ୍ଟି ପ୍ରତିଭାର ବିଭିନ୍ନ ବୈଭବମଣ୍ଡିତ ଦିଗକୁ ଅତି ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି । ସର୍ବ ଶେଷରେ, ସାରଳାଙ୍କୁ ପାଶ୍ଚାତ୍ୟର ମହାନ ସ୍ରଷ୍ଟା ହୋମର ଓ ଚସରଙ୍କ ସହ ତୁଳନା କରିବା ଦ୍ୱାରା ସାରଳାଙ୍କ ଅନନ୍ୟ ଓ ଅନତିକ୍ରମଣୀୟ ସିଦ୍ଧିରେ ଯେ ଆଦୌ କୌଣସି ବୈଶିଷ୍ଟ୍ୟ ବୃଦ୍ଧି ହେବ ନାହିଁ, ଆଲୋଚକ ଦ୍ୱୟ ଏପରି ଏକ ସୈଦ୍ଧାନ୍ତିକ ଟିପ୍ପଣୀ ରଖିଛନ୍ତି ।[୩୨]

ତତ୍‌ପରେ ଚସର ଓ ସାରଳାଙ୍କ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନର ଧାରା ମଧ୍ୟକୁ ପ୍ରବେଶ କରନ୍ତି ଇଂରାଜୀ ଅଧ୍ୟାପିକା ଶତାବ୍ଦୀ ମଲ୍ଲିକ । ୨୦୧୨ ମସିହା ମାର୍ଚ୍ଚ ୩୦ ଓ ୩୧ ତାରିଖ– ଏହି ଦୁଇ ଦିନ ଧରି ପାରାଦ୍ୱୀପ ମହାବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଆୟୋଜିତ 'Medieval Orissan Renaissance and Saint Sarala Das: It's Social and Cultural Impacts' ନାମକ ଜାତୀୟ ସଂପାନରେ ଆଲୋଚିକା ସୁଶ୍ରୀ ମଲ୍ଲିକ 'Sarala Das and Chaucer : A Study Comparative and Contrasts' ଶୀର୍ଷକରେ ଏକ ପ୍ରବନ୍ଧ ପାଠ କରିଥିଲେ । ଦୁଇ କବିଙ୍କ ଜୀବନ ଜୀବିକାର ତୁଳନା, ସର୍ବୋପରି ସେମାନଙ୍କର ସମୟ ଓ ଏହାର ରାଜନୈତିକ, ସାମାଜିକ, ଏବଂ ସାଂସ୍କୃତିକ

ପରିପ୍ରେକ୍ଷୀ ସମୂହର ବିବରଣୀ ପ୍ରଦାନ ପୂର୍ବକ ଆଦିକବି ଦ୍ୱୟ ସ୍ୱ ସ୍ୱ ଭାଷାକୁ କିପରି ବଳିଷ୍ଠ ଭୂମି ଓ ପରିଚିତି ପ୍ରଦାନ କରି ତତ୍କାଳୀନ ସାଂସ୍କୃତିକ ନବ ଉତ୍‌ଥାନ ଭାବେ ସମ୍ମାନିତ, ତାହାର ସୂଚନା ପ୍ରାବନ୍ଧିକା ଦେଇଛନ୍ତି ।

'ସତ୍ୟବାଦୀ' ପତ୍ରିକାର ଫେବୃଆରୀ ୨୦୧୭ ସଂଖ୍ୟାରେ ଏହାପରେ ପ୍ରକାଶ ପାଏ ଏହି ଆଲୋଚକଙ୍କ ଲିଖିତ ପ୍ରବନ୍ଧ 'ଓଡ଼ିଆ ଓ ଇଂରାଜୀ ସାହିତ୍ୟର ଆଦିକବି : ଏକ ତୁଳନାତ୍ମକ ଆଲେଖ୍ୟ । ଚସର ଓ ସାରଳାଙ୍କ ସାହିତ୍ୟ ଓ ସମୟକୁ ନେଇ ଯେଉଁସବୁ ପ୍ରବନ୍ଧ ଏପର୍ଯ୍ୟନ୍ତ ରଚନା କରାଯାଇ ଆସିଥିଲା, ତନ୍ମଧ୍ୟରୁ ଆଲୋଚ୍ୟ ପ୍ରବନ୍ଧଟି ଦୁଇ କବିଙ୍କ ସମୟ ଓ ସାହିତ୍ୟିକ ଆଭିମୁଖ୍ୟ, ଚରିତ୍ର ନିର୍ମାଣ, ଗଳ୍ପ ଗୁମ୍ଫନ, ଭାଷା ଓ ଛନ୍ଦ ନିର୍ମାଣାଦି ପ୍ରସଙ୍ଗକୁ ବସ୍ତୁନିଷ୍ଠ ଭାବେ ଆଲୋଚନା ପରିସରଭୁକ୍ତ କରିଛି ।

ଚସର ଓ ସାରଳାଙ୍କୁ ଭିତ୍ତିକରି ଚାଲି ଆସିଥିବା ଆଲୋଚନାର ସଦ୍ୟତମ ସଂଯୋଜନ ହେଉଛି ଡଃ ବିଜୟ କୁମାର ଶତପଥୀଙ୍କ ପ୍ରବନ୍ଧ 'କାହାଣୀ କଳାର ବୈଚିତ୍ର୍ୟ : ଚସର ଓ ସାରଳା ଦାସ' । ୨୦୧୮ ମସିହା ମାର୍ଚ୍ଚ ୯ ଓ ୧୦ ତାରିଖରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ 'ସାରଳା ମହାଭାରତ ଆନ୍ତର୍ଜାତିକ ସଂପାନ'ରେ ସେ ଏହାକୁ ପାଠ କରିଥିଲେ ।

ଓଡ଼ିଶାରେ ଚସର ଓ ସାରଳା ସାହିତ୍ୟର ତୁଳନାତ୍ମକ ଅଧ୍ୟୟନର ଏହି ଧାରାକୁ ପରବର୍ତ୍ତୀ ସମୟରେ ଆଗକୁ ନିଅନ୍ତି ଡ. ଇନ୍ଦ୍ରମଣି ସାହୁ । 'ଜିଓଫ୍ରେ ଚସର ଓ ଆଦିକବି ସାରଳା ଦାସଙ୍କ ସାହିତ୍ୟିକ ବିଭବ : ଏକ ତୁଳନାତ୍ମକ ଅଧ୍ୟୟନ' ନାମକ ଗବେଷଣା ନିବନ୍ଧ ପ୍ରସ୍ତୁତ କରି ୨୦୨୧ ମସିହାରେ ବିଶ୍ୱଭାରତୀରୁ ଡକ୍ଟରେଟ୍ ଉପାଧି ଲାଭ କରନ୍ତି ସେ । ଆଦିକବିଙ୍କ ସ୍ଥାନ ଓ କାଳର ଚିତ୍ର ତଥା ଚରିତ୍ରର ତୁଳନାତ୍ମକ ଆଲୋଚନା ଏଥିରେ ସ୍ଥାନିତ ହେବା ସହ ଏହା କିପରି ସେମାନଙ୍କ ମନୋଭୂମି ଓ ଭାବମୂର୍ତ୍ତି ନିର୍ମାଣରେ ସହାୟକ ହୋଇଛି ତାହାର ଆକଳନ କରାଯାଇଛି । ଦୁଇ ସ୍ରଷ୍ଟାଙ୍କ ଜୀବନ ଧାରା, ପରିବାର, ଜୀବିକା ତଥା ସେମାନଙ୍କ ସାହିତ୍ୟିକ ପରିବେଶର ତୁଳନାତ୍ମକ ଚିତ୍ର ସଙ୍ଗେ ସଙ୍ଗେ ଦୁଇ ସାହିତ୍ୟ ସ୍ରଷ୍ଟାଙ୍କ ସାହିତ୍ୟିକ ବିଭବ ସବୁର ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ସେମାନଙ୍କ ବୈଶିଷ୍ଟ୍ୟ ଓ ବୈଭବର ଆକଳନ କରାଯାଇଛି ।

ଚସର ସାହିତ୍ୟର ପ୍ରାଥମିକ ସ୍ୱରୂପ ନର୍ବିବାଦ ନୁହେଁ । ସେହିପରି ସାରଳାଙ୍କ ସାହିତ୍ୟ ସମୟର କେତେ କେତେ ଅସ୍ତ୍ରୋପଚାର ସହ୍ୟ କରିଛି । ଅଧିକନ୍ତୁ, ବିଳଙ୍କା ରାମାୟଣର ପିତୃତ୍ୱ ବହୁ ବିବାଦ ବଳୟିତ । ଦୁଇ ସାହିତ୍ୟ, ବିଶେଷକରି ଚସରଙ୍କ ମୂଳ ଲେଖାକୁ ପଢ଼ିବା ଓ ବୁଝିବା ଅତୀବ ଆୟାସସାଧ୍ୟ । ଏ କ୍ଷେତ୍ରରେ ଚସରଙ୍କ ସାହିତ୍ୟର ଆଧୁନିକ ସଂସ୍କରଣ ଆମର ପ୍ରଧାନ ସହାୟକ । ସର୍ବୋପରି, ଦୁଇ ସ୍ରଷ୍ଟାଙ୍କ ସୃଷ୍ଟିର ବିପୁଳତା ଗବେଷକଙ୍କ ଲାଗି ଅନ୍ୟ ଏକ ଆହ୍ୱାନ । ସାରଳା ଦାସ ଓ ଚସରଙ୍କ ସମୟ, ସଂସ୍କୃତି ଓ ସୃଷ୍ଟିଶୀଳ ଦୃଷ୍ଟିରେ ବିଦ୍ୟମାନ ଦୃଶ୍ୟମାନ ପାର୍ଥକ୍ୟ । ଜଣେ ପୁରାଣର କବି ତ ଅନ୍ୟଜଣେ କାବ୍ୟକବିତାର ସ୍ରଷ୍ଟା । ଏସବୁ ଉଲ୍ଲେଖନୀୟ ପାର୍ଥକ୍ୟ ଓ ପ୍ରତିକୂଳତା ସତ୍ତ୍ୱେ ଦୁଇ ମହାନ ସ୍ରଷ୍ଟାଙ୍କ ଚିତ୍ତଭୂମିର ତୁଳନାତ୍ମକ ବିଚାର ବିଶ୍ଳେଷଣ ଦେଇ ସାର୍ବକାଳିକ ମାନବୀୟ ଗଭୀର ଅନୁଭବ ଓ ସତ୍ୟୋପଲବ୍ଧି ପାଇଁ ଉପର୍ଯ୍ୟୁକ୍ତ ସମସ୍ତ ଆଲୋଚକ-ଗବେଷକ ସାଧ୍ୟମତେ ଚେଷ୍ଟା କରିଛନ୍ତି । ଏହା ଓଡ଼ିଆ ତୁଳନାତ୍ମକ ସାହିତ୍ୟାଲୋଚନା ପାଇଁ ଯେ ଶୁଭଙ୍କର ଏବଂ ସେମାନଙ୍କର ସେହି ଉଦ୍ୟମ ଆଗାମୀ ଆଲୋଚକମାନଙ୍କ ଲାଗି ବିଶ୍ୱ-ଗବାକ୍ଷ ସବୁକୁ ଯେ ଉନ୍ମୁକ୍ତ କରିଦେବ, କହିବା ବାହୁଲ୍ୟ ମାତ୍ର ।

**ପ୍ରାନ୍ତଟୀକା:**


୧. F.W.Chandlar, Year Book and Comparative and General Literature vol.xv.1966

୨. ମିଶ୍ର ନରେନ୍ଦ୍ର ନାଥ,'ତୁଳନାତ୍ମକ ସାହିତ୍ୟର ଆଲୋକରେ ଓଡ଼ିଆ ସାହିତ୍ୟର ଚର୍ଚ୍ଚା'; "ଆଧୁନିକତା ଓ ଆଧୁନିକ ସାହିତ୍ୟ"; ପୃଷ୍ଠା-୧୩, ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ; ପ୍ରଥମ ସଂସ୍କରଣ ୧୯୭୬

୩. ଠାକୁର ରବୀନ୍ଦ୍ରନାଥ, 'ବିଶ୍ୱସାହିତ୍ୟ'; ପୃଷ୍ଠା-୭୦, ପ୍ରକାଶକ-ବିଶ୍ୱଭାରତୀ, ୧୯୮୧

୪. ଶୁକ୍ଳ ଅନନ୍ତ ଚରଣ, "ତୁଳନାତ୍ମକ ସାହିତ୍ୟ : କ'ଣ, କାହିଁକି ଓ କେବେ ?"; ତୁଳନାତ୍ମକ ସାହିତ୍ୟ (ଏକ ସଂପାନ); ଓଡ଼ିଶା ଗବେଷଣା ପରିଷଦ ଗ୍ରନ୍ଥମାଳା-୫; ପ୍ରକାଶକ- ଓଡ଼ିଶା ଗବେଷଣା ପରିଷଦ, କଟକ; ପ୍ରଥମ ସଂସ୍କରଣ ୧୯୮୪

୫. ମହାପାତ୍ର ଖଗେଶ୍ୱର, "ତୁଳନାତ୍ମକ-ସାହିତ୍ୟ: ସଂଜ୍ଞା ଓ ଶୃଙ୍ଖଳା"; ସମାଲୋଚନାର ଦିଗ ଦିଗନ୍ତ-୨; ପୃଷ୍ଠା-୮୦, ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ; ପ୍ରଥମ ପ୍ରକାଶ ୧୯୮୨

୬. ଶୁକ୍ଳ ଅନନ୍ତଚରଣ, "ତୁଳନାତ୍ମକ ସାହିତ୍ୟ : କ'ଣ, କାହିଁକି ଓ କେବେ ?"; ତୁଳନାତ୍ମକ ସାହିତ୍ୟ (ଏକ ସଂପାନ); ଓଡ଼ିଶା ଗବେଷଣା ପରିଷଦ ଗ୍ରନ୍ଥମାଳା-୫; ପ୍ରକାଶକ- ଓଡ଼ିଶା ଗବେଷଣା ପରିଷଦ, କଟକ; ପ୍ରଥମ ସଂସ୍କରଣ ୧୯୮୪

୭. ଦାସ ଚିତ୍ତରଂଜନ, "ଅନୁବାଦ ଓ ଓଡ଼ିଆ ସାହିତ୍ୟ"; କୋଣାର୍କ, ଏପ୍ରିଲ-୧୯୯୭

୮. Jhon Fletcher, 'The Criticism of Comparison: The approach through Comparative Literature And Intellectual History'; "Comparative Criticism"; page108 ; ed.Malcom Bradbury and David Palmer; London; Edward Arnold Publishers Ltd.1970

୯. ପ୍ରଧାନ ମନୋରଂଜନ, 'ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ଗବେଷଣା'; ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ, ବିଶ୍ୱଭାରତୀ ଦୀପିକା, ୧୭:୧୯୯୬-୯୭, ପୃଷ୍ଠା-୧୦୭-୧୦୮

୧୦. ନାୟକ କ୍ଷେତ୍ରବାସୀ, "ଆଧୁନିକ ଓଡ଼ିଆ କାବ୍ୟ-ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ (୧୮୦୩-୧୯୨୦)"; ପୃଷ୍ଠା-୪, ପ୍ରକାଶକ-ପୁସ୍ତକ ଭଣ୍ଡାର, ବ୍ରହ୍ମପୁର-୧୯୯୫

୧୧. ଡଃ ସାହୁ ଆଦିକନ୍ଦ, 'ଭାରତୀୟ ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନ'; "ତୁଳନାତ୍ମକ ସାହିତ୍ୟ"; ପୃଷ୍ଠା-୩୮, ଓଡ଼ିଆ ଗବେଷଣା ପରିଷଦ ଗ୍ରନ୍ଥମାଳା-୫; ଓଡ଼ିଶା ଗବେଷଣା ପରିଷଦ, କଟକ; ପ୍ରକାଶ କାଳ-୧୯୮୪

୧୨. Mansinha Mayadhar, "Kalidasa and Shakespeare"; publisher-Motilal Banarsidass, Delhi, First Edn.1969

୧୩. ବିଶ୍ୱଭାରତୀ ଦୀପିକା ୧୪:୧୯୯୩, ସଂପାଦକ-ଡଃ ନୀଳାଦ୍ରି ଭୂଷଣ ହରିଚନ୍ଦନ; ଓଡ଼ିଆ ବିଭାଗ, ବିଶ୍ୱଭାରତୀ

୧୪. ମିଶ୍ର ଚିତ୍ତରଂଜନ, "ସାମ୍ପ୍ରତିକ ସାହିତ୍ୟ ଓ ତତ୍ତ୍ୱବିଚାର"; ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ; ପ୍ରଥମ ସଂସ୍କରଣ-୨୦୧୫

୧୫. "ପୂର୍ବଭାରତୀୟ ରୀତି ସାହିତ୍ୟ-ଏକ ତୁଳନାତ୍ମକ ଅଧ୍ୟୟନ"; ସଂପାଦକ- ଗୌରାଙ୍ଗ ଚରଣ ଦାଶ; ଏସ୍. ବି. ପବ୍ଲିକେଶନସ୍, ବିନୋଦ ବିହାରୀ, କଟକ; ପ୍ରଥମ ପ୍ରକାଶ-୧୯୯୮

୧୬. ମିଶ୍ର ରବିଶଙ୍କର, 'ଟୀକା ଓ ଟିପ୍ପଣୀ'; ପ୍ରକାଶକ-ଏମ. ଆର. ପ୍ରେସ୍, ବରଗଡ଼; ପ୍ରଥମ ପ୍ରକାଶ-୨୦୦୫

୧୭. ତତ୍ରୈବ

୧୮. Bagarty Abhimanyu, "Vignettes of Literary Criticism" ; Publisher-Saraswati, Gourinagar, Bhubaneswar-2; First Edn.2016

୧୯. Mohanty Jatindra Mohan, "Tradition And Creativity" ; Publisher-Vidya, Bhubaneswar ; Revised and Enlarged Edition,2013

୨୦. ପିଏଚ.ଡି. ଗବେଷଣା ନିବନ୍ଧ; ମାର୍ଗ ଦର୍ଶକ- ମଣୀନ୍ଦ୍ର କୁମାର ମେହେର; ଉତ୍କଳ ବିଶ୍ୱବିଦ୍ୟାଳୟ, ୨୦୧୮

୨୧. ଏମ.ଫିଲ୍ ଗବେଷଣା ନିବନ୍ଧ, ମାର୍ଗଦର୍ଶକ- ଆଦିକନ୍ଦ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟ

୨୨. ଷଡ଼ଙ୍ଗୀ ନୃସିଂହ, 'ବିଶ୍ୱ ସାହିତ୍ୟରେ ଫକୀରମୋହନ'

୨୩. ପ୍ରଧାନ ମନୋରଂଜନ,'ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ଗବେଷଣା'; ବିଶ୍ୱଭାରତୀ ଦୀପିକା; ୧୭:୧୯୯୬-୯୭; ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ

୨୪. ବ୍ରହ୍ମା ଗୌରୀକୁମାର, ମୁଖବନ୍ଧ, ଅନଙ୍ଗରେଖା; ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର; ପ୍ରଥମ ପ୍ରକାଶ ୧୯୬୦

୨୫. ମହାନ୍ତି ସୁରେନ୍ଦ୍ର, 'ଓଡ଼ିଆ ସାହିତ୍ୟର ଆଦିପର୍ବ'; ପୃଷ୍ଠା-୯୧; କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ; ଅଷ୍ଟମ ସଂସ୍କରଣ-୨୦୦୪

୨୬. ହୋତା ମଥୁରା ନାଥ, ବିଶ୍ୱଭାରତୀ ଦୀପିକା, ୧୪:୧୯୯୩, ବିଶ୍ୱଭାରତୀ, ଶାନ୍ତିନିକେତନ-୧୯୯୩

୨୭. ଦାସ ବସୁଦେବ, 'ସମାଲୋଚନା ପ୍ରସଙ୍ଗ'; ଗୋକର୍ଣ୍ଣିକା ପ୍ରକାଶନୀ, ଜାରକା, ଯାଜପୁର; ପ୍ରଥମ ସଂସ୍କରଣ-୧୯୯୪

୨୮. ଦାସ ବସୁଦେବ, 'ଓଡ଼ିଆ ସାହିତ୍ୟର ଚସର : ସାରଳା ଦାସ'; 'ସମାଲୋଚନା ପ୍ରସଙ୍ଗ', ପୃଷ୍ଠା-୧୬; ଗୋକର୍ଣ୍ଣିକା ପ୍ରକାଶନୀ, ଜାରକା, ଯାଜପୁର; ପ୍ରଥମ ସଂସ୍କରଣ-୧୯୯୪

୨୯. ତତ୍ରୈବ, ପୃଷ୍ଠା-୧୯

୩୦. ତତ୍ରୈବ

୩୧. ଏଥନା ବୁକ୍ସ, ଭୁବନେଶ୍ୱର-୨

୩୨. Das Satyabrata, Sahoo Udayanath ; 'Sarala-Homer-Chaucer'; The great Indian Epic: Mahabharat in Orissa, Bengal and Assam ; Athena Books, Bhubaneswar-2; First Edn.-2010



ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ଶାନ୍ତିନିକେତନ,
ପଶ୍ଚିମବଙ୍ଗ-୭୩୧୨୩୫
ଦୂରଭାଷ : ୯୬୭୯୨୧୯୨୯୧
Email- imsahoo1976@gmail.com

ISSN -2583-147X (P), **Vol.- 9, Issue No.VIII, November 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଆ ପ୍ରବଚନରେ ସମାଜ ଓ ଜନଜୀବନର ଚିତ୍ର

**ଚୂଳରାଜ ମେହେର**

ଲୋକସାହିତ୍ୟର ଅବିଚ୍ଛେଦ୍ୟ ବିଭାଗମାନଙ୍କ ମଧ୍ୟରେ ଲୋକବାଣୀ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଲୋକସାହିତ୍ୟର ଅନ୍ୟାନ୍ୟ ବିଭାଗ ଯଥା ଲୋକଗୀତ, ଲୋକକାହାଣୀ ଓ ଲୋକନାଟକ ଆଦିରେ ଯେଉଁ ବୈଶିଷ୍ଟ୍ୟ ରହିଛି ଲୋକବାଣୀରେ ସେ ସମସ୍ତ ଗୁଣ ନିହିତ ଥିବା ସହ କିଛି ମୌଳିକତା ମଧ୍ୟ ପରିଦୃଷ୍ଟ ହୁଏ । ଯେହେତୁ ଲୋକସାହିତ୍ୟ ଲୋକସଂସ୍କୃତିର ମୌଖିକ ପରିପ୍ରକାଶ ତେବେ ଏହା ମୁଖରୁ ମୁଖକୁ ପ୍ରସାରିତ ହେବା ସମୟରେ କିଛି ମାତ୍ରାରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହେବା ସ୍ୱାଭାବିକ । ପୁନଶ୍ଚ ଲୋକସାହିତ୍ୟର ବିଶେଷତ୍ୱ ଅନୁସାରେ ସମୂହ ପ୍ରୟାସରୁ ଏହାର ସୃଷ୍ଟି ଏବଂ ପଲ୍ଲୀପ୍ରାଣତା ଓ ଅର୍ଥହୀନତା ଏହାର ଅନ୍ୟତମ ବିଶେଷତ୍ୱ । ମାତ୍ର ଲୋକବାଣୀ ଲୋକସାହିତ୍ୟର ଏପରି ଏକ ବିଭାଗ ଯାହାର ମୂଳ ରୂପ ଅନେକାଂଶରେ ଅପରିବର୍ତ୍ତିତ ଭାବରେ ଏଯାବତ୍ ମୁଖରୁ ମୁଖକୁ ପ୍ରସାରିତ ହୋଇଆସୁଛି । ପୁଣି ସମୂହ ଏହାର ସ୍ରଷ୍ଟା ବୋଲି ବିଚାର କରାଯିବା ଅପେକ୍ଷା ଅଜ୍ଞାତ ହେଲେ ହେଁ ଅନୁଭୂତି ସମ୍ପନ୍ନ ବ୍ୟକ୍ତିବିଶେଷ ହିଁ ଏହାର ସ୍ରଷ୍ଟା ବୋଲି ଗ୍ରହଣ କରାଯାଏ । ପୁନଶ୍ଚ ଅର୍ଥ ପରିପ୍ରକାଶ କ୍ଷେତ୍ରରେ ମଧ୍ୟ ଲୋକବାଣୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଏହି ଦୃଷ୍ଟିରୁ ବିଚାର କଲେ ଲୋକବାଣୀ ଅନ୍ତର୍ଗତ 'ପ୍ରବଚନ' ଉପ-ବିଭାଗଟି ଏକ ବିଶେଷ ଆକର୍ଷଣ ଯାହା ସ୍ୱତନ୍ତ୍ର ଆଲୋଚନା ଦାବି କରେ । ପ୍ରବଚନ ଶବ୍ଦଟି ଇଂରାଜୀ ଶବ୍ଦ proverb ପ୍ରତିଶବ୍ଦ, ଯାହା ଲାଟିନ ଶବ୍ଦ proverbium ରୁ ଆସିଅଛି ଯାହାର ଅର୍ଥ 'ଲୋକରେ ବ୍ୟବହୃତ' କିନ୍ତୁ ଲୋକରେ ବ୍ୟବହୃତ ଯେକୌଣସି ଉକ୍ତିକୁ ପ୍ରବଚନର ଆଖ୍ୟା ଦିଆଯାଇ ନପାରେ । 'ବଚନ' ଶବ୍ଦରେ 'ପ୍ର' ଉପସର୍ଗ ଲାଗି 'ପ୍ରବଚନ' ଶବ୍ଦ ସୃଷ୍ଟି ଯେଉଁଥିରେ 'ପ୍ର' ଶବ୍ଦ ପ୍ରକୃଷ୍ଟ ବା ଉତ୍କୃଷ୍ଟ ଅର୍ଥରେ ବ୍ୟବହୃତ ହୁଏ । ତେବେ ଏକ ସାର୍ବଜନୀନ ମୂଳବୋଧ ଥାଇ ସର୍ବଦା ସେହି ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ପ୍ରକୃଷ୍ଟ ବଚନକୁ ପ୍ରବଚନ କହିପାରିବା । ଉକ୍ତ ପ୍ରବଚନର ସ୍ରଷ୍ଟା ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ହେଲେ ହେଁ ଆବେଦନ ଦୃଷ୍ଟିରୁ ତାହା ସର୍ବଗ୍ରାହ୍ୟ ହୋଇଥିବାରୁ ସର୍ବସାଧାରଣ ଦ୍ୱାରା ସବୁକାଳରେ ଗ୍ରହଣୀୟ ଓ ସ୍ୱୀକୃତ । ଏ ସମ୍ପର୍କରେ ମତ ଦେଇ ଡ. ନଟବର ସାମନ୍ତରାୟ ଯାହା କୁହନ୍ତି ତାହା ବେଶ୍ ପ୍ରଣିଧାନ ଯୋଗ୍ୟ । "ଜାତି ବା ବ୍ୟକ୍ତିବିଶେଷର ଗଭୀର ଅନ୍ତର ପ୍ରଦେଶରୁ କୌଣସି ଚିନ୍ତାଧାରା ନିଃସୃତ ହୋଇ ଯେତେବେଳେ ଲୋକରେ ଜନପ୍ରିୟତା ଅର୍ଜନ କରେ ସେତେବେଳେ ତାହା ପ୍ରବଚନର ଗୌରବ ଲାଭ କରେ । ଲୋକଙ୍କ ଦ୍ୱାରା ସତ୍ୟ ବୋଲି ଅନୁମୋଦିତ ତଥା ଗୃହୀତ ନ ହେଲେ କୌଣସି ବିଶିଷ୍ଟ ଚିନ୍ତା ପ୍ରବଚନ ପଦବୀରେ ଆରୁଢ଼ ହୋଇ ନପାରେ ।" (ଓଡ଼ିଆ ପଲ୍ଲୀ ସାହିତ୍ୟ, ଡ଼ ନଟବର ସାମନ୍ତରାୟ, ପୃଷ୍ଠା – ୪୨)

ପ୍ରବଚନ ସଂପର୍କରେ ଆଲୋଚନା କଲାବେଳେ ସ୍ୱତଃ ପ୍ରବାଦ ସପ୍ରସଙ୍ଗ ଯୋଡ଼ି ହୋଇଯାଏ । ସ୍ଥୁଳଦୃଷ୍ଟିରୁ ବିଚାର କଲେ ପ୍ରବାଦ ଓ ପ୍ରବଚନ ମଧ୍ୟରେ ବିଶେଷ ତାରତମ୍ୟ ପରିଲକ୍ଷିତ ହୋଇ ନ ଥାଏ । ଉଭୟଙ୍କ ଲକ୍ଷ୍ୟ ଏକ ଏବଂ ସମାନ ଅଭୀପ୍ସାରୁ ଉଭୟଙ୍କ ସୃଷ୍ଟି । ତେବେ ସୂକ୍ଷ୍ମ ଦୃଷ୍ଟିରୁ ଯଦି ବିଚାର କରାଯାଏ ତେବେ ପ୍ରବାଦ ଓ ପ୍ରବଚନ ମଧ୍ୟରେ ସାମାନ୍ୟ ପ୍ରଭେଦ ହେଉଛି ପ୍ରବାଦ ପଛରେ ଏକ କାହାଣୀ ସଂଯୋଜିତ ହୋଇଥାଏ ଯାହା କିମ୍ବଦନ୍ତୀ କିମ୍ବା ଜନଶ୍ରୁତି ମୂଳକ ହୋଇଥାଏ ମାତ୍ର ପ୍ରବଚନ କ୍ଷେତ୍ରରେ କାହାଣୀ ଅପେକ୍ଷା ଉକ୍ତିର ପରିପ୍ରକାଶ ହିଁ ଥାଏ । କିନ୍ତୁ ଲୋକବାଣୀ ରୂପରେ ଉଭୟ ପ୍ରବାଦ ଓ ପ୍ରବଚନ ନିଜସ୍ୱ ଗୁରୁତ୍ୱ ରହିଛି । ପ୍ରାସଙ୍ଗିକ ଭାବରେ ପ୍ରବଚନ କଥା ଆଲୋଚନା କଲେ, ମାନବର ଚାଲିଚଳଣିରେ ଅସଙ୍ଗତି, ଅସ୍ୱାଭାବିକତା, ସମାଜର ମାନବ ମାନବ ମଧ୍ୟରେ ବିକୃତି ଲକ୍ଷ୍ୟ କରାଯିବା ସମୟରେ ଯେପରି ଏହାର ପ୍ରୟୋଗ ହୋଇଛି, ସାମାଜିକ ଜୀବନକୁ ସୁସ୍ଥ ସୁନ୍ଦର କରିବା କ୍ଷେତ୍ରରେ ସେହିପରି ପ୍ରବଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଏହି ପ୍ରବଚନର ମୁଖ୍ୟତଃ ଦୁଇଟି ରୂପ ଦୃଷ୍ଟିଗୋଚର ହୋଇଥାଏ । ଯଥା– ଗଦ୍ୟରୂପ ଓ ପଦ୍ୟରୂପ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏସବୁ ସତ୍ତ୍ୱେ ଧ୍ୱନି ବାକ୍ୟର ବୈଶିଷ୍ଟ୍ୟ ଓ ମହତ୍ୱ ଏଥିରେ ସୁରକ୍ଷିତ ରହିଥାଏ । ପ୍ରବଚନର ପରିସର କଥା ବିଚାର କଲେ ଏହା ଅତ୍ୟନ୍ତ ବ୍ୟାପକ । ସାମାଜିକ ଜୀବନର ବହୁବିଧ ରହସ୍ୟ ଏଥିରେ ଉନ୍ମୋଚିତ । ଏହା ସହ ବହୁବିଧ ବିଷୟ ମଧ୍ୟ ଏଥିରେ ଲୁପ୍ତ ବା ଲୁକ୍କାୟିତ । ପ୍ରବଚନ ଦୈନନ୍ଦିନ ଜୀବନ ପାଇଁ ଯେପରି ଉପାଦେୟ ସେହିପରି କୌତୁହଳ । ଏହି କାରଣରୁ ଏହାର ବିବିଧ ବୈଶିଷ୍ଟ୍ୟଗୁଡିକ ମଧ୍ୟ ଅତ୍ୟନ୍ତ ଜୀବନ୍ତ ଓ ରସଯୁକ୍ତ ।

**ଓଡ଼ିଆ ପ୍ରବଚନରେ ଜନଜୀବନର ଚିତ୍ର :**

ପଲ୍ଲୀର ଜୀବନଧାରା ଉପରେ ପ୍ରବଚନର ପ୍ରଭାବ ବେଶ୍ ଗଭୀର ଓ ସ୍ପଷ୍ଟ । ପଲ୍ଲୀବାସୀ ତାଙ୍କର ଦୈନନ୍ଦିନ କର୍ମମୟ ଜୀବନରେ ଏହି ପ୍ରବଚନକୁ ବିଭିନ୍ନ ଅବସ୍ଥାରେ ଓ କାର୍ଯ୍ୟ କ୍ଷେତ୍ରରେ ବ୍ୟବହାର କରିଥା'ନ୍ତି । ଉତ୍କଳୀୟ ସଂସ୍କୃତି ଓ ଜନଜୀବନ ସହିତ ଉକ୍ତ ପ୍ରବଚନ କିପରି ଓତଃପ୍ରୋତ ଭାବରେ ଜଡିତ ତାକୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗରୁ ଆଲୋଚନା କରାଯାଇପାରେ ।

**୧) ଭାଗ୍ୟ ଓ କର୍ମବାଦ :**

ଉତ୍କଳୀୟମାନେ ଗଭୀର ଭାବରେ ଭାଗ୍ୟବାଦୀ ଓ କର୍ମବାଦୀ । ଭାଗ୍ୟ ଦ୍ୱାରା ମାନବ ପରିଚାଳିତ ଏହିପରି ଏକ ବିଶ୍ୱାସ ଯେପରି ବଳବତ୍ତର ସେହିପରି କର୍ମଫଳ ଭୋଗକରିବା ପାଇଁ ମାନବର ଯେ ଧରାବତରଣ ଏପରି ଏକ ଚିନ୍ତାଧାରା ଉତ୍କଳୀୟମାନଙ୍କ ପାଇଁ ହୃଦୟରେ ଚିରକାଳ ବିଦ୍ୟମାନ ହୋଇ ରହିଛି । ସଂସ୍କୃତି ଓ ନୀତିନିୟମ ମଧ୍ୟରେ ଆବଦ୍ଧ ମଣିଷ କେତେବେଳେ ଦୁର୍ବଳ ମୂହୁର୍ତ୍ତରେ ଏହି ଚିରନ୍ତନ ସତ୍ୟ ଦୁଇଟିକୁ ପାସୋରି ଦିଏ । ସେଥିପାଇଁ ସେ ତାକୁ ପ୍ରବଚନରେ ସଂଯୋଜିତ କରି ଚିର ସ୍ମରଣୀୟ କରିପାରିଛି । ଭାଗ୍ୟ ଓ କର୍ମବାଦ ସମ୍ପର୍କୀୟ ପ୍ରବଚନ ଉଭୟ ପଦ୍ୟ ଓ ଗଦ୍ୟ ରୂପରେ ଦେଖିବାକୁ ମିଳେ, ଯେଉଁଥିରୁ କେତେକ ସଂଗୃହିତ ତ କେତେକ ମୁଖରୁ ମୁଖକୁ ପ୍ରସାରିତ । ଯେପରି–

"କପାଳ ଲିଖନ, କେ କରିବ ଆନ ।"
"ଅଭାଗା କପାଳକୁ ସମୁଦ୍ର ସୁଖେ ।" (ଭାଗ୍ୟବାଦ)
"ବସି ଖାଇଲେ ନଈ ବାଲି ସରେ ।"
"ବସିବା ଠାରୁ କାଶିବା ଭଲ ।" (କର୍ମବାଦ)

**୨) ଦାର୍ଶନିକତା :**

ପ୍ରବାଦ ଓ ପ୍ରବଚନ ସ୍ରଷ୍ଟା ବ୍ୟକ୍ତି ହେଉ କିମ୍ବା ଗୋଷ୍ଠୀ ସେମାନେ ଜଣେ ଜଣେ ଦାର୍ଶନିକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜୀବନର ନିଷ୍ଠୁର ଓ ବାସ୍ତବ ସତ୍ୟକୁ ସେମାନେ ନିରପେକ୍ଷ ଭାବରେ ଏଥିରେ ପରିବ୍ୟକ୍ତ କରିଛନ୍ତି । ଜୀବନକୁ ଯେଭଳି ଭାବରେ ଅନୁଭବ କରିଛନ୍ତି, ପରଖିଛନ୍ତି ସେଭଳି ଭାବରେ ଏଥିରେ ପ୍ରକାଶ ମଧ୍ୟ କରିଛନ୍ତି । ତେଣୁ ଏହି ବଚନଗୁଡ଼ିକ ପୁରାତନ ହୋଇ ମଧ୍ୟ କାଳଜୟୀ । ଯଥା–

"ଆସିଲି ଏକା ଯିବି ପୁଣି ଏକା,
ସଙ୍ଗରେ ନ ଯିବେ ପିଲା ପିଚିକା ।"
"କାଳର ଅଟେ ବିପରୀତ ରୀତି,
ଦଣ୍ଡକେ କୋରଡ଼ ଦଣ୍ଡକେଛତି ।"

**୩) ପାରିବାରିକ ଚିତ୍ର :**

ଓଡ଼ିଆ ଲୋକସାହିତ୍ୟର ଅନ୍ୟ ବିଭାଗରେ ଯେପରି ପାରିବାରିକ ଚିତ୍ର ଅତ୍ୟନ୍ତ ପ୍ରାଞ୍ଜଳ ସେହିପରି ଲୋକବାଣୀ ଓ ଅନୁରୂପ ଭାବରେ ପ୍ରବଚନରେ ମଧ୍ୟ ଦୃଷ୍ଟିଗୋଚର ହୁଏ । ପରିବାରର ମୌଳିକ କର୍ତ୍ତବ୍ୟ, କ୍ରିୟାକଳାପ, ରୀତିନୀତି ସୂଚିତ ହେବା ସଙ୍ଗେ କିପରି ପାରିବାରିକ ଜୀବନକୁ ସୁସ୍ଥ ଓ ସୁନ୍ଦର କରାଯାଇ ପାରିବ ସେ ସଂପର୍କରେ ଯଥାର୍ଥ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ଯଥା–

"ମାଆ ଆଗରେ ଯେ ପୁଅକୁ ମାରେ ତାକୁ ଜାଣିବ ବାପା,
ମଝି ଅଗଣାରେ ଯେ ଦୁମ୍‌ଦୁମ୍ ଚାଲେ ତାକୁ ଜାଣିବ ଅପା ।"
"ଗାଆଁ ପରିଗୁଣ ଧୋବାତୁଠରୁ ଦିଶେ
ଇନ୍ଦୁ ପରିଗୁଣ ଅଧାବାଟରୁ ହସେ
ଏଣ୍ଡୁ ପରିଗୁଣ ପାଞ୍ଚରେ ବସେ
ପୁଅ ପରିଗୁଣ ବାପକୁ ପୋଷେ ।"

**୪) ସାମାଜିକବର୍ଗର ପରିଚିତି :**

କେତେକ ବିଶେଷ ପ୍ରବଚନ ମଧ୍ୟରେ ସମାଜରେ ବସବାସ କରୁଥିବା ବିଭିନ୍ନ ଜାତି ଓ ନରନାରୀମାନଙ୍କ ପରିଚୟ ପ୍ରଦାନ କରାଯାଇଛି ଯାହାର ସାମାଜିକ ଆବେଦନ ଖୁବ୍ ତୀକ୍ଷ୍ଣ । ଏଥିରେ ପ୍ରଦତ୍ତ ଲକ୍ଷଣରୁ ପ୍ରତ୍ୟେକ ଜାତିର ଏକ ସାଧାରଣ ପରିଚିତି ପାଇବା ସହ ସେମାନଙ୍କ କର୍ମ ଉପରେ ମଧ୍ୟ ଧାରଣା ମିଳେ । କିନ୍ତୁ ଏଥିରେ କୌଣସି ଜାତିକୁ ଉତ୍କୃଷ୍ଟ କିମ୍ବା ନିକୃଷ୍ଟ କରିବାର ଲକ୍ଷ୍ୟ ନ ରଖି ସ୍ରଷ୍ଟା ନିଛକ ରୂପ ପ୍ରଦାନ କରିଥାଏ ।

କରଣ ଜାତି – ମହାନ୍ତି ଜାତି,

କରଜ ପାଇଲେ କିଣନ୍ତି ହାତୀ ।

ବ୍ରାହ୍ମଣ ଜାତି – ଖେତ୍ ଖାଏ ସମନା ଲଟା ।

ଗାଆଁ ଖାଏ ବାହ୍ମନା ବେଟା ।

କୁମ୍ଭାର ଜାତି – କୁମ୍ଭାର ଘର ବୋହୂ,

ଝାଟିକି ନ ଗଲେ ମାଟିକି ଯାଉ ।

**୫) ନାରୀଚିତ୍ର ଓ ପରକୀୟା ପ୍ରୀତିର ଅସାରତା :**

ଉକ୍ତ ପ୍ରବଚନରେ ନାରୀ ପରିଚିତିକୁ ମଧ୍ୟ ସ୍ୱତନ୍ତ୍ର ଭାବରେ ଲକ୍ଷ୍ୟ କରି ହେବ । ଏଥିରେ ବର୍ଣ୍ଣିତ ଲକ୍ଷଣରୁ ନାରୀର ଯଥାର୍ଥ ପରିଚୟ ମିଳିଥାଏ । କେଉଁ ଚରିତ୍ରର ନାରୀ କିପରି ନିଜର ସ୍ୱଭାବକୁ ପ୍ରକାଶ କରେ ତାହା ବର୍ଣ୍ଣିତ । ଏହାସହ ପରକୀୟା ପ୍ରୀତିର ଅସାରତାକୁ ମଧ୍ୟ ଲକ୍ଷ୍ୟ କରିହେବ ଯାହା ଯେତିକି କୌତୁହଳ ସେତିକି ଶିକ୍ଷଣୀୟ ଅଭିବ୍ୟକ୍ତି ମଧ୍ୟ । ଯଥା–

କାମାତୁର ନାରୀ – "ମନକୁ ହସେ ଡୋଳାକୁ ଖୋଷେ

ଅନ୍ୟକୁ ଅନାଇ ଘଡ଼ିଏ ବସେ

ଭୂଇଁକୁ ଚାଷୀ ତୁଚ୍ଛାକୁ ରୁଷେ

ନାସିକା ଫୁଲାଇ ଅଳପ କାଶେ ।"

ସ୍ୱେଚ୍ଛାଚାରୀ ନାରୀ – "ଯେବେ ପାଇଥିବ ଘଇତା ବୁକୁ

ନୀତି ସଜ ହୁଏ ବାପ ଘରକୁ ।"

ପରକୀୟା ପ୍ରୀତିର ଅସାରତା – "ଅଢ଼େଇ ଦିନକୁ ବଢ଼େଇ ଘଇତା, ଝୁରି ମରିବାକୁ କଲା ବିଧାତା ।"

**୬) ସାମାଜିକ ନୀତିନିୟମ ଚିତ୍ର :**

ଏତଦ୍‌ବ୍ୟତୀତ ପ୍ରବଚନରେ କେତେକ ଉପଯୋଗୀ ଉପଦେଶ ମଧ୍ୟ ରହିଛି ଯାହା ଗ୍ରାମୀଣ ଜୀବନକୁ ବିଶେଷ ଭାବରେ ପ୍ରଭାବିତ ଓ ଉନ୍ନତ ମଧ୍ୟ କରିପାରିଛି । ଏହି ଆଧାରରେ କୁହାଯାଇ ପାରେ ଯେ ସାମାଜିକ ନୀତିନିୟମର ଚିତ୍ର ମଧ୍ୟ ଏଥିରେ ବେଶ ସଫଳ ଭାବରେ ରୂପାୟିତ ହୋଇଛି । ଯଥା–

"ରାତି ଦହିଖିଆ ଜରକୁ

ଟିକିରା ଚାଷ କରକୁ

ଗାଆଁମୁଣ୍ଡି ଘର ଚୋରକୁ

ବୁଢ଼ାକାଳ ବିଭା ପରକୁ ।"

ଆଲୋଚ୍ୟ ବିଭିନ୍ନ ପ୍ରସଙ୍ଗ ସହିତ ଅନାଲୋଚିତ ଅର୍ଥନୀତି, ବାଣିଜ୍ୟ, ଖାଦ୍ୟ, ସ୍ୱାସ୍ଥ୍ୟ, ସଂସ୍କୃତି ଓ ପରମ୍ପରା ଆଦି ଅନେକ ପ୍ରସଙ୍ଗକୁ ଆଲୋଚନା କରାଯାଇପାରେ । ମୋଟାମୋଟି ଭାବରେ ଆଲୋଚନାରୁ ଏତିକି ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ, ପ୍ରବଚନରେ ସମାଜ ଓ ଜନଜୀବନର ଚିତ୍ର ଅତ୍ୟନ୍ତ ସଫଳ ଭାବରେ ରୂପ ପାଇଛି ଏବଂ ଲୋକସାହିତ୍ୟ ଅନ୍ତର୍ଭୁକ୍ତ ଲୋକବାଣୀର ଆବେଦନ ସହ ଅନ୍ୟାନ୍ୟ ବିଭାଗ ଓ ଉପବିଭାଗର ଆଭିମୁଖ୍ୟ ମଧ୍ୟ ଅଳ୍ପ-ବହୁତ ସଂଯୋଜିତ ହୋଇରହିଛି ।

ଓଡ଼ିଆ ଅଧ୍ୟାପକ,
ଲରମ୍ଭା ମହାବିଦ୍ୟାଳୟ, ଲରମ୍ଭା
ଦୂରଭାଷ : ୯୯୩୮୧୫୭୨୬୪

ISSN -2583-147X (P), **Vol.- 9, Issue No.VIII, November 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସାଂପ୍ରତିକ ଓଡ଼ିଆ ଗଳ୍ପର ଭାଷା (୧୯୮୦-୨୦୨୩)

**ମମତା ସେନାପତି**

ଭାଷା ପ୍ରୟୋଗ ଏକ କଳା । କଳାତ୍ମକ ଭାଷା ପ୍ରୟୋଗ ସାହିତ୍ୟର ଲକ୍ଷଣ । ଓଡ଼ିଆରେ କଥାଟିଏ ଅଛି ଯେ 'କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର' । ଯେପରି ଖା', ଗିଳ୍, ଭୁଞ୍ଜ । ଏହି ଶବ୍ଦଗୁଡ଼ିକର ଅର୍ଥ ସମାନ ହୋଇଥିଲେ ମଧ୍ୟ ଭାବ ଭିନ୍ନ । ସାହିତ୍ୟର ଭାଷା ଏହି ନିୟମଠାରୁ ମଧ୍ୟ ଊର୍ଦ୍ଧ୍ୱରେ । କାରଣ ସାହିତ୍ୟ ସାଧାରଣ ଭାଷାର ସମାହାର ନୁହେଁ କିମ୍ବା ସାହିତ୍ୟିକ ଭାଷାରେ ବିବରଣୀ ପ୍ରଦାନ କରିବା ମଧ୍ୟ ନୁହେଁ । ବାସ୍ତବରେ ସାହିତ୍ୟର ଭାଷା ନିଆରା । ଯାହାକୁ ପାଠକଲେ ପାଠକ ଆପେ ଆପେ ଆକର୍ଷିତ ହୁଏ, ପାଠ ଭିତରେ ମଜ୍ଜିଯାଏ ଓ ସେଇଠି ଲାଖିଯାଏ । ପୁନଶ୍ଚ ଗଦ୍ୟ ଭାଷାର କଳାତ୍ମକ ପ୍ରୟୋଗ ଅନ୍ୟ ଏକ ତପସ୍ୟା । ଗଳ୍ପ ଜଗତକୁ ସମୀକ୍ଷା କଲେ ଦେଖାଯାଏ ଫକୀରମୋହନ ସେନାପତି, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ଦେବ୍ରାଜ ଲେଙ୍କା, ରାମଚନ୍ଦ୍ର ବେହେରା, ପ୍ରତିଭା ରାୟ, ପ୍ରମୁଖ ନିଜସ୍ୱ ଭାଷାଶୈଳୀ ସୃଷ୍ଟି କରିପାରିଛନ୍ତି । ତେବେ ଉକ୍ତ ପ୍ରବନ୍ଧରେ ୧୯୮୦ ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରଚିତ ଗଳ୍ପ ସାହିତ୍ୟର ଭାଷାକୁ ସମୀକ୍ଷା କରାଯାଇଛି । ଆଲୋଚ୍ୟ ସମୟଖଣ୍ଡର ପ୍ରମୁଖ ଗାଳ୍ପିକମାନେ ହେଲେ ଭୀମ ପୃଷ୍ଟି, ଦାଶ ବେନହୁର, ଆର୍ଯ୍ୟ ଯଜ୍ଞଦତ୍ତ, ବିୟତ୍‌କେଶ ତ୍ରିପାଠୀ, ଦେବ୍ରାଜ ଲେଙ୍କା, କୃପାସାଗର ସାହୁ, ମୃଣାଳ, ବିଷ୍ଣୁ ସାହୁ, ନାରୁ ମହାନ୍ତି, ଦେବବ୍ରତ ମଦନ ରାୟ, ପରେଶ ପଟ୍ଟନାୟକ, ଅଜୟ ସ୍ୱାଇଁ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଅନୀଲ କୁମାର ପାଢ଼ୀ, ଚିରଶ୍ରୀ ଇନ୍ଦ୍ରସିଂ, ହିରଣ୍ମୟୀ ମିଶ୍ର, ପ୍ରଦୋଷ ମିଶ୍ର, ରଂଜନ ପ୍ରଧାନ, ଗାୟତ୍ରୀ ସରାଫ, ସୋମା ଚାନ୍ଦ, ମୋନାଲିସା ମିଶ୍ର, ମୌସୁମୀ ପରିଡ଼ା, ସୀତେଶ ତ୍ରିପାଠୀ, ଅରବିନ୍ଦ ରାୟ, ସରୋଜ ବଳ, ଅମିୟ ବେଜ୍ ପ୍ରମୁଖ ।

ପରିବର୍ତ୍ତନଶୀଳ ସଂସାରରେ ଭାଷା ଅନ୍ୟତମ ପରିବର୍ତ୍ତନଶୀଳ ଉପାଦାନ । ସମୟ ବା ଯୁଗ ଅନୁସାରେ ଭାଷାର ବିବର୍ତ୍ତନ ଘଟିଥାଏ । ଭାଷା କ୍ଷେତ୍ରରେ ଏକ ଦୀର୍ଘ ପରିବର୍ତ୍ତନ ଘଟିବା ପାଇଁ ଅନେକ ସମୟ ଲାଗେ । ମାତ୍ର ସାମାଜିକ ଚେତନାର ପରିବର୍ତ୍ତନ ଅନୁସାରେ ଭାଷା କ୍ଷେତ୍ରରେ ଛୋଟ ଛୋଟ ପରିବର୍ତ୍ତନ ଲାଗି ରହିଥାଏ । ଯେପରି ନୂତନ ଶବ୍ଦର ଉଦ୍ଭବ, ପ୍ରାଚୀନ ଶବ୍ଦର ଲୋପ ଇତ୍ୟାଦି । ସାଂପ୍ରତିକ ସମାଜ ନିକଟରେ ଅଧିକ ନମନିୟତା ଦେଖିବାକୁ ମିଳେ । ଭାଷା କ୍ଷେତ୍ରରେ ଏ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଅନ୍ୟ ପ୍ରାଦେଶିକ ଭାଷାଗୁଡ଼ିକୁ ଓଡ଼ିଆଭାଷୀମାନେ ବ୍ୟବହାର କରିବାରେ ତିଳେମାତ୍ର କୁଣ୍ଠା ପ୍ରକାଶ କରନ୍ତି ନାହିଁ । କୁହାଯାଏ ସାହିତ୍ୟ ହେଉଛି ସମାଜର ଦର୍ପଣ, ସାହିତ୍ୟ ହିଁ ଭାଷାକୁ ବାନ୍ଧି ରଖେ, ଦୀର୍ଘଦିନ ଜୀବିତ ରଖେ । ସାଂପ୍ରତିକ ସାହିତ୍ୟ ତଥା ଏଠାରେ ଗଳ୍ପର ଭାଷା ସଂପର୍କରେ ଆଲୋଚନା କଲେ ଜଣାଯାଏ ହିନ୍ଦୀ, ଇଂରାଜୀ, ବଙ୍ଗଳା ଭାଷାର ପ୍ରୟୋଗ ଅନେକ ଗାଳ୍ପିକଙ୍କ ରଚନାରେ ଉଦ୍ଦେଶ୍ୟ ମୂଳକ ଭାବେ ଗଳ୍ପରେ ବ୍ୟବହାର କରାଯାଇଛି । ଏହା ସମସାମୟିକ ସମାଜର ବାସ୍ତବ ପ୍ରତିଚ୍ଛବି । ବର୍ତ୍ତମାନର ପିଢ଼ି ଏକ ଅଦ୍ଭୁତ ପରମ୍ପରା ସୃଷ୍ଟି କରିଛନ୍ତି । ସବୁ ଭାଷାର ମିଶ୍ରଣରେ ଏକ ବିଚିତ୍ର ଭାଷାର ପ୍ରୟୋଗ କରିବାରେ ନିଜକୁ ଗର୍ବିତ ମନେ କରୁଛନ୍ତି । ତେଣୁ ଗାଳ୍ପିକ ଚରିତ୍ରାନୁସାରୀ ଭାଷା ପ୍ରୟୋଗ ଉଦ୍ଦେଶ୍ୟରେ ଏ ପ୍ରକାର ଭାଷାର ପ୍ରୟୋଗ ମଧ୍ୟ କରୁଛନ୍ତି । ମାତ୍ର ମନେରଖିବା ଉଚିତ୍ ସାହିତ୍ୟ କେତେକ କ୍ଷେତ୍ରରେ ପାରମ୍ପରିକ ହେଲେ ହେଁ ତାହା କାଳଜୟୀ ହୋଇପାରେ । ସେଥିମଧ୍ୟରୁ ଭାଷା ଅନ୍ୟତମ । ଏ କ୍ଷେତ୍ରରେ ପଡ଼ୋଶୀ ବଙ୍ଗଳା ଭାଷାଭାଷୀର ଲୋକଙ୍କୁ ଲକ୍ଷ୍ୟକଲେ ଦେଖାଯାଏ ସେମାନେ ଯେତେ ଆଧୁନିକ ଅତ୍ୟାଧୁନିକ ହେଲେ ମଧ୍ୟ ଦୈନନ୍ଦିନ ଜୀବନରେ ଯେତେ ଅନ୍ୟଭାଷାର ପ୍ରୟୋଗ କଲେ ମଧ୍ୟ ପାରମ୍ପରିକତା ତଥା ଭାଷା

ପ୍ରୀତି ସେମାନଙ୍କ ସାହିତ୍ୟରେ ଝଲସି ଉଠେ । ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରେ, ମୁଗ୍ଧ କରେ ।

"John Galsworthy ratedThe essential in a short-story writer is the power of interesting sentence by sentence." (Modern short stories to 1940, Edited by John Hadfield) ବାସ୍ତବରେ କଥାସାହିତ୍ୟ ଏକ ବର୍ଣ୍ଣନାତ୍ମକ କଳା । ଲେଖକ ଯାହା ବ୍ୟକ୍ତ କରିବାକୁ ପ୍ରୟାସ କରେ ସାହିତ୍ୟରେ ତାହା ପ୍ରକାଶ କରିବାର ଏକମାତ୍ର ମାଧ୍ୟମ ହେଉଛି ଭାଷା । ତେଣୁ ପ୍ରତ୍ୟେକ ଲେଖକ ତଥା ଗାଳ୍ପିକଙ୍କ ପାଇଁ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉପାଦାନ ।

ଗଳ୍ପର ଆଙ୍ଗିକକୁ ବିଚାରରେ ରଖି ଗାଳ୍ପିକ ନିଜର ଭାଷା ଚୟନ କରିଥାଏ । ମୁଖ୍ୟତଃ ଭାଷା ପ୍ରୟୋଗ ହିଁ ଗାଳ୍ପିକକୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥାଏ । ୧୯୮୦ ପରବର୍ତ୍ତୀ ସମୟରେ ଅନେକ ପ୍ରବୀଣ ଓ ନୂତନ ଗାଳ୍ପିକମାନଙ୍କର ଆବିର୍ଭାବ ଘଟିଛି । ଲକ୍ଷ୍ୟ କରାଯାଇପାରେ ପ୍ରତ୍ୟେକ ଗାଳ୍ପିକ ସ୍ୱତନ୍ତ୍ର ଭାବେ ଭାଷାର ପ୍ରୟୋଗ କରିଛନ୍ତି । ସମସ୍ତଙ୍କର କଥନଭଙ୍ଗୀ ଭିନ୍ନ, ମାତ୍ର ଭାଷା ପ୍ରୟୋଗକୁ ସାମଗ୍ରିକ ଦୃଷ୍ଟିରୁ ବିଚାର କଲେ ଲକ୍ଷ୍ୟ କରାଯାଇପାରେ ଯେ ଅଧିକାଂଶ ଗାଳ୍ପିକ ଚେଷ୍ଟା କରିଛନ୍ତି ଗଳ୍ପର ଭାଷାକୁ ସହଜ ସରଳ ତଥା ସାଂପ୍ରତିକ ସମାଜରେ ପ୍ରଚଳିତ ଭାଷାର ବ୍ୟବହାର କରିବାକୁ । ଏଥିପାଇଁ ଅନେକ ଗଳ୍ପରେ ଇଂରାଜୀ ମିଶା ଓଡ଼ିଆ ଭାଷା, ହିନ୍ଦୀ ମିଶା ଓଡ଼ିଆ ଭାଷାର ପ୍ରୟୋଗ ରହିଛି । ଗଳ୍ପର ପରିସର ବର୍ତ୍ତମାନ ବ୍ୟାପକ ହୋଇଛି । ବିଦେଶୀ ଚରିତ୍ର, ଉଚ୍ଚଶିକ୍ଷିତ ଚରିତ୍ର ଏବଂ ବିଦେଶ ପୃଷ୍ଠଭୂମିରେ ଲେଖା ଯାଉଥିବା ଗଳ୍ପରେ ଏ ପ୍ରକାର ପ୍ରୟୋଗ ଦୃଷ୍ଟିଗୋଚର ହୁଏ ।

ସଂପ୍ରତି ଚରିତ୍ରଟି ଯାହା ମନରେ ଭାବୁଛି ତାହାର ଅବିକଳ ପରିପ୍ରକାଶ ଘଟୁଛି ସାଂପ୍ରତିକ ଗଳ୍ପରେ । ଉଦାହରଣ-୧ "ମୋତେ ଆଜି ଭାରି ହସ ମାଡୁଛି, ତମେ ଭାବିବନି ତମ ପାଇଁ ହସ ମାଡୁଛି । ତମେ ଗୋଟା ଡ୍ୟାସ ଯେ ତମକୁ ଦେଖି ହସ ମାଡୁଛି । ତମକୁ ଡ୍ୟାସ୍ କହିଲେ ସେଉଟୁ ଡ୍ୟାସ୍ ହେଇଗଲା । ଡ୍ୟାସ୍, ଡ୍ୟାସ୍, ଡ୍ୟାସ୍ । ଘୋଡାଡ଼ିମ୍ବ ହେଲା । ମୁଁ ହସିବି ହେଲା ।" (ପବ୍ଲିକ୍ ମଷ୍ଡି, ରଞ୍ଜନ ପ୍ରଧାନ) ଉଦାହରଣ-୨ "ଗୋଟିଏ ପଟେ ଯଶୋଧାରାର କୋଳ ଆଉ ପଟେ ତନୁଜା ବଳର ନିତମ୍ବ । ଭେସ୍, ଚିତ୍ରଫିତ୍ର ମୋ ଦେଇ ନୁହେଁ । ଚିତ୍ରଫିତ୍ର କଥା ଶୁଣିଲେ ବାପା ପୁଣି ରାଗିବେ ଓ ଟିଙ୍ଗିଟିଙ୍ଗି ହେବେ । ଭାବିବେ ଟୋକା, ପୁଣି ଗୋଟା କ'ଣ ଡ୍ରାମା କଲାଣି । ବୋଉ କହିବ ଚିତ୍ରଫିତ୍ର ଆଙ୍କି ପୁଅ ମୋର ଖରାପ ହୋଇଗଲା । ସେଉଟୁ ବୋଉ, ବାପାଙ୍କ ଉପରକୁ ବିଗିଡ଼ିବା ଆରମ୍ଭ କରିବେ ଏବଂ କହିବେ- ତମରି ଅବହେଳା ପାଇଁ ପୁଅ ମୋର ଖରାପ ହୋଇ ଯାଉଛି ।..." (ଗୋଟିଏ ସ୍ୱପ୍ନର ବୟସ ଅଧଘଣ୍ଟାରୁ କମ୍, ରଞ୍ଜନ ପ୍ରଧାନ) ଏ ପ୍ରକାର ଭାଷା ସାଂପ୍ରତିକ ସମୟର ପ୍ରୟୋଗବାଦୀ ଲେଖକମାନେ ସେମାନଙ୍କ ଗଳ୍ପରେ ପ୍ରକାଶ କରୁଛନ୍ତି । ବେଳେ ବେଳେ ଏହି ଧରଣର ପ୍ରୟୋଗ ଭାଷାକୁ ଉଦ୍ଭଟ କରିଛି । ଆହୁରି ମଧ୍ୟ ମଣିଷ ମନର ଭାଷା ସହିତ ସ୍ୱପ୍ନର ଅବିକଳ ଉପସ୍ଥାପନ ଭାଷାକୁ ଉଦ୍ଭଟ କରିଛି । କାରଣ ମଣିଷ ମନର ଭାବନାର କିମ୍ବା ସ୍ୱପ୍ନର କୌଣସି କ୍ରମ ନଥାଏ ।

୧୯୮୦ ପରବର୍ତ୍ତୀ ଗାଳ୍ପିକମାନେ ଭାଷାର ପ୍ରୟୋଗ ତଥା ପ୍ରବାହ ସମ୍ପର୍କରେ ଖୁବ୍ ସଚେତନ । ଏହି ସମୟର ଗଳ୍ପ ଭାଷାରେ ଶବ୍ଦ ପ୍ରୟୋଗରେ ନୂତନତା, ଶବ୍ଦର ମିତବ୍ୟୟିତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ପରିଲକ୍ଷିତ । ଉଦାହରଣ ସ୍ୱରୂପ - "ଥାର୍ଥ୍ରୀ ବାଇ ୱାନ୍ ନମ୍ବର ଘରବାଡ଼ି ବାହାରେ ଅଳିଆଗଦା / ବେଶ୍ ବିରାଟ ଆକାର ଧାରଣ କରୁଥାଏ / ଅଳିଆଗଦା ମାନେ ଇଂଜେକସନ୍ ଶିଶି, ଔଷଧ ଖୋଳ, ପାଉଁରୁଟି କାଗଜ, ଅଣ୍ଡାର ଖୋଳପା / ନିରୋଧ ବେଲୁନ, ଭଙ୍ଗା କଣ୍ଢେଇ, ଅଇଁଠା ପିଜୁଳି, ଶୁଖାପତ୍ର ଫୁଲ / କୁକୁଡ଼ାର ପର, ଫ୍ୟୁଜ୍ ବଲ୍, ରାହୁଳର କମ୍ପୋଷ୍ଟ, ବେଂଡେଜ୍ କନା, ଟୁକୁରା କାଚ / ଭଙ୍ଗା ଚୁଡ଼ି, ମୁଣ୍ଡର ଜଟା / ଅଳିଆଗଦାମାନେ ପୃଥିବୀର ଘା" (ହାଇ, ମନୋଜ କୁମାର ପଣ୍ଡା) ଲେଖକ ଏହି ସଂକ୍ଷିପ୍ତ ବର୍ଣ୍ଣନା ମଧ୍ୟରେ ସମାଜର ଗୋଟିଏ ସାଧାରଣ ପରିବାରର ଦୈନନ୍ଦିନ ଚଳଣି, ଆଧୁନିକ ସମାଜ, ଆଧୁନିକ ଜୀବନ ସଂପର୍କରେ ଚମତ୍କାର ଇଙ୍ଗିତ ପରିପ୍ରକାଶ କରିଛନ୍ତି ।

ଚରିତ୍ରର ଏକାନ୍ତ ବ୍ୟକ୍ତିଗତ ମୁହୂର୍ତ୍ତ, ବ୍ୟକ୍ତିଗତ ଭାବ ଭାବନାକୁ ପ୍ରକାଶ କରିବା ପାଇଁ ପ୍ରୟାସ କରାଯିବା ସମୟରେ ଭାଷା ହୋଇଛି ସଙ୍କେତଧର୍ମୀ ତଥା ପ୍ରତୀକ ଓ ଚିତ୍ରକଳ୍ପ ଆଧାରିତ । ବେଳେ ବେଳେ ଭାଷା ଏକାନ୍ତ ବ୍ୟକ୍ତିଗତ ହୋଇଥିବାରୁ ଅନେକ କ୍ଷେତ୍ରରେ ସେହି ଭାଷା ଦୁର୍ବୋଧ ହୋଇପଡ଼ିଛି । ଭାଷା ଘଟଣା ଓ ପରିବେଶକୁ ଅନୁସରଣ କରୁଥିବାରୁ ଏହି ସମୟର ଭାଷା ପ୍ରୟୋଗରେ ନୂତନତା ପରିଲକ୍ଷିତ । ଏହି ସମୟରେ ଯୌନ ବାସ୍ତବତାକୁ ନେଇ ଅନେକ ଗଳ୍ପ ରଚନା କରାଯାଇଛି । ତେଣୁ ଏ ସମୟର ଗଳ୍ପ ଭାଷାରେ ସଂକେତଧର୍ମିତା ତଥା ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ମଧ୍ୟ ବିଶେଷ ଭାବେ ପରିଲକ୍ଷିତ । ଏହି ସମୟଖଣ୍ଡରେ ଓଡ଼ିଆ ଗଳ୍ପ ଲେଖକ ପାଶ୍ଚାତ୍ୟ ତତ୍ତ୍ୱଗୁଡ଼ିକୁ ଅନୁସରଣ କରି ମଧ୍ୟ ଗଳ୍ପ ରଚନା କରିଛନ୍ତି । ବାସ୍ତବବାଦ, ଅତିବାସ୍ତବବାଦ,

ସ୍ଥିତିବାଦ ଇତ୍ୟାଦି ଆଧାରିତ ଗଳ୍ପ ରଚନା ବେଳେ ଗଳ୍ପର ଭାଷ୍ୟ ବୌଦ୍ଧିକ ତଥା ଦାର୍ଶନିକ ସୁଲଭ ହୋଇଥିବା ମଧ୍ୟ ଲକ୍ଷ୍ୟ କରାଯାଇପାରେ । ତେବେ ଏହି ସମସ୍ତ ପ୍ରକାର ଗଳ୍ପ ଭାଷାରେ କବିତାର ଅନ୍ତରୀଣ ପ୍ରବାହ ମଧ୍ୟ ଲକ୍ଷଣୀୟ । ମନୋଜ ପଣ୍ଡା, ଦେବଦାସ ଛୋଟରାୟ, ଦେବ୍ରାଜ ଲେଙ୍କା ପ୍ରମୁଖଙ୍କ ଗଳ୍ପ ଭାଷା ଏହାର ଉଦାହରଣ ।

ତେବେ ଏକବିଂଶ ଶତାବ୍ଦୀର ଗଳ୍ପ ଭାଷାରେ ଗ୍ରାମୀଣ ଭାଷାର ପ୍ରାଧାନ୍ୟ ପରିଲକ୍ଷିତ । ବିଶେଷତଃ ଆଞ୍ଚଳିକ ଭାଷା, ଗ୍ରାମୀଣ ଶବ୍ଦ ଓ ବାକ୍ୟ ବିନ୍ୟାସ ଦେଖିବାକୁ ମିଳେ । ରାମଚନ୍ଦ୍ର ବେହେରା, ଦେବ୍ରାଜ ଲେଙ୍କା, ପ୍ରତିଭା ରାୟ, ଗୌରହରି ଦାସ, କମଳାକାନ୍ତ ମହାପାତ୍ର, ବିଷ୍ଣୁ ସାହୁ ଗ୍ରାମ୍ୟ ବ୍ୟବହୃତ ଭାଷାର ପ୍ରୟୋଗ ମାଧ୍ୟମରେ ନିଜ ଗଳ୍ପକୁ ସ୍ୱତନ୍ତ୍ର କରିପାରିଛନ୍ତି ।

ଜୀବନର ନାନା ପକ୍ଷ ଦେଖାଇବା ପାଇଁ ଆଜିର ଗାଳ୍ପିକ ଶବ୍ଦ ସଙ୍ଗେ ସାଲିସ୍ କରୁନାହାଁନ୍ତି; ବରଂ ଖୋଲା ଖୋଲି ଭାବେ ସମାଜରେ ପ୍ରଚଳିତ ଭାଷାରେ କଥାବସ୍ତୁ ପ୍ରକାଶ କରୁଛି । ସେଠାରେ ଶ୍ଳୀଳ ଅଶ୍ଳୀଳତାର ପ୍ରଶ୍ନ ଉଠୁନାହିଁ କି ଉଠିବା ମଧ୍ୟ ଉଚିତ୍ ନୁହେଁ । ସରୋଜିନୀ ସାହୁ, ଦେବ୍ରାଜ ଲେଙ୍କା, କୃପାସାଗର ସାହୁ, ରଞ୍ଜନ ପ୍ରଧାନ, ସରୋଜ ବଳ ପ୍ରମୁଖ ଗାଳ୍ପିକଙ୍କ ଭାଷା ପ୍ରୟୋଗ ଏହି ଧରଣର । କେବଳ ଲେଖକଙ୍କ ବର୍ଣ୍ଣନାତ୍ମକ ଭାଷାରେ ନୁହେଁ ଚରିତ୍ରମୁଖର ଭାଷାକୁ ଅବିକଳ ପ୍ରୟୋଗ କରିବା ସମୟରେ ମଧ୍ୟ ଏହା ପରିଲକ୍ଷିତ । ସାଧାରଣରେ ଯାହାକୁ ଅଶ୍ଳୀଳ ଭାଷା କୁହାଯାଏ ସେ ଭାଷାକୁ ଅନାୟାସରେ ପ୍ରୟୋଗ କରୁଛନ୍ତି ୧୯୮୦ ପରବର୍ତ୍ତୀ ଗାଳ୍ପିକ ।

ଆଲୋଚକ ସଦାନନ୍ଦ ନାୟକ 'ଓଡ଼ିଆ ଭାଷାର ବିବିଧ ରୂପ ବା ସ୍ତର' ଶୀର୍ଷକ ଆଲୋଚନାରେ ଓଡ଼ିଆ ଭାଷାରେ ପ୍ରଚଳିତ ବିଭିନ୍ନ ସ୍ତରକୁ ବିଭାଗୀକରଣ କରିଛନ୍ତି । ଯଥା- ଉଚାଙ୍ଗ ଓଡ଼ିଆ ଭାଷା, ମାନକ ଓଡ଼ିଆ ଭାଷା, ଆଞ୍ଚଳିକ ଓଡ଼ିଆ ଭାଷା, ଜାତି ଓଡ଼ିଆ ଭାଷା ଓ ବ୍ୟକ୍ତି ଓଡ଼ିଆ ଭାଷା । (ଓ. ଭା.ବି. ରୂ.ସ୍ତ- ସଦାନନ୍ଦ ନାୟକ, ଝଙ୍କାର, ୭୪ତମ ବର୍ଷ, ସଂଖ୍ୟା-୭ ପୃ- ୬୪୪) ଏହି ଆଲୋଚନା ଦୃଷ୍ଟିରୁ ଆଧୁନିକ ଓଡ଼ିଆ ଗଳ୍ପର ଭାଷାକୁ ମଧ୍ୟ ଯଥାର୍ଥ ସମୀକ୍ଷା କରାଯାଇ ପାରିବ । ଏହି ଦୃଷ୍ଟିକୋଣରୁ ବିଚାର କଲେ ଆଧୁନିକ ଗଳ୍ପର ପ୍ରାଥମିକ ପର୍ଯ୍ୟାୟରେ ଉଚାଙ୍ଗ ଓଡ଼ିଆ ଭାଷାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ତେବେ ଆଧୁନିକ ଓଡ଼ିଆ ଗଳ୍ପର ଦ୍ୱିତୀୟ ପର୍ଯ୍ୟାୟଠାରୁ ସ୍ୱାଧୀନତା ପର ପର୍ଯ୍ୟନ୍ତ ଗଳ୍ପ ସାହିତ୍ୟରେ ମାନକ ଓଡ଼ିଆ ଭାଷା ଏବଂ ଉଚାଙ୍ଗ ଓଡ଼ିଆ ଭାଷାର ଅଧିକାଂଶ ବ୍ୟବହାର ଦେଖାଯାଏ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଞ୍ଚଳିକ ଓଡ଼ିଆ ଭାଷା, ଜାତି ଓଡ଼ିଆ ଭାଷା ଓ ବ୍ୟକ୍ତି ଓଡ଼ିଆ ଭାଷାର ପ୍ରୟୋଗ କରାଯାଉଥିବା ଦୃଷ୍ଟିଗୋଚର ହୁଏ ।

ବର୍ତ୍ତମାନର କ୍ଷୁଦ୍ର ଗଳ୍ପରେ ଅତ୍ୟନ୍ତ କ୍ଷୁଦ୍ର ବାକ୍ୟର ବ୍ୟବହାର ଅନ୍ୟତମ ଆକର୍ଷଣୀୟ ପ୍ରୟୋଗ । ଉଦାହରଣ ସ୍ୱରୂପ- "ଦର୍ପଣ ସାମ୍ନାରେ ମୁଁ । ମୋ ମୁହଁ । ଆଞ୍ଜୁଳାଏ ପାଣିରେ ଅଧା ଓଦା । ଅଧା ଶୁଖିଲା । କିଛି ବୁଝିବା ସହଜ ହେଲା ନାହିଁ । ଏ କେମିତି ହେଲା ? ଆଉ ଥରେ ଆଞ୍ଜୁଳାଏ ପାଣିରେ ଧୋଇଲି ମୁହଁ । ସେହି ଏକା ଚିତ୍ର ।" (ମୁହଁ, ଦେବବ୍ରତ ମଦନରାୟ) ଏହା ଦ୍ୱାରା ଗଳ୍ପରେ ଭାବ ସହଜ ଓ ସରଳ ଭାବେ ଉପସ୍ଥାପିତ ହୋଇପାରୁଛି । କ୍ଷୁଦ୍ରଗଳ୍ପ ହେଉ ବା ଦୀର୍ଘଗଳ୍ପ ସେଥିରେ ଏହି ପ୍ରକାର ପ୍ରୟୋଗ ପରିଲକ୍ଷିତ । ଏହା ବ୍ୟତୀତ ସ୍ଲାସ୍ ଚିହ୍ନର ବହୁଳ ବ୍ୟବହାର, ପ୍ରତ୍ୟେକ ଶବ୍ଦ ପରେ ପୂର୍ଣ୍ଣଚ୍ଛେଦ ବ୍ୟବହାର, ଧ୍ୱନ୍ୟାନୁକାରୀ ଶବ୍ଦ, ସମୋଚ୍ଚାରିତ ଶବ୍ଦ ଇତ୍ୟାଦିର ବହୁଳ ବ୍ୟବହାର କରି ନାନା ପରୀକ୍ଷା ନିରୀକ୍ଷା କରାଯାଉଛି । ଉଦାହରଣ ସ୍ୱରୂପ- "ନିଶୀଥ ଚାଲିଛି ଆଗକୁ ଆଗକୁ । ପ୍ରସ୍ତ ପ୍ରସ୍ତ ବହଳ କୁହୁଡ଼ି । ପାହାନ୍ତାର ରାସ୍ତାଘାଟ / ଗଛବୃକ୍ଷ । ନିଷ୍ପ୍ରଭ ବିଜୁଳି ଖୁଣ୍ଟ । ଟାଇପ ଫୋର କ୍ୱାଟରସ୍‌ର ଫ୍ରଣ୍ଟୟାର୍ଡରେ ଝାପ୍‌ସା ଝାପ୍‌ସା ଦିଶୁଥିବା ନଡ଼ିଆ ଗଛର ଲମ୍ୱା ଲମ୍ୱା ବାହୁଙ୍ଗା ସବୁ ଏବଂ ଅନ୍ୟାନ୍ୟ ରଙ୍ଗ ବେରଙ୍ଗ କ୍ରୋଟନ୍ ଗଛରୁ ପଡୁଥିବା ଥପ୍ ଥପ୍ ଶିଶିର ବିନ୍ଦୁ । ସବୁ କେମିତି ଧୂଆଁଳିଆ ପ୍ରହେଳିକା ମନେ ହେଉଥିଲା । x x x ବୁର୍ଲାରେ ରୋଗୀ ଭଲ ହୁଅନ୍ତି ? ବିଶ୍ୱାସ ଲାଗେ ନାହିଁ । ଭାରି ଅସନା ଲାଗେ- ମଇଳା / ପାନଛେପ / ଧୂଳି / ମଶା / ଡାଆଁସ / ବୁଲା କୁକୁର । ଭାରି ଭୟ ଲାଗେ ବିଶେଷକରି ସେଠିକାର ମର୍ଚ୍ଚୁଆରୀ / ପୋଷ୍ଟମର୍ଟମ ଘର / କେଉଁ କାଳର ପୁରୁଣା ଡେଡ୍ ବଡ଼ି କ୍ୟାରିୟର ।" (ସଂକ୍ରାନ୍ତି ପୁରୁଷ, ଗଗନ ସ୍ୱାଇଁ) ଏ ପ୍ରକାର ଭାଷା ପ୍ରୟୋଗ ପାଠକର ଭାବ ଉଦ୍ରେକ କରିବାରେ ସାହାଯ୍ୟ କରିବା ସହିତ, ପାଠକକୁ ଭାବିବା ପାଇଁ ସୁଯୋଗ ଦିଏ, ପାରମ୍ପରିକ ଶବ୍ଦ ପ୍ରୟୋଗ ମାଧ୍ୟମରେ ଅଣପାରମ୍ପରିକ ଆକର୍ଷଣ ସୃଷ୍ଟି କରିପାରେ । ଅତଏବ ସାଧାରଣ ଗଳ୍ପ ପଠନଠାରୁ ନିଶ୍ଚୟ ଭିନ୍ନ ଅନୁଭୂତି ଆଣିଦିଏ ।

କାବ୍ୟିକ ଭାଷା ପ୍ରୟୋଗ ସାଂପ୍ରତିକ ଗଳ୍ପର ଅନ୍ୟତମ ଆକର୍ଷଣ । ଅନେକ ଗାଳ୍ପିକ ଏ ପ୍ରକାର ଭାଷା ବ୍ୟବହାର କରୁଛନ୍ତି ନିଜ ଗଳ୍ପରେ । ଉଦାହରଣ ଭାବେ ଦେବବ୍ରତ ମଦନରାୟଙ୍କ ଭାଷାକୁ ଲକ୍ଷ୍ୟ କରାଯାଇପାରେ । ଯଥା- "ଏଇ ଯେମିତି ହୋଇଯିବ ବର୍ଷା । କାଚ ଝରକା ଉପରେ ପଡ଼ିବ ଟୋପା ଟୋପା ପାଣି ।

ପବନରେ ଝଡ଼ି ପଡ଼ିବ ପାଚିଲା ପତ୍ର । ପାଣି ଧାରରେ ଆଙ୍କି ହୋଇଯିବ ଅଙ୍କାବଙ୍କା ଚିତ୍ର । ସେହି ଚିତ୍ର ଅସ୍ପଷ୍ଟ ହେଲେ ବି ମୋତେ ଦିଶିବ; ଉଚ୍ଚା ଉଚ୍ଚା ଶାଳ ଗଛର ଜଙ୍ଗଲ, ରାସ୍ତା ଦୁଇପଟରେ କୁରେଇ ଫୁଲର ହାଟ, ସୁରଭି ପଧାନର ବର୍ଷାଭିଜା ଗାଆଁ ।" (ବାଟଘର) ଗାଳ୍ପିକଙ୍କ ଅଧିକାଂଶ ଗଳ୍ପରେ ଏହି ପ୍ରକାର ଭାଷାର ପ୍ରୟୋଗ ରହିଛି ।

ଆଲୋଚ୍ୟ କାଳଖଣ୍ଡର ଗଳ୍ପ ଭାଷା ଅତ୍ୟନ୍ତ ନିବିଡ଼, କାରଣ ଗାଳ୍ପିକମାନେ ପାଠକର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ କଥା କହିବାକୁ ଚାହୁଁଛନ୍ତି । ଉଦାହରଣ-୧ "ବସନ୍ତୁ । ବଢ଼ିଆ ଜାଗା ଆଜ୍ଞା ଏଠି । ଥଣ୍ଡା । ସିମଳା ତ ! କାମ ପରେ ହେବ । ଆରାମରେ ବସନ୍ତୁ । ଶୁଣନ୍ତୁ । ଗୋଟିଏ କଥା କହିବି ଆଜି । ଦୁଃଖ କଥା । ଏଇଠିକା କଥା । ଜୀବନର କଥା । ଜୀବନଟା କିନ୍ତୁ ପ୍ରକୃତରେ ଦୁଃଖମୟ ଆଜ୍ଞା । ଭୀଷଣ ଭାବରେ ମୟ, ଦୁଃଖରେ । ପ୍ଳୁତ । ଓତପ୍ରୋତ ଆଜ୍ଞା । ସନ୍ନିବିଷ୍ଟ । ମାୟା ନୁହେଁ, ଭେଳିକି ନୁହେଁ । ସତେରେ ।" (କଥାଟିଏ କହୁଁ, ବିୟତ୍‌କେଶ ତ୍ରିପାଠୀ) ଉଦାହରଣ-୨ "ଆପଣ ଅବୋଲକରା ଗପ ଶୁଣିଛନ୍ତି । / ବୋଲକରା ଗପଟିଏ ଶୁଣନ୍ତୁ । / ଆଗେ ତାଙ୍କୁ ଟିକେ ଦେଖି ନିଅନ୍ତୁ । ଚିହ୍ନି ନିଅନ୍ତୁ । କଟକ ଚାନ୍ଦବାଲି ରାସ୍ତାରେ ଆସନ୍ତୁ । / ଜଗତପୁରଠାରୁ ଠିକ୍ ଚାଳିଶି କିଲୋମିଟର ଦୂରରେ ପହଞ୍ଚନ୍ତୁ । ଦେଖନ୍ତୁ ସେଠି ଗୋଟାଏ ଦୂରତା ସୂଚକ ଖୁଣ୍ଟି ଅଛି । /ଏମ୍.ଡି.ଆର.-୧୮, କେନ୍ଦ୍ରାପଡ଼ା ୧୨ କିଲୋମିଟର ।" (ବୋଲକରା, ପ୍ରକାଶ କୁମାର ପରିଡ଼ା) ଉଦ୍ଧୃତାଂଶ ଗୁଡ଼ିକ ଗଳ୍ପ ଆରମ୍ଭରେ ସଂଯୋଜିତ ଓ ବେଶ୍ ଆତ୍ମୀୟ । ତେଣୁ ଏହି ପ୍ରକାର ଭାଷା ପ୍ରୟୋଗ ପାଠକକୁ ଆକୃଷ୍ଟ କରିବାରେ ସହାୟକ ହୋଇପାରୁଛି ।

ତେବେ ଆଲୋଚ୍ୟ ସମୟଖଣ୍ଡର ଭାଷାରେ ପ୍ରୟୋଗ ଓ ପରୀକ୍ଷା ନିରୀକ୍ଷା ସହିତ ପାରମ୍ପରିକ ଭାଷାର ସରଳ ତରଳ ବ୍ୟବହାର ମଧ୍ୟ ପରିଲକ୍ଷିତ । ବିଶେଷତଃ ଲୋକ ଶୈଳୀ ମୂଳକ ଗଳ୍ପ ରଚନା କରିବା ସମୟରେ, ଗାଁ ଓ ପରିବାର ପୃଷ୍ଠଭୂମିରେ ଗଳ୍ପ ରଚନା କରାଯାଉଥିବା ବେଳେ ଏ ଧରଣର ଭାଷା ଦୃଷ୍ଟିଗୋଚର ହୁଏ ।

ସାଂପ୍ରତିକ ଗଳ୍ପ ଭାଷାକୁ ଲକ୍ଷ୍ୟ କଲେ ଜଣାଯାଏ ଭାଷା କେବଳ ଯୋଗାଯୋଗର ମାଧ୍ୟମ ହୋଇ ରହି ନାହିଁ, କେବଳ ବିବରଣୀ ପ୍ରଦାନ କରିବାର ମାଧ୍ୟମ ହୋଇ ରହି ନାହିଁ ବରଂ ଚମତ୍କାର ଅନୁଭବ ଆଣିବାର ଯାଦୁକରୀ ଶକ୍ତି ତା ନିକଟରେ ସମାହିତ । ବାସ୍ତବରେ ସାଂପ୍ରତିକ ସମୟର ସାମାଜିକ ପରିବର୍ତ୍ତନ ପାଠକୀୟ ମାନସିକତାର ପରିବର୍ତ୍ତନକୁ ଆଖି ଆଗରେ ରଖି ଗାଳ୍ପିକମାନେ କଳାତ୍ମକ ଭାଷା ଶୈଳୀର ପ୍ରୟୋଗ କରୁଛନ୍ତି । ଯଦ୍ୱାରା ଗଳ୍ପ ସାହିତ୍ୟ ସମୃଦ୍ଧ ହେବା ସହିତ ଓଡ଼ିଆ ଗଳ୍ପ ଯୁଗୋପଯୋଗୀ ହୋଇପାରୁଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ କଥା କଳ୍ପନାର ଦିଗ ଓ ଦିଗନ୍ତ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୨୦୧୦ ।

୨. ପ୍ରଧାନ, କୃଷ୍ଣଚନ୍ଦ୍ର, ମନୋଜ କଳା-କଳ୍ପନା (ସଂ), ବିଦ୍ୟାପୁରୀ, ବାଲୁ ବଜାର, କଟକ, ୨୦୧୦ ।

୩. ପରିଡ଼ା, ଡକ୍ଟର ପ୍ରକାଶ କୁମାର, କଥା ତତ୍ତ୍ୱ : କଥାରୂପ, ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, କଟକ, ୨୦୦୫, ଦ୍ୱିତୀୟ ସଂସ୍କରଣ ।

୪. ପରିଡ଼ା, ଡକ୍ଟର ପ୍ରକାଶ କୁମାର, କଥା-କଥାଗ୍ରନ୍ଥ-କଥାକାର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୧୯୯୫ ।

୫. ଦାସ, କିଶୋରୀ ଚରଣ, କଥା ସାହିତ୍ୟର କଳା ଓ କାରିଗରୀ, ଇଷ୍ଟର୍ଣ୍ଣ ମିଡ଼ିଆ, ଭୁବନେଶ୍ୱର, ୧୯୯୦ ।



ଗବେଷିକା

ବିଶ୍ୱଭାରତୀ, ଶାନ୍ତିନିକେତନ

mamataofficial2023@gmail.com

ISSN -2583-147X (P), **Vol.- 9, Issue No.VIII, November 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ପଦ୍ମଜ ପାଳଙ୍କ ଉପନ୍ୟାସ : ଯୌନ-ପ୍ରସଙ୍ଗ

**ଯୁଗିରାମ ପୁଟେଲ**

ସାମ୍ପ୍ରତିକ ଓଡ଼ିଆ କଥା ସାହିତ୍ୟର ଜଣେ ବିଶିଷ୍ଟ ସର୍ଜନଶୀଳ ବ୍ୟକ୍ତି ହେଉଛନ୍ତି ପଦ୍ମଜ ପାଳ । ଓଡ଼ିଆ ଗଳ୍ପ ଉପନ୍ୟାସ ରଚନା କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ରତା ବାରି ହୋଇପଡେ । ସମାଜର ବିବିଧ ଘଟଣା, ଚରିତ୍ରକୁ ନେଇ ସେ ତାଙ୍କର ସାହିତ୍ୟ ସୃଷ୍ଟି କରିଛନ୍ତି । ସମାଜ ଜୀବନ ତଥା ବ୍ୟକ୍ତି ଜୀବନର ଅନ୍ତଃସତ୍ତ୍ୱା ଓ ବହିଃସତ୍ତ୍ୱାକୁ ଗଭୀର ଭାବରେ ଅନୁଶୀଳନ କରି ତାହାକୁ ତାଙ୍କ କୃତି ଗୁଡିକରେ ରୂପାୟିତ କରିଛନ୍ତି । ତାଙ୍କ କୃତିଗୁଡିକର ଗଠନ ଶୈଳୀ ଯେପରି ଭିନ୍ନ ସେପରି ଆକର୍ଷଣୀୟ ଓ ବହୁବିଧ ତାଙ୍କର ରଚନା ଶୈଳୀ । ଦୀର୍ଘ ପଚାଶ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସେ ତାଙ୍କ ଲେଖନୀ ଚାଳନା କରିଆସୁଛନ୍ତି । ତାଙ୍କ କୃତିଗୁଡିକ ମଧ୍ୟରେ ରହିଛି 'ଦୁର୍ଗ ପତନର ବେଳ' (୧୯୮୮), 'ଆମ ସମୟର ଦୁଃଖ' (୧୯୮୯), 'ଯିବୁ କି ଥିବୁ' (୧୯୯୪), 'ପାପ ପରି ନିଜର' (୧୯୯୫ ), 'ଗଣ୍ଡ ଭୈରବ' (୧୯୯୮), 'ଓୟେ ପୁଅମା' (୨୦୦୨), 'ଗାନ୍ଧୀ ଛକରୁ ଟିକିଏ ଆଗକୁ' (୨୦୦୨), 'ପଣ୍ଡୁରଗାଂ ନିବାସ'(୨୦୦୪), 'ଆକ୍ରାନ୍ତ ୩/୪' (୨୦୦୪), 'ମାମୁଁ ଘର ଚଉଁରି' (୨୦୦୯), 'ଛାଇ ଲେଉଟାଣୀ' (୨୦୧୦), 'ଅପଦେବତା' (୨୦୧୦), 'ଜରା ନିବାସ' (୨୦୧୦), 'ଯାତ୍ରା ଡଟ୍ କମ୍' (୨୦୧୧), 'ମୁହୂର୍ତ୍ତେ ମାତ୍ର' (୨୦୧୧), 'ଗହ୍ୱର' (୨୦୧୧), 'ହାଏ ମୁନି କେମିତି ଅଛ ?' (୨୦୧୩), 'ପ୍ରତିସ୍ପର୍ଦ୍ଧା' (୨୦୧୬) ଆଦି ଉପନ୍ୟାସ । ଉକ୍ତ ଉପନ୍ୟାସଗୁଡିକରେ କୃଷି ଓ କୃଷକର ସମସ୍ୟା, ଗ୍ରାମ୍ୟ ଜୀବନର ଅବକ୍ଷୟ, ମାଓବାଦୀ ସମସ୍ୟା, ପାରିବାରିକ ସମସ୍ୟା, ସରକାରୀ ଅବ୍ୟବସ୍ଥା, ରାଜନୈତିକ ଦୁର୍ନୀତି, ଜାତିଆଣ ଭେଦଭାବ, ତନ୍ତ୍ରମନ୍ତ୍ର, ଯୌନତା ଆଦି ବିଷୟଗୁଡିକୁ ନେଇ ସେ ଉପନ୍ୟାସ ରଚନା କରିଥିଲେ ହେଁ ତାଙ୍କର ଅର୍ଦ୍ଧାଧିକ ଉପନ୍ୟାସରେ ଯୌନତା ଏକ ମୁଖ୍ୟ ବିଭବ ରୂପେ ଉଭା ହୋଇଛି ।

ଯୌନତା ମଣିଷର ଆଦିମ ତଥା ସହଜାତ ପ୍ରବୃତ୍ତି । ଏହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ଭିତରେ ବିଦ୍ୟମାନ ଥାଏ । ପେଟର ଭୋକ ପାଇଁ ଯେପରି ଖାଦ୍ୟର ଆବଶ୍ୟକତା ରହିଛି, ଦେହର ଭୋକ ପାଇଁ ସେପରି ଯୌନତାର ଆବଶ୍ୟକତା ରହିଛି । ଏଥିରେ ଅସ୍ୱାଭାବିକତା ବୋଲି କିଛି ନାହିଁ । ଜୀବବିଜ୍ଞାନ ଅନୁଯାଇ ପ୍ରତ୍ୟେକ ପ୍ରାଣୀ ଓ ମନୁଷ୍ୟ ଯୌନତାର ଅଧୀନ । ଜୀବନର ମୂଳରେ ଯୌନତା ହିଁ ନିହିତ । ଯୌନ ସମ୍ବନ୍ଧ ବ୍ୟତୀତ ନୂତନ ଜୀବନ ସୃଷ୍ଟି ହୋଇପାରେ ନାହିଁ । ସେ ମନୁଷ୍ୟ ହେଉ, ପ୍ରାଣୀ ହେଉ, କି ଉଦ୍ଭିଦଜଗତ । ସମସ୍ତଙ୍କ ମୂଳରେ ଯୌନତା ହିଁ ନିହିତ ।

ବିଶ୍ୱ ସୃଷ୍ଟିଠାରୁ ଆଜି ପର୍ଯ୍ୟନ୍ତ ଯୌନତା ସ୍ୱାଭାବିକ ଭାବରେ ଗତିକରି ଆସିଛି । ପ୍ରାଚୀନ କାଳରେ ଯୌନଶିକ୍ଷା ଦେବାର ପ୍ରଚଳନ ଥିଲା । ଯାହାର ଉଦାହରଣ ବାତ୍ସାୟନଙ୍କ କାମଶାସ୍ତ୍ରରେ ଦେଖିବାକୁ ମିଳେ । ବିଷ୍ଣୁ ଶର୍ମା ମଧ୍ୟ ନିଜ ଶିଷ୍ୟ ରାଜପୁତ୍ରମାନଙ୍କୁ ଯୌନଶିକ୍ଷା ଦେବାର ଜଣାଯାଏ । ଏହା ବ୍ୟତୀତ ଭାସ୍କର୍ଯ୍ୟ ଓ ଚିତ୍ରକଳାରେ ଯୌନତାର ନିଖୁଣ ଚିତ୍ର ଦେଖିବାକୁ ମିଳେ, ଅବଶ୍ୟ ଏହାର ପଛରେ ଧାର୍ମିକ ମତବାଦ ନିହିତ ରହିଛି । ମାତ୍ର ପ୍ରାଚୀନ କାଳରେ ଯୌନତାର ଏକ ବ୍ୟାପକ ସମ୍ପୃକ୍ତି ଜନସମାଜରେ ନିହିତ ରହିଥିଲା, ଏକଥାକୁ ଅସ୍ୱୀକାର କରାଯାଇ ନପାରେ । ବର୍ତ୍ତମାନ ଯୁଗରେ ମଧ୍ୟ ସମାଜ, ଯୌନଶିକ୍ଷାର ଗୁରୁତ୍ୱ ଉପଲବ୍ଧି କଲାଣି । ତେଣୁ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ମାଧ୍ୟମରେ ଯୌନଶିକ୍ଷା ଦେବାର ପ୍ରଚଳନ ରହିଛି ।

ସାହିତ୍ୟ ସବୁବେଳେ ପ୍ରେମର ଜୟଗାନ କରିଛି । ସେହି ପ୍ରେମରୁ ଉତ୍ସରିତ ହୋଇଛି ଯୌନତା । ସାହିତ୍ୟରେ ମନୁଷ୍ୟର ଅନ୍ତଃସାରସତ୍ତ୍ୱା ଅଭିବ୍ୟକ୍ତି ପ୍ରକାଶିତ ହେଉଥିବାରୁ ସେଥିରେ ଯୌନତା ପ୍ରତିସରିତ ହେବା ସ୍ୱାଭାବିକ । ତେଣୁ ସାହିତ୍ୟର ପ୍ରାରମ୍ଭିକ କାଳରୁ ଆଜି ପର୍ଯ୍ୟନ୍ତ ଏହା ସାହିତ୍ୟର ମୁଖ୍ୟ ବିଭାବ ରୂପେ ଉଭା

ହୋଇଛି । ପ୍ରାଚୀନ ସାହିତ୍ୟରେ ଏହା ଧାର୍ମିକ ମତବାଦ ସହିତ ଜଡ଼ିତ ଥିଲେ ହେଁ ପରବର୍ତ୍ତୀ କାଳରେ ମଣିଷର ଆଦିମ ପ୍ରବୃତ୍ତି ରୂପେ ଉଭା ହୋଇଛି । ଏ ଦୃଷ୍ଟିରୁ ବିଚାର କଲେ ପଦ୍ମଜ ପାଲଙ୍କ ଉପନ୍ୟାସଗୁଡ଼ିକରେ ଯୌନତାର ଅଭିବ୍ୟକ୍ତି ବେଶ୍ ସ୍ୱତନ୍ତ୍ର ଭାବରେ ବାରି ହୋଇପଡ଼େ । ତାଙ୍କର 'ଆମ ସମୟର ଦୁଃଖ', 'ପାପ ପରି ନିଜର', 'ଗଣ୍ଡ ଭୈରବ', ଛାଇ ଲେଉଟାଣି', 'ଜରା ନିବାସ', 'ଆକ୍ରାନ୍ତ ୩/୪, 'ପ୍ରତିସ୍ପର୍ଦ୍ଧା', 'ହାଏ ମୁନି କେମିତି ଅଛ ?' ଆଦି ଉପନ୍ୟାସଗୁଡ଼ିକରେ ଯୌନତାର ବିବିଧ ରୂପକୁ ଦେଖି ହୁଏ ।

ପଦ୍ମଜ ପାଲଙ୍କ ଅନ୍ୟ ଏକ ସଫଳ ଉପନ୍ୟାସ ହେଉଛି 'ଆମ ସମୟର ଦୁଃଖ', ଯାହା ୧୯୮୯ ମସିହାରେ ପ୍ରକାଶିତ ହୋଇଥିଲା । ଯଦୁନାଥ ରଣା, ମଧୁ ପଣ୍ଡା, ଶ୍ୟାମ ଦାସ ଓ ରାମ ମହାନ୍ତିଙ୍କ ଜୀବନ ବୃତ୍ତାନ୍ତ ଏଥିରେ ବର୍ଣ୍ଣିତ । ତାଙ୍କ ଜୀବନରେ ଘଟୁଥିବା ଉତ୍‌ଥାନ ପତନକୁ ନେଇ ଉପନ୍ୟାସର କଳେବର ଗଠିତ । ଉପନ୍ୟାସରେ ଜଣେ ପ୍ରେମିକ, ଜଣେ କପଡ଼ା ବ୍ୟବସାୟୀ, ଜଣେ ଆଦର୍ଶବାଦୀ ରାଜନେତା ଓ ଜଣେ ଅଶ୍ଳୀଳ ସିନେମା କ୍ୟାସେଟ୍ ବ୍ୟାପାରି । ଯୌନତାକୁ ନେଇ କିଏ ଜୀବିକା ନିର୍ବାହ କରେ, ତ କିଏ ଜୀବନକୁ ଉପଭୋଗ କରେ । ଉପନ୍ୟାସର ନାୟକ ରାମ ମହାନ୍ତି ଅଶ୍ଳୀଳ କ୍ୟାସେଟ୍ ବିକ୍ରିକରି ନିଜର ଜୀବିକା ନିର୍ବାହ କରେ । ବ୍ଲୁଫିଲ୍ମ ଚଲାଇ ଅର୍ଥ ରୋଜଗାର କରେ ଏବଂ ଶେଷରେ ଜେଲ ମଧ୍ୟ ଯାଏ ।

ପରିବାର ହେଉଛି ସନ୍ତାନ ମାନଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ । ପରିବାରରେ ସେ ଯେଉଁ ଶିକ୍ଷା ଗ୍ରହଣ କରେ ତାହାକୁ ହିଁ ପରବର୍ତ୍ତୀ ଜୀବନରେ ସେ ଉପଯୋଗ କରେ । ରାମ ମହାନ୍ତିର ପରିବାର କହିଲେ ଦୁଇଜଣ -ବାପା ଓ ପୁଅ । ବାପା ନିରଂଜନ ମହନ୍ତି ଏକ୍‌ଜିକ୍ୟୁଟିଭ ଇଂଜିନିୟର । ଜଣେ ଉଚ୍ଚପଦସ୍ଥ ବ୍ୟକ୍ତି ହେବା ସହିତ ଜଣେ କାମୁକ ପ୍ରବଣ ବ୍ୟକ୍ତି ମଧ୍ୟ । ଦୁର୍ନୀତି ଯେମିତି ତାଙ୍କର ରକ୍ତ କଣାରେ ଲାଗି ରହିଛି । ସେ ନିଜର ଯୌନ କ୍ଷୁଧାକୁ ମେଣ୍ଟାଇବା ପାଇଁ ଅନେକ ଝିଅ ସହିତ ଶାରୀରିକ ସମ୍ପର୍କ ରଖନ୍ତି । ଅନେକ ଯୁବତୀକୁ ନିଜ କାମନାର ଶିକାର କରିଛନ୍ତି । ଯେଉଁ ଝିଅ ଥରେ ତାଙ୍କ ଆଖିରେ ପଡ଼େ ସେ ଆଉ ବର୍ତ୍ତି ପାରେ ନାହିଁ । ରାମ ମହାନ୍ତି ପିଲାଦିନରୁ ଏସବୁ ନିଜ ଆଖିରେ ଦେଖିବା ଦ୍ୱାରା ତାର ଜୀବନ ଶୈଳୀ ଉପରେ ଏହାର ପ୍ରଭାବ ପଡିଛି ।

ପଦ୍ମଜ ପାଲଙ୍କ ଅନ୍ୟ ଏକ ସଫଳ ଉପନ୍ୟାସ ହେଉଛି 'ପାପ ପରି ନିଜର' । ଏହା ୧୯୫୫ ମସିହାରେ ପ୍ରକାଶିତ ହୋଇଥିଲା । ପାପ ପରି ନିଜରରେ ଜଣେ କାମୁକ ପ୍ରବଣ ବ୍ୟକ୍ତି ସୋମନାଥ ନାୟକ ଓରଫ୍ ସଂକେତ ନାଚୁରାର ସମ୍ଭୋଗ ଜୀବନର କାହାଣୀ ବର୍ଣ୍ଣିତ । ସୋମନାଥ ନାୟକକୁ ସଂକେତ ନାଚୁରାରେ ରୂପାନ୍ତରିତ କରିଛି ସୁବର୍ଣ୍ଣ ମେହେଟ୍ଟା, ଯିଏ ଜଣେ ସାମ୍ବାଦିକ । ଏକଦା ଦିଲ୍ଲୀରୁ ଓଡିଶାକୁ ଆସିଥିବା ସୁବର୍ଣ୍ଣ ମେହେଟ୍ଟା ସୋମନାଥକୁ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ଦେଖିବାକୁ ପାଏ ଏବଂ ଭାବେ ସୋମନାଥ ତା ପାଇଁ ଏକ ଭବିଷ୍ୟତ ଘଟଣାର ପୁଞ୍ଜି । ସୋମନାଥର ଅର୍ଦ୍ଧଉଲଗ୍ନ ଶରୀରରେ ସୁବର୍ଣ୍ଣ ଦେଖିଲା ମଣିଷର ସେଇ ଆଦିମ ଚେତନା ଓ ରୂପକୁ । ଯେଉଁ ରୂପ ଓ ଚେତନାକୁ କେବଳ ସୁବର୍ଣ୍ଣ ଭଳି ସନ୍ଧାନୀ ବ୍ୟକ୍ତି ହିଁ ଦେଖିପାରେ । ପରେ ସେ ସୋମନାଥକୁ ବିଭିନ୍ନ ରୂପରେ ଓ ବିଭିନ୍ନ ଭାବରେ ଦେଖିବାକୁ ଚାହିଛି । ପରିଣାମ ସ୍ୱରୂପ ସୁବର୍ଣ୍ଣ ମେହେଟ୍ଟା ମଣିଷର ଆଦିମ ସ୍ୱରୁପକୁ ବିଶ୍ୱ ଓ ଜଗତର ସାମ୍ନାରେ ଉପସ୍ଥାପିତ କରିବାକୁ ଚାହିଁଛି । ତେଣୁ ସେ ସୋମନାଥର ଉଲଗ୍ନ ଫଟୋ କାଢ଼ି ମିସେଲଫ୍ ପତ୍ରିକାରେ ପ୍ରକାଶିତ କରିଛି ଏବଂ ସୋମନାଥ ନାୟକକୁ ସଂକେତ ନାଚୁରାରେ ପରିଣତ କରିଛି । ସୋମନାଥ ସଂକେତ ନାଚୁରାରେ ପରିଣତ ହେବାପରେ ସମସ୍ତ ସଂସାର ତାକୁ ଉଲଗ୍ନ ଭାବରେ ଦେଖା ଦେଇଛି । ବେଦରେ ଗୋଟିଏ କଥା ଉଲ୍ଲେଖ ରହିଛି- ଯଥା ଦୃଷ୍ଟି ତଥା ସୃଷ୍ଟି । ଅର୍ଥାତ ଯେପରି ଦୃଷ୍ଟି ସେପରି ସୃଷ୍ଟି । ଏ ବିଶ୍ୱ ତମକୁ ସେମିତି ଦେଖାଯିବ, ଯେମିତି ତମର ଦୃଷ୍ଟିଭଙ୍ଗୀ । ସଂକେତ ନାଚୁରା ମଧ୍ୟରେ ଭରି ରହିଛି ଅସୀମ କାମ ପ୍ରବୃତ୍ତି । ଯେଉଁ କାମ ପ୍ରବୃତ୍ତିର ପରିତୃପ୍ତି ହିଁ ନାହିଁ । ଯିଏ ସମ୍ଭୋଗ ଛଡ଼ା କିଛି ବୁଝେ ନାହିଁ, କିଛି ଦେଖେ ନାହିଁ କି କିଛି ଚିହ୍ନେ ନାହିଁ । ଯାହାର ଯୌନ ପିପାସାର ପରିତୃପ୍ତି ହିଁ ନାହିଁ । ତେଣୁ ସେ ବାରମ୍ବାର ସୁବର୍ଣ୍ଣ ସହିତ ସମ୍ଭୋଗ କ୍ରୀଡାରେ ରତ ରହିଛି ମାତ୍ର ତା ଯୌନ ପିପାସାର ପରିତୃପ୍ତି ଘଟି ନାହିଁ । ଔପନ୍ୟାସିକ ଭାଷାରେ "ତା ଦେହକୁ ନେଇ ତାକୁ ଅନବରତ ସମ୍ଭୋଗ କ୍ରୀଡାରେ ମତୁଆଲା ସଂକେତ । ସୁବର୍ଣ୍ଣ ଅବଶ ହୋଇ ପଡିଲା । କ୍ଳାନ୍ତ ହୋଇ ପଡିଲା । ଭୟଭୀତ ହୋଇପଡିଲା । କେମିତି ଗୋଟିଏ ପାପ ଓ ଅପରାଧ ବୋଧର ଆତ୍ମଗ୍ଲାନିରେ ସେ ଛଟପଟ ହୋଇ କହିଲା- ମୁଁ ଆଉ ସହିପାରୁନି ସଂକେତ'' ।(୧) ସଂସାରର ସମସ୍ତ ଲୋକ ତାକୁ ଉଲଗ୍ନ ଭାବରେ ଦୃଶ୍ୟମାନ ହେଉଥିଲେ । ସେ ସମସ୍ତଙ୍କୁ ସମ୍ଭୋଗ କରିବାକୁ ଚାହୁଥିଲା । ମାତ୍ର ତାର ଏ ବିକୃତ ମନୋଭାବ ଯୋଗୁଁ ଗାଁ ଲୋକ ତାକୁ ବାଡ଼େଇ ପୋଲିସରେ ଦେଇ ଦେଇଛନ୍ତି ।

ଅନୁରୂପ ଭାବରେ ତାଙ୍କର ଅନ୍ୟଏକ ଉପନ୍ୟାସ ହେଉଛି 'ଗଣ୍ଡ ଭୈରବ' । ଯେଉଁଥିରେ ମନୁଷ୍ୟ ଓ ଦେବତା ମଧ୍ୟରେ

ଯୌନସମ୍ପର୍କ ଥିବାକଥା ଉଲ୍ଲେଖ ରହିଛି । ଦେବଦାସୀ ସ୍ୱାତୀଲଗ୍ନା ଓ ଶ୍ରୀ ଜଗନ୍ନାଥ ମ୍ଧ୍ୟରେ ଦୈହିକ ସମ୍ପର୍କ ଗଣ୍ଡ ଭୈରବର ପ୍ରମୁଖ ବିଷୟ ।

ସୃଷ୍ଟିର ମୂଳତତ୍ତ୍ୱ ହେଉଛି ଯୌନତା । ତେଣୁ ଏହା ମନୁଷ୍ୟଠାରୁ ଆରମ୍ଭ କରି ପଶୁ, ପକ୍ଷୀ, ଗଛ, ଲତା ପ୍ରାଣୀ, ଉଦ୍ଭିଦ ସମସ୍ତଙ୍କ ମଧ୍ୟରେ ସଂଘଟିତ ହେବାର ଜଣାଯାଏ । ଏପରିକି ମନୁଷ୍ୟ ଓ ଦେବତା ଭିତରେ ମଧ୍ୟ ଯୌନ ପ୍ରକ୍ରିୟା ହେବା କଥା ପୁରାଣ ଓ କିମ୍ବଦନ୍ତୀରୁ ଜଣାଯାଏ । ପ୍ରାଚୀନ କାଳରେ ଦେବତାମାନଙ୍କ ସହିତ କୁଆଁରୀ ଝିଅମାନଙ୍କୁ ବିବାହ କରାଯାଉଥିଲା, ଯାହା ଦେବଦାସୀ ପ୍ରଥା ନାମରେ ପରିଚିତ । ଦେବଦାସୀ ଅର୍ଥାତ ଦେବତାର ଦାସୀ । ସେମାନଙ୍କୁ ଦେବତାମାନଙ୍କର ପତ୍ନୀ ଭାବରେ ଗ୍ରହଣ କରାଯାଏ । ତେଣୁ ଦେବତା ଓ ମାନବ ରୂପୀ ଦେବଦାସୀ ଭିତରେ ଯୌନସମ୍ପର୍କ ଥିବାକଥା କିମ୍ବଦନ୍ତୀରେ ଉଲ୍ଲେଖ ରହିଛି । ମାତ୍ର ସେ ଯୌନସମ୍ପର୍କରେ କୌଣସି କାମ ଭାବନା ନଥିଲା ବରଂ ସେଥିରେ ଥିଲା ସାତ୍ତ୍ୱିକ ଭାବନା । ସମର୍ପଣ ଭାବନା । ପଦ୍ମଜ ପାଲଙ୍କ 'ଗଣ୍ଡ ଭୈରବ' ଉପନ୍ୟାସରେ ମନୁଷ୍ୟ ଓ ଦେବତା ମ୍ଧ୍ୟରେ ଦୈହିକ ସମ୍ପର୍କ ଥିବାକଥା ଉଲ୍ଲେଖ ରହିଛି । ଦେବଦାସୀ ସ୍ୱାତୀଲଗ୍ନା ପ୍ରତିଦିନ ସୁବାସିତ ଜଳରେ ଗାଧୋଇ ରାତ୍ରୀର ଦ୍ୱିତୀୟ ପ୍ରହରରେ ବିଜେକରେ ଅଭିସାରିକା ସାଜି । ମଥାରେ ସିନ୍ଦୁର, ଆଖିରେ କଜ୍ଜଳ , ଗଭାରେ ଗଜରା, ପାଦରେ ଘୁଙ୍ଗୁର ପିନ୍ଧି ନୃତ୍ୟ କରେ । ନାଚି ନାଚି ଦେବଦାସୀ ଖୋଲି ଦିଏ ଶରୀର ଉପରେ ଢାଙ୍କି ଥିବା ଉତ୍ତରୀୟ ଗୁଡିକ । ଅର୍ଦ୍ଧନଗ୍ନ ଦେହକୁ ସମର୍ପି ଦେଇ ମିନତି କରେ –

"ମୋତେ ଆୟତ୍ତ କର ନଟବର ନାଗର ।
ଏ ଦେହର ଜ୍ୱାଳାକୁ ଧାରଣ କରି ପାରୁନି ।
ମନ ବି ମୋର ବ୍ୟାକୁଳ ଉନ୍ମତ୍ତ
ତୋ ପାଦ ତଳେ ମୁଁ ତତେ ସମର୍ପଣ କରୁଛି
ଗ୍ରହଣ କର ମୋତେ
ଯା ଇଚ୍ଛା ତା କର ।

x x x

ଦେବଦାସୀ ଗଭାରୁ ଖସିପଡ଼ିଲା ଗଜରା, ଗଳାରୁ ଛିଣ୍ଡିଗଲା ମାଳା । ସ୍ତନରୁ ବିଳମ୍ବିତ ହେଲା ଚିତ୍ରପତ୍ର । ଏମିତି ରକ୍ତ ମଣିଷ ସହ ଦାରୁ ଦେବତାର ଶୃଙ୍ଗାର । ଏମିତି ରାତି ପାହି ଯାଏ ।''(୨) ଶଙ୍ଖକ୍ଷେତ୍ର ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଅବସ୍ଥିତ, ଯେଉଁଠି ମାଲୁଣୀ ନିତ୍ୟ ଆଣିଥିବା ଫୁଲକୁ ଦେବଦାସୀ ସ୍ୱାତୀଲଗ୍ନା ନିଜେ ପରିଧାନ କରିବା ସହିତ ପ୍ରଭୁ ଜଗନ୍ନାଥକୁ ପରିଧାନ କରାଏ, ତା ସହିତ ସମର୍ପି ଦିଏ ନିଜର ତନ-ମନ ଓ ଯୌବନକୁ । ଏହା ତାର ନିତ୍ୟନିୟମିତ କାର୍ଯ୍ୟ, ଯାହା କେବେ ମଧ୍ୟ ବନ୍ଦ ହୁଏ ନାହିଁ । ବିଶ୍ୱାସ କରାଯାଏ ପ୍ରଭୁ ଜଗନ୍ନାଥ ଫୁଲ ମାଳାକୁ ଗ୍ରହଣ କଲାପରି ତାକୁ ମ୍ଧ୍ୟ ଗ୍ରହଣ କରିଥାନ୍ତି ।

ସେହିପରି ତାଙ୍କର ଅନ୍ୟଏକ ଉପନ୍ୟାସ 'ଗହ୍ୱର', ଯେଉଁଥିରେ ପରକିୟା ଯୌନସମ୍ପର୍କ ରହିଛି । ଉପନ୍ୟାସର ନାୟିକା ଜୁଲି ଓ ଭେଣେଇ ଜୟନ୍ତ ଭିତରେ ଏହି ପରକିୟା ଯୌନ ସମ୍ପର୍କ ଦେଖିବାକୁ ମିଳେ । ନାୟିକା ଜୁଲି ଏମ୍.ବି.ଏ ପାଠ ଇଲାଅପା ଘରେ ରହି ପଢୁଥିବା ସମୟରେ, ଜୟନ୍ତ ଶାରୀରିକ ସମ୍ପର୍କ ରଖିଛି ଜୁଲି ସହିତ । ଏ ସମ୍ପର୍କର ଡୋରୀ ସେମାନେ ଛାଡିବାକୁ ଚାହିଁଲେ ମଧ୍ୟ ଛାଡିପାରି ନାହାନ୍ତି । ତେଣୁ ଏ ସମ୍ପର୍କ କ୍ରମାଗତ ଭାବରେ ଲାଗି ରହିଛି । ଔପନ୍ୟାସିକଙ୍କ ଭାଷାରେ "ମୁଁ ପୁଣି ସେଇ ବିଛଣା ଉପରେ ପଡିଗଲି । ଯେଉଁ ବିଛଣା ଉପରେ ଇଲାଅପା ଜୟନ୍ତ ଭାଇ ସ୍ୱାମୀ ସ୍ତ୍ରୀର ସମ୍ପର୍କର ଅଧିକାରକୁ ନିର୍ବିବୋଧ ଭାବରେ ଗ୍ରହଣ କରନ୍ତି । ସେଇ ବିଛଣା ଉପରେ ଘଣ୍ଟାଏ ଦୁଇଘଣ୍ଟା ତଳେ ମୋତେ ନେଇ ସେ ରତିକ୍ରୀଡା ରଚିତ ହେଲା । x x x ସେ ମୋ ଆଖିରୁ ଲୁହ ପୋଛି ମୋ ଆଖିର ପତାଉପରେ ଚୁମା ଦେଲେ । ମୋ ମୁହଁକୁ ଆଣି ତାଙ୍କ ଛାତିଉପରେ ଚାପିଧରିଲେ । ମୁଁ ଅନୁଭବ କଲି ତାଙ୍କ ହାତଟା ମୋ ଦେହରେ ସାପଟିଏ ଭଳି ଗୁଡେଇ ହୋଇ ଯାଉଛି । ମୋ ଦେହର ଆବରଣ ଭେଦକରି କେଉଁ କେଉଁ କନ୍ଦି ବିକନ୍ଦିରେ ଚାପି ଦେଉଛି । ଆଉ ସେଇଚାପ ସେଇସ୍ପର୍ଶ ପୁଣି ମୋତେ ନିର୍ଜୀବ କରିଦେଉଛି ।"(୩)

ପୁରୀ ସହରରେ ରହୁଥିବା ନରହରି ସାମନ୍ତଙ୍କ ଦୁଇ ଝିଅ ଇଲା ସାମନ୍ତ ଓ ଜୁଲି ସାମନ୍ତ । ଇଲା ସରକାରୀ ଚାକିରୀ କରି ସ୍ୱାମୀ ଜୟନ୍ତ ପୁହାଣ ସହିତ ନୟାଗଡ ସହରରେ ରୁହେ । ଦୁଇ ଭଉଣୀ ଦେଖିବାକୁ ସମାନ ମାତ୍ର ତାଙ୍କର ସ୍ୱଭାବ ଭିନ୍ନ ଭିନ୍ନ । ଇଲା ଖୁବ ରୋକ୍ ଠୋକ୍ ଓ ନିରବ ସ୍ୱଭାବର ବ୍ୟକ୍ତି । ତାକୁ କିଏ ପଦେ କହିଦେଲେ ସେ ମୁହେଁ ମୁହେଁ ଜବାବ ଦେଇଦିଏ । ଥଟ୍ଟା ତାମସା କରେ ନାହିଁ କି କେଉଁ ଲୋକ ସହିତ ଗପ ଜମେଇବା ତାର ସ୍ୱଭାବ ନୁହେଁ । ବଳକା ସମୟରେ ସେ ସିଲେଇ କରେ, ଆଚାର କରେ ଓ ପଢା ପୁଢି କରେ । ଜୁଲି କିନ୍ତୁ ତାର ବିପରିତ । ସେ ବହୁତ ଚୁଲବୁଲି ଓ ହସମୁଖ ଝିଅ ଟିଏ । ସେ ପଢିବାକୁ ପସନ୍ଦ କରେ ନାହିଁ, କି ଚାକିରୀ କରିବାର ଇଚ୍ଛା ନାହିଁ । ବରଙ୍ଗ ସେ ଇଲା ପରି ଘର ସଂସାର କରି ଖୁସିରେ ରହିବାକୁ ପସନ୍ଦ

କରେ । ଜୟନ୍ତ ମଧ୍ୟ ଠିକ୍ ତାରି ସ୍ୱଭାବର, ଗପୁଡି ଓ ରସିକ ପ୍ରବଣ ବ୍ୟକ୍ତି । ଜୁଲି ବେଳେ ବେଳେ ଭାବେ ଜୟନ୍ତ ଭାଇ ଇଲା ଅପାକୁ ପ୍ରେମ କଲେ କେମିତି ? କାରଣ ଦୁହିଁଙ୍କ ସ୍ୱଭାବ ବହୁତ ଭିନ୍ନ । ଏକଦା ଜୁଲି ଖରା ଛୁଟିରେ ଇଲା ଅପା ଘରକୁ ଯାଇଛି ଏବଂ ଜୟନ୍ତ ଭାଇ ଓ ତାରି ମଧ୍ୟରେ ଦୈହିକ ସମ୍ପର୍କ ହୋଇଯାଇଛି । କେହି କାହାକୁ ମନା ମଧ୍ୟ କରିପାରି ନାହାନ୍ତି । ଏବଂ ଏହା କ୍ରମାଗତ ଭାବରେ ଲାଗି ରହିଛି ମାସିଏ ପର୍ଯ୍ୟନ୍ତ ।

ତାଙ୍କର ଅନ୍ୟଏକ ପ୍ରମୁଖ ଉପନ୍ୟାସ'ଛାଇଲେଉଟାଣି'ରେ ହସ୍ତମୈଥୁନ ବିଷୟରେ ବର୍ଣ୍ଣିତ ରହିଛି । ଜୀବନର ଗୋଟିଏ ନିର୍ଦ୍ଦିଷ୍ଟ କାଳ ବା ସମୟରେ ମନୁଷ୍ୟ ସାଧାରଣତଃ ହସ୍ତମୈଥୁନ କରିବାର ଦେଖାଯାଏ । ଏହି ଅଭ୍ୟାସ ପୁରୁଷ ଓ ନାରୀ ଉଭୟଠାରେ ଦେଖାଯାଇଥାଏ । ବିଭିନ୍ନ ଦେଶର ଯୌନ ତତ୍ତ୍ୱବିଦ୍ ମାନଙ୍କ ଲେଖାରୁ ମଧ୍ୟ ଜଣାଯାଏ ଯେ ଏହି ଅଭ୍ୟାସ ପ୍ରତ୍ୟକ ଦେଶରେ ରହିଅଛି । ସେମାନଙ୍କ ମତରେ ପ୍ରାୟତଃ ପ୍ରତ୍ୟେକ ମନୁଷ୍ୟ ଜୀବନର କୌଣସି ଏକ ସମୟରେ ଏହି ଅଭ୍ୟାସ କରିବାର ଦେଖାଯାଏ ଏବଂ ଏହା ଏକୁଟିଆ ରହିବାର ସମୟରେ ହିଁ ହୋଇଥାଏ । ପଦ୍ମଜ ପାଳଙ୍କ 'ଛାଇଲେଉଟାଣି' ଉପନ୍ୟାସର ନାୟିକା କାଜଲ ମଧ୍ୟ ଏହି ଅଭ୍ୟାସର ବଶବର୍ତ୍ତୀ ହେବାର ଦେଖାଯାଏ ।

ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା କାଜଲ, ବାପା ମାଁଙ୍କର ମୃତ୍ୟୁ ପରେ ସେ ଏକୁଟିଆ ଜୀବନ ଅତିବାହିତ କରେ । କାକା ଖୁଡି ତାକୁ କେହି ପଚାରି ନାହାନ୍ତି । ତେଣୁ ସେ ନିଜ ଉଦ୍ୟମରେ ପାଠପଢ଼ି ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ସାଜେ । ଜୀବନର ଅଣତିରିଶ ବର୍ଷ ଅତିକ୍ରମ କରିଥିଲେ ସୁଦ୍ଧା ସେଆଜି ଅବିବାହିତ, ଏକୁଟିଆ ଓ ନିଃସଙ୍ଗ । ନିଜର କର୍ମବହୁଳ ଜୀବନରେ ସେ ସଦା ସର୍ବଦା ଖୁସି ରହିବାକୁ ଚେଷ୍ଟା କରେ, ମାତ୍ର ସେ ଯେତେବେଳେ ଏକୁଟିଆ ନିଃସଙ୍ଗ ଅନୁଭବ କରେ ସେତେବେଳେ ତା ଭିତରର ଆଦିମକ୍ଷୁଧା ଜାଗିଉଠେ । ସେ ସେତେବେଳେ ବୁଝେ ନାହିଁ ସେ ଜଣେ ଅଧ୍ୟାପିକା, ସମାଜର ନୀତିନିୟମ । ସେ ବୁଝେ ସେ କେବଳ ଜଣେ ନାରୀ, ଅନୁଭବ କରେ ଦେହର ଅବଦମିତ କ୍ଷୁଧା । ସେ କ୍ଷୁଧା ତାକୁ ସନ୍ତୁଳିତ କରେ ଏବଂ ସେ ଆତ୍ମରତିରେ ନିମଗ୍ନ ହୋଇଯାଏ ।

ସେହିପରି ତାଙ୍କର ଅନ୍ୟ ଏକ ସଫଳ ଉପନ୍ୟାସ ହେଉଛି 'ଜରାନିବାସ', ଏକ ବୃଦ୍ଧାଶ୍ରମ । ବୃଦ୍ଧାଶ୍ରମରେ ମଣିଷ ତ ବୃଦ୍ଧା ହୁଏ ମାତ୍ର ତା ଭିତରେ ଥିବା ଆଦିମ ପ୍ରବୃତ୍ତି କେବେ ବୃଦ୍ଧା ହୁଏ ନାହିଁ । ଶରୀରର ଅବଚେତନ ମନରେ ଥିବା ସେହି ଅତୃପ୍ତ କ୍ଷୁଧାଟି ଅଳ୍ପ ସମୟ ପାଇ ବନ୍ଦ ରହିଥାଇ ପାରେ, ମାତ୍ର ମରିନଥାଏ । ବାର୍ଦ୍ଧକ୍ୟରେ ଯେତେବେଳେ ମଣିଷର ମନ ଉପରେ ଆଉ ବ୍ୟକ୍ତିର ନିୟନ୍ତ୍ରଣ ରହେ ନାହିଁ, ସେତେବେଳେ ସେ କାମଲିପ୍ସା ତା ନିୟନ୍ତ୍ରଣରୁ ବାହାରି ଆସେ । ତାର ପରିତୃପ୍ତି ଚାହେଁ । ପଦ୍ମଜ ପାଳଙ୍କ 'ଜରାନିବାସ' ଉପନ୍ୟାସରେ ଲଳିତବାବୁ କ୍ଷେତ୍ରରେ ମଧ୍ୟ ଏହା ଦେଖାଦେଇଛି । ପୌଢାବସ୍ଥାରେ ତାଙ୍କର ସ୍ତ୍ରୀ ମରି ଯାଇଥିଲେ ସୁଦ୍ଧା ମରିପାରି ନାହିଁ ତାଙ୍କ କାମଲିପ୍ସା ଆଦିମ ଚେତନା । ସାମାଜିକତାର ଦ୍ୱାହି ଦେଇ ସେ ହୁଏତ ତାକୁ ଅନେକ ଦିନ ଧରି ଚାପି ରଖିଥିଲେ, ମାତ୍ର ଯେତେବେଳେ ନିଜ ଉପରେ ଆଉ ନିୟନ୍ତ୍ରଣ ରହିଲା ନାହିଁ, ସେତେବେଳେ ସେ ଜରାନିବାସର ରୋଷେୟାଣୀ ପାର୍ବତୀ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହିଛି, ମାତ୍ର ତାହା ହୋଇପାରେ ନାହିଁ । ତାଙ୍କର ଏହି ଗୁଣ ଯୋଗୁ ତାଙ୍କର ପୁଅ ଗାଳିମାଡ ଦେଇ ଘରୁ ବାହାର କରି ଦେଇଥିଲା । ସେହିପରି ଜରାନିବାସର ମାଲିକ ଲେଙ୍କା ବାବୁ ଓ ପୂର୍ଣ୍ଣିମା ଦେବୀ ଭିତରେ ମଧ୍ୟ ଯୌନସମ୍ପର୍କ ରହିଅଛି । ଲେଙ୍କା ବାବୁ ଓ ପୂର୍ଣ୍ଣିମା ଦେବୀ ଜରାନିବାସର କାର୍ଯ୍ୟ ମଧ୍ୟରେ ବ୍ୟସ୍ତ ରହୁଥିଲେ ହେଁ ଯେତେବେଳେ ଦୁହେଁ ଦୁହିଁଙ୍କୁ ଏକୁଟିଆ ପାଆନ୍ତି, ସେତେବେଳେ ତାଙ୍କ ଭିତରର ଆଦିମ କ୍ଷୁଧା ଜାଗିଉଠେ ଏବଂ ସେମାନେ ରାତ୍ରିର ଅନ୍ଧକାର ଭିତରେ ଏକାକାର ହୋଇଯାନ୍ତି ।

ଅନୁରୂପ ଭାବରେ ତାଙ୍କର ଅନଏକ ଉପନ୍ୟାସ ହେଉଛି 'ଆକ୍ରାନ୍ତ ୩/୪', ଯେଉଁଥିରେ ରସାୟନ ବିଭାଗର ଅଧ୍ୟାପକ ଦେବଦତ୍ତ ଶ୍ରୀଚନ୍ଦନଙ୍କ ବହୁପତ୍ନୀ ବିବାହ ଏବଂ ତାଙ୍କ ଯୌନକ୍ଷୁଧା ବିଷୟରେ ଉଲ୍ଲେଖ ରହିଛି । ସାଧାରଣତଃ ମଣିଷର ଦୁଇଟି ଭୋକ, ଗୋଟେ ପେଟର ଅନ୍ୟଟି ଦେହର । ପେଟର ଭୋକ ପାଇଁ ଯେପରି ଖାଦ୍ୟ ଆବଶ୍ୟକତା ରହିଛି, ଦେହର ଭୋକ ପାଇଁ ସେପରି ଯୌନତାର ଆବଶ୍ୟକତା ରହିଛି । ପେଟର ଭୋକକୁ ତ ମଣିଷ ବରଦାସ୍ତ କରିପାରେ ମାତ୍ର ଦେହର ଭୋକକୁ ନୁହେଁ । ଏହାର ପରିତୃପ୍ତି ନ ଘଟିଲେ ମଣିଷ ବିଭିନ୍ନ ରୋଗର ଶିକାର ହୁଏ । ଶେଷରେ ପାଗଳ ହେବାର ସମ୍ଭାବନା ମଧ୍ୟ ଥାଏ । ଉପନ୍ୟାସରେ ଦେବଦତ୍ତ ଶ୍ରୀଚନ୍ଦନ ଏପରି ଜଣେ କାମୁକ ପ୍ରବଣ ବ୍ୟକ୍ତି, ଯାହାଙ୍କର ତିନୋଟି ସ୍ତ୍ରୀ । ପ୍ରଥମ ସ୍ତ୍ରୀ ଉର୍ଜଶିଳା ଅତ୍ୟନ୍ତ ଉଦଣ୍ଡି, ଘମଣ୍ଡି ଓ ସ୍ୱେଚ୍ଛାଚାରିଣୀ । ସେ ଦେବଦତ୍ତ ଶ୍ରୀଚନ୍ଦନଙ୍କୁ କେବେ ତାଙ୍କ ପାଖକୁ ପଶିବାକୁ ଦିଅନ୍ତି ନାହିଁ । ତେଣୁ ଶ୍ରୀଚନ୍ଦନ ନିଜ ଦେହର କ୍ଷୁଧାକୁ ମେଣ୍ଟାଇବା ନିମିତ୍ତ ଗୋପନରେ ସମିତାକୁ ବିବାହ କରନ୍ତି, ମାତ୍ର ଉର୍ଜସିଲା ଏହା ଜାଣିପାରି ନିଜର ଭାଇଙ୍କ ସହାୟତାରେ ଯୋର୍ ଜବରଦସ୍ତ ଶ୍ରୀଚନ୍ଦନଙ୍କୁ ସମିତାଠାରୁ ଅଲଗା କରି ଦିଅନ୍ତି । ପରିଣାମ ସ୍ୱରୂପ ଶ୍ରୀଚନ୍ଦନ ପୁନଃ ଗୋପନରେ ନୀତା ସାମଲଙ୍କୁ ବିବାହ କରି ନିଜର ଦେହର କ୍ଷୁଧାକୁ ପ୍ରଶମିତ କରନ୍ତି ।

ସମଗ୍ର ଉପନ୍ୟାସଟି ଅଧ୍ୟାପକ ଦେବଦତ୍ତ ଶ୍ରୀଚନ୍ଦନଙ୍କ ବିବାହ ଜୀବନକୁ ଭିତ୍ତିକରି ରଚିତ । ସମଗ୍ର ଉପନ୍ୟାସରେ ସେ ତିନି ତିନିଟି ବିବାହ କରିଛନ୍ତି । ମାତ୍ର କାହାରି ପାଖରେ ମଧ୍ୟ ରହିପାରି ନାହାନ୍ତି । ତାଙ୍କର ପ୍ରଥମ ସ୍ତ୍ରୀ ଉର୍ଜସିଲାର ଉଗ୍ର ସ୍ୱଭାବ ପାଇଁ ସେ ବିବାହର କିଛି ବର୍ଷ ପରେ ତାଙ୍କଠାରୁ ଦୁରେଇଯାଇ ସମିତାକୁ ଦ୍ୱିତୀୟ ବିଭା କରିଛନ୍ତି । ମାତ୍ର ଉର୍ଜସିଲା, ସମିତା ପାଖରେ ମଧ୍ୟ ତାଙ୍କୁ ରଖେଇଦେଇ ନାହାନ୍ତି । ଜୀବନରେ ଦୁଇ ଦୁଇଟି ବିବାହ କରି ମଧ୍ୟ ସେ ଏକୁଟିଆ ଓ ନିସଂଗ ଅନୁଭବ କରିଛନ୍ତି । ଯେଉଁଥିପାଇ ସେ ମଦ ପିଇଛନ୍ତି, ବାହାରେ ବୁଲିଛନ୍ତି, ବେଶ୍ୟାଳୟକୁ ଯାଇଛନ୍ତି । ମାତ୍ର ସବୁଠି ଗୋଟିଏ ସାଥୀର ଅଭାବ ବା ସ୍ତ୍ରୀର ଅଭାବ ଅନୁଭବ କରିଛନ୍ତି । ଯେଉଁଥିପାଇ ସେ ତୃତୀୟ ବିବାହ କରିଛନ୍ତି ନୀତା ସାମଲକୁ ।

ପଦ୍ମଜ ପାଳଙ୍କ ବହୁଚର୍ଚ୍ଚିତ କାବ୍ୟପନ୍ୟାସ ହେଉଛି 'ହାଏ ମୁନି କେମିତି ଅଛ ?' ଯାହା ୨୦୧୩ ମସିହାରେ ପ୍ରକାଶିତ ହୋଇଥିଲା । ମୁନି ନଛିପୁର ଗାଁର ଗୋଟେ ହରିଜନ ଘରର ଝିଅ । ବାପା ଧଡିଆ ସାମଲ ଚୋର, ମଦୁଆ । ମା ଓ ବଡ ଭଉଣୀ ଅନ୍ୟଘରେ ବାସନ ମାଜି ପରିବାର ଚଳାନ୍ତି । ମୁନି କିନ୍ତୁ ବାସନ ମାଜି ଚଳିବାକୁ ଚାହୁଁ ନଥିଲା । ତାର ସ୍ୱପ୍ନ ଥିଲା ଭିନ୍ନ । ସେ ସ୍ୱପ୍ନ ଦେଖୁଥିଲା ବଡ ପରଦାରେ ଅଭିନେତ୍ରୀ ହେବାର । ତେଣୁ ସେ କ୍ଲବ, ପାର୍ଟିଗୁଡିକୁ ଯାଏ ନିଜ ସାଂଗ ସୁକାନ୍ତ ମଣ୍ଡଳ ସହିତ । ସୁକାନ୍ତ ମଣ୍ଡଳ ଯୁବ ପ୍ରଯୋଜକ । ତେଣୁ ତାର ସ୍ୱପ୍ନକୁ ସାର୍ଥକ କରିବାରେ ସୁକାନ୍ତ ମଣ୍ଡଳ ସହାୟକ ହୁଏ । ମାତ୍ର ତା ବଦଳରେ ତାର ସବୁକିଛି ସମର୍ପି ଦେବାକୁ ହୁଏ ସୁକାନ୍ତ ମଣ୍ଡଳକୁ । ମୁନି ସଫଳତାର ସିଢି ପରେ ସିଢି ଚଢି ଚାଲିଲା ନିଜ ଦେହକୁ ମାଧ୍ୟମକରି । ଶେଷରେ ସେ ମୟୁରୀ ମିଶ୍ର ସମ୍ମାନ ମଧ୍ୟ ପାଇଛି । ମାତ୍ର ସେଥିରେ ସେ ଖୁସି ହୋଇପାରି ନାହିଁ । ଯେଉଁଥିପାଇ ସେ ଆତଙ୍କ ବାଦୀ ସଂସ୍ଥାରେ ଯୋଗ ଦେଇଛି । ସେଇଠି ମଧ୍ୟ ତାର ଦୈହିକ ସମ୍ପର୍କ ଲାଗି ରହିଛି ।

ମୁନି ଗୋଟିଏ ସମଲିଙ୍ଗୀ ଝିଅ । ତାର ସୌନ୍ଦର୍ଯ୍ୟ ଓ ରୂପପାଇ ସୁକାନ୍ତ ମଣ୍ଡଳ ତା ସହିତ ଦୈହିକ ସମ୍ପର୍କ ରଖେ ମାତ୍ର ମୁନି ଏଥିରେ ଖୁସି ପାଇପାରେ ନାହିଁ । ନିଜର ଉଦ୍ଦେଶ୍ୟ ପୁରଣ ପାଇଁ ତାକୁ ଏ ଦୈହିକ ସମ୍ପର୍କ ରଖିବାକୁ ପଡ଼େ । ମୁନି ଯେ କେବଳ ସୁକାନ୍ତ ମଣ୍ଡଳ ସହିତ ଶାରିରୀକ ସମ୍ପର୍କ ରଖେ, ତାନୁହେଁ, କେତେ ନିର୍ଦ୍ଦେଶକ, ପ୍ରଯୋଜକ, ବ୍ୟବସାୟୀମାନଙ୍କ ସହିତ ଦୈହିକ ସମ୍ପର୍କ ରଖିବାକୁ ପଡ଼େ ।

ସାହିତ୍ୟ ସହିତ ଯୌନତାର ସମ୍ପର୍କ ଅତିନିବିଡ । ସାହିତ୍ୟରେ ଜୀବନର ଅଭିବ୍ୟକ୍ତି ପ୍ରକାଶିତ ହୋଇଥିବାରୁ ସେଥିରେ ଯୌନତା ପ୍ରତିସରିତ ହେବା ସ୍ୱାଭବିକ । ପଦ୍ମଜ ପାଳଙ୍କ ଉପନ୍ୟାସରେ ଯୌନତାର ଅଭିବ୍ୟକ୍ତି ବେଶ୍ ସ୍ୱଚ୍ଛଳ । ତାଙ୍କର ଅର୍ଦ୍ଧାଧିକ ଉପନ୍ୟାସରେ ଯୌନତା ଏକ ମୁଖ୍ୟ ବିଭାବ ରୂପେ ଉଭା ହୋଇଛି । ଏ ଯୌନତା କେତେବେଳେ ଉଗ୍ର ରୂପରେ ଆସିଛି ତ କେତେବେଳେ ସ୍ୱାଭାବିକ ରୂପରେ ଆସିଛି ଏବଂ ତାର ପରିତୃପ୍ତି ଘଟାଇଛି । ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ତାକୁ ଖାଦ୍ୟ, ପାନିୟ ଓ ମୈଥୁନର ଏକାନ୍ତ ଆବଶ୍ୟକତା ରହିଛି । ମନୁଷ୍ୟ ଜନ୍ମ ପରଠାରୁ ତା ଭିତରେ ଏହି ଯୌନ ପ୍ରବୃତ୍ତି ଲୁକ୍କାୟିତ ଅବସ୍ଥାରେ ରହିଥାଏ । ବହିଃପ୍ରକାଶର ସୁବିଧା ନପାଇଲେ ଏହା ବାହାରକୁ ଆସେ ନାହିଁ, କିନ୍ତୁ ଯେତେବେଳେ ଏହା ବହିଃ ପ୍ରକାଶର ସୁବିଧା ପାଏ, ସେତେବେଳେ ବାହାରକୁ ଆସେ ଏବଂ ତାର ପରିତୃପ୍ତି ଘଟାଏ । ବ୍ୟକ୍ତି ମନରୁ ଯଦି ଏହାର ପରିତୃପ୍ତି ନଘଟେ ,ଏହାକୁ ଦୂରୀଭୂତ କରାନଯାଏ, ତେବେ ମନୁଷ୍ୟ ବିଭିନ୍ନ ରୋଗର ଶିକାର ହୁଏ । ତେଣୁ ଏହାର ପରିତୃପ୍ତି ଘଟିବା ଏକାନ୍ତ ଆବଶ୍ୟକ । ଜୀବନ ସହ ଯୌନତା ଜଡିତ ରହିଥିବାରୁ ଏହା ମନୁଷ୍ୟ ସହ ପଶୁ, ପକ୍ଷୀ, ଗଛ, ଲତା, ଉଭିଦ ସମସ୍ତଙ୍କ ମଧ୍ୟରେ ସଂଘଠିତ ହୋଇଥାଏ ।

**ପ୍ରାନ୍ତଟୀକା** :


୧. ପାଳ, ପଦ୍ମଜ, ପଦ୍ମଜ ପାଳ ଉପନ୍ୟାସ ସମଗ୍ର -୩, ପାପ ପରି ନିଜର, ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ୨୦୨୧, ପୃ -୧୫୧

୨. ପାଳ, ପଦ୍ମଜ, ପଦ୍ମଜ ପାଳ ଉପନ୍ୟାସ ସମଗ୍ର -୩, ଗଣ୍ଡ ଭୈରବ, ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ୨୦୨୧, ପୃ -୩୨୭

୩. ପାଳ, ପଦ୍ମଜ, ପଦ୍ମଜ ପାଳ ଉପନ୍ୟାସ ସମଗ୍ର -୧, ଗହ୍ୱର, ପଶ୍ଚିମ । ପବ୍ଲିକେଶନ, ଭୁବନେଶ୍ୱର, ୨୦୧୮, ପୃ -୩୨୫



ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ମୋ – ୮୩୨୭୭୩୨୮୨୨

ISSN -2583-147X (P), **Vol.- 9, Issue No.VIII, November 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# କବି ଗୋପବନ୍ଧୁଙ୍କ ବ୍ୟଥିତ ପ୍ରାଣ ଓ ଅନ୍ତିମ ଅଶ୍ରୁର କବିତା : ଏକ ଅନୁଭବ

**ଡକ୍ଟର ସନ୍ତୋଷ କୁମାର ନାୟକ**

ଗୋପବନ୍ଧୁଙ୍କ ନାମଟି କେବଳ ସାହିତ୍ୟ କାହିଁକି ଅଧିକନ୍ତୁ ସମଗ୍ର ମାନବ ଜାତି ପାଇଁ ଏକ ଗୌରବୋଜ୍ଜ୍ୱଳ ଦୃଷ୍ଟାନ୍ତ । ମଣିଷ 'ମଣିଷ'ର ଗୁଣ ନେଇ ବଞ୍ଚିଲେ ଅମର ହୋଇଯାଏ, ମଣିଷ ଦେବତାର ଗୁଣାବଳୀ ନେଇ ନିଜେ ନିଜକୁ ପଛରେ ପକାଇ ଅନ୍ୟକୁ ବଞ୍ଚାଇଲେ ପୂଜାପାଏ । ପୂଜା, ଭକ୍ତି, ଶ୍ରଦ୍ଧା, ପ୍ରେମ, ସ୍ନେହ ଓ ମମତ୍ୱଭାବ କୋଟି ହୃଦୟର ଗଭୀର ଦେଶରୁ ଝରିଆସେ ସେ ବ୍ୟକ୍ତିଟି ଲାଗି । ସେ ବ୍ୟକ୍ତିଟି 'ବ୍ୟକ୍ତି' ସ୍ତରରୁ ଉତ୍ତରିତ ହୋଇ ଅନୁଷ୍ଠାନରେ ପରିଣତ ହୋଇଥାଏ । କାରଣ ବ୍ୟକ୍ତି ପରିଚୟ ଲୋଡ଼େ, ମାତ୍ର ଅନୁଷ୍ଠାନ ଅନ୍ୟକୁ ପରିଚୟ ପ୍ରଦାନ କରିଥାଏ । ଅନ୍ୟମାନେ ଅନୁଷ୍ଠାନର ପରିଚୟରେ ପରିଚିତ ହୋଇଥାଆନ୍ତି । ସେହିପରି ଜଣେ ଅଦ୍ୱିତୀୟ ତଥା ସବୁରି ହୃଦୟର ମଣିଷ ହେଉଛନ୍ତି ଗୋପବନ୍ଧୁ ଦାସ । ସାରା ଓଡ଼ିଶାରେ ବା ଭାରତବର୍ଷରେ ଯିଏ 'ଉତ୍କଳମଣି', 'ମଣିଷ ମଣି' ନାମରେ ବେଶ୍ ପରିଚିତ । ସାହିତ୍ୟ ଜଗତରେ ବିମଳ ସାହିତ୍ୟ ରଚନା କରି ସେ ଯେତିକି ମାତ୍ରାରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି ତଦୁର୍ଦ୍ଧ ପ୍ରସିଦ୍ଧି ସେ ସମାଜ ସେବା କରି ଅର୍ଜନ କରିପାରିଛନ୍ତି । ବାସ୍ତବ ପକ୍ଷରେ ସେ ସବୁ ସମ୍ମାନ ସେ ଅର୍ଜନ କରିଛନ୍ତି କହିଲେ ତ୍ରୁଟିପୂର୍ଣ୍ଣ ହେବ । ବରଂ ଏହା କହିବା ଯୁକ୍ତିଯୁକ୍ତ ହେବ ଯେ, ଗୋପବନ୍ଧୁଙ୍କ ପାଦତଳେ ସେସବୁ ସଦିଚ୍ଛା, ଶ୍ରଦ୍ଧା ଓ ଭକ୍ତି ଅଜାଡ଼ି ହୋଇଯାଇଥିଲା । ମଣିଷ ହୋଇ ସେ କେବଳ ଓ କେବଳ ଜଣେ ସାଧାରଣ ମଣିଷ ଭାବରେ ନିଜର ପଦ-ବିଦ୍ୟା-ସିଦ୍ଧିକୁ ଥରେ ମଧ ନ ଚାହିଁ ମଣିଷ ଶିଶୁମାନଙ୍କୁ ନିର୍ମଳ ହୃଦୟର ସହ ଭଲପାଉଥିଲେ । ଧନୀ-ନିର୍ଧନ, କଳା-ଗୋରା, ଜାତି-ଭେଦର ଊର୍ଦ୍ଧ୍ୱରେ ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତେବେ ସ୍ରଷ୍ଟାର ବ୍ୟକ୍ତିଗତ ଚିନ୍ତା-ଚେତନା ବା ଦର୍ଶନ ଦ୍ୱାରା ତତ୍ ସୃଷ୍ଟ ସାହିତ୍ୟ ପ୍ରଭାବିତ ହେବା କଥାଟା କେବଳ ଶୁଣାକଥା ନୁହେଁ ବା ଉଡ଼ାଖବର ନୁହେଁ, ଗୋପବନ୍ଧୁଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ସମନ୍ୱୟ (Synthesis) ଏହାର ବଳିଷ୍ଠ ଦୃଷ୍ଟାନ୍ତ । ଗୋପବନ୍ଧୁଙ୍କ ଠାରେ ଏକାଧାରାରେ ଆମ୍ଭେ ଦେଖୁ ଗାନ୍ଧୀ, ବିବେକାନନ୍ଦ ଏବଂ ରବୀନ୍ଦ୍ରନାଥଙ୍କୁ । ମହାତ୍ମାଗାନ୍ଧୀଙ୍କ ଉଦାରବାଦୀ ଦୃଷ୍ଟିକୋଣ, ପ୍ରଜ୍ଞା, ଅହିଂସା ମନୋଭାବ ବା ମୋଟାମୋଟି ଭାବରେ କହିବାକୁ ଗଲେ ଗାନ୍ଧୀବାଦୀ ଦୃଷ୍ଟିକୋଣ, ସ୍ୱାମୀ ବିବେକାନନ୍ଦଙ୍କ 'ବସୁଧୈବ କୁଟୁମ୍ବକମ୍' ନୀତି, ବିଶ୍ୱଭ୍ରାତୃତ୍ୱ ମନୋବୃତ୍ତି, ସ୍ୱାମିଜୀଙ୍କ ପ୍ରଜ୍ଞା, ବାଗ୍ମିତା, ଦର୍ଶନତତ୍ତ୍ୱ ଏବଂ ରବୀନ୍ଦ୍ରଙ୍କ ପରି ଐଶୀଚେତନା, ସାହିତ୍ୟ ଚେତନା, ମାଟି ଓ ମଣିଷ ଅବବୋଧ-କ୍ଷମତା- ଏସବୁର ସୁସମନ୍ୱୟ ଆମ୍ଭେ ଉତ୍କଳମଣିଙ୍କ ଠାରେ ଲକ୍ଷ୍ୟକରୁ । ସୁତରାଂ ସେ ଉତ୍କଳମଣି- ଉତ୍କଳର ମଣି, ଜାତିର ମଣି, ମାନବ ଜାତିର ମଣି । ମୂଲ୍ୟବାନ୍ ଓ ମନ୍ୟୁମାନ ମଣି ।[୧]

ଗୋପବନ୍ଧୁଙ୍କ ସମଗ୍ର କାବ୍ୟ-କବିତାକୁ ପାଠ କଲାପରେ ଜଣେ ରସଜ୍ଞ ତଥା ବିଦଗ୍ଧ ପାଠକ ନିଶ୍ଚିତ ରୂପେ ଏହା ମୁକ୍ତ କଣ୍ଠରେ, ମୁକ୍ତ ଆକାଶ ତଳେ ଅବଶ୍ୟ ସ୍ୱୀକାର କରିବ ଯେ, ଗୋପବନ୍ଧୁ ଜଣେ ରୋମାଣ୍ଟିକ୍ କବି । ରୋମାଣ୍ଟିସିଜିମ୍‌ର ଏକାଧିକ ଲକ୍ଷଣ ନିଜେ ଲେଖକ ଓ ଲେଖକଙ୍କ ଲେଖାଗୁଡ଼ିକ ମଧ୍ୟରେ ଠାବେ ଠାବେ ବିଦ୍ୟମାନ । ଗୋପବନ୍ଧୁଙ୍କ ସମୟ (୧୮୭୭-୧୯୨୮) ସତ୍ୟବାଦୀ ସାହିତ୍ୟର କାଳ, ଅର୍ଥାତ୍ ୧୯୧୦ରୁ ୧୯୨୦ । ଗୋପବନ୍ଧୁ ଏହି କାଳ ମଧ୍ୟରେ ନିଜର କିଛି କବିତା ରଚନା କରିଥିଲେ ସୁଦ୍ଧା ୧୯୨୨ ରୁ ୧୯୨୪ ମଧ୍ୟରେ 'ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ' ପରି ଉଚ୍ଚକୋଟୀର ଗ୍ରନ୍ଥ ରଚନା କରିଥିଲେ । ତେବେ ସେ ଯାହା ହେଉନା କାହିଁକି, ସେସବୁ ରଚନାରୁ ଆଜି ମଧ୍ୟରେ ଅନେକ କିଛି ବ୍ୟବଧାନ ରହିଛି । ସମୟର ବ୍ୟବଧାନ, ଚିନ୍ତା-ଚେତନାର ବ୍ୟବଧାନ, ସାହିତ୍ୟର ଆନ୍ତରିକତାର ବ୍ୟବଧାନ, ସ୍ରଷ୍ଟା ମନର ବ୍ୟବଧାନ ଏବଂ ଆହୁରି ଅନେକ କିଛି । ଆଶା ବୈତରଣୀ, କାଳ ମହାନଦୀ ଆଉ ଅଙ୍କାବଙ୍କା ଜୀବନର କାଂଶବାଂଶ

ନଈରେ କେତେ ଜଳ ପ୍ରବାହିତ ହୋଇଗଲାଣି ଇତି ମଧ୍ୟରେ । ମାତ୍ର ଏହା ମଧ୍ୟ ସତ୍ୟ ଯେ, ୟା' ଭିତରେ ଅନେକ କବି ଆସିଛନ୍ତି କିନ୍ତୁ ଗୋପବନ୍ଧୁଙ୍କ ସ୍ରଷ୍ଟା ଚେତନାର ସ୍ୱାତନ୍ତ୍ର୍ୟକୁ ତନ୍ମଧ୍ୟରୁ କେହି ହେଲେ ଅତିକ୍ରମ କରିଯାଇ ପାରିନାହାନ୍ତି । ଅନ୍ୟ ଭାଷାରେ କହିଲେ ଉଚିତ୍ ହେବ ଯେ, ଗୋପବନ୍ଧୁଙ୍କ କବି ପ୍ରତିଭା ପ୍ରସୂତ ସେ ଶବ୍ଦ ରାଶି ଗୁଡ଼ିକର ରଙ୍ଗ କଦାପି ମ୍ଳାନ ହୋଇଯାଇ ନାହିଁ କି ଶସ୍ତା ହୋଇଯାଇନି । ଆଜିର ସିଲ୍‌କ୍ ଯୁଗର କବିତା ମଧ୍ୟରେ ସେସବୁ କବିତାର କୋମଳତା, ଶବ୍ଦ ଓ ଭାବର ମସୃଣତା କୌଣସି ଗୁଣରେ ନ୍ୟୁନ ହୋଇଯାଇ ନାହିଁ । ପ୍ରିୟାର ରେଶମୀ-ପାଟ, ମଠା ଶାଢ଼ୀ ମଧ୍ୟରେ ଏସବୁ କବିତାର କୋମଳତା ବିସ୍ମୃତ ହୋଇଯାଇନି । କାରଣ ଏସବୁ ଭିତରେ ଏକ ସ୍ୱାଭାବିକ ଭାବୋଚ୍ଛ୍ୱାସ ଜନିତ ବିମଳ ପ୍ରୀତିତତ୍ତ୍ୱ ରହିଛି ।[୨] ଏହା ରାଉତରାୟଙ୍କ ଠାରୁ ଧୂସର, ପାଣ୍ଡୁର, ମ୍ଳାନଭୂତ ହୋଇଯାଇଛି । ଆଉ ଆଜି ତା'ର ଅବସ୍ଥା ମଧ୍ୟ ଆହୁରି ଦୁରୁହ । ପୁଣି ଆଜିକାର ବୋଗନ୍‌ଭିଲିଆ ବା କାଗଜିଫୁଲ, କାଗଜ ବା ଜରିଫୁଲ ଯୁଗରେ ଉତ୍କଳମଣିଙ୍କ ଜ୍ୟୋତି ତ ଆସିବା ସମ୍ଭବ ନୁହେଁ, କିନ୍ତୁ ତାଙ୍କ ବାସ୍ନା ହୋଇଯାଏ ସ୍ୱପ୍ନ, ମରିଚୀକା ଓ ସୁଦୂର ପରାହତ । ଏଣୁ ଗୋପବନ୍ଧୁଙ୍କ ପ୍ରେମ-ପ୍ରଣୟର ତୁଳନା ନାହିଁ । ସେ ପ୍ରେମ କରିବାରେ ଧୁରନ୍ଧର । ସେ ମାନବ ପ୍ରେମ ଠାରୁ ବିଭୁପ୍ରେମ ଯାଏଁ ସବୁଥିରେ ଉତ୍ତରଣ ଲାଭ କରିଛନ୍ତି । କି ବନ୍ଧୁ, କି ସଖା, କି ଇତର, କି ପର ସବୁ ତାଙ୍କ ପ୍ରେମ ରାଜ୍ୟେ ପ୍ରାଣର ଦୋସର । ପୁଣି ଭଗବାନଙ୍କ ପ୍ରେମ ରାଜ୍ୟରେ ଭଗବତ୍ ପ୍ରେମ, ପ୍ରତି ପ୍ରେମ-ପରିଣାମ, କ୍ରିୟା-ପ୍ରତିକ୍ରିୟାଦିକୁ ସେ ବେଶ୍ ସୁନ୍ଦର ଭାବେ ଚିତ୍ରିତ କରିଛନ୍ତି । ଏସବୁ ଚିତ୍ର ମଧ୍ୟରେ ବଡ଼ କଥାଟି ହେଉଛି ଏଇୟା କି- ଏଗୁଡ଼ିକ ସବୁ କଳ୍ପନାର ଚିତ୍ର ନୁହଁନ୍ତି, ଏଗୁଡ଼ିକ ସବୁ ଅନୁଭୂତି ପ୍ରସୂତ; ନିଚ୍ଛକ, ନିରାଟ ଏବଂ ବିଶୁଦ୍ଧ ଅନୁଭୂତି ପ୍ରସୂତ ।

'କାରା କବିତା' କବିଙ୍କର ଏକ ମନୋଜ୍ଞ କବିତା ସଂକଳନ । ଏହା ବିଚିତ୍ରବର୍ଣ୍ଣା ଓ ସୁନ୍ଦର କବିତା ଗୁଡ଼ିକର ସ୍ନିଗ୍ଧ ରୂପାୟନ ମାତ୍ର । ଏଠାରେ ମଧ୍ୟ ଆମ୍ଭେ ଗୋପବନ୍ଧୁଙ୍କୁ ପ୍ରେମ କରିବାର ପ୍ରତ୍ୟକ୍ଷ କରୁ । କେତେବେଳେ ଦେଶପ୍ରେମ ତାଙ୍କ କବିତା ଧମନୀରେ ଧାଇଁଛି ତ ଆଉ କେତେବେଳେ ବନ୍ଧୁପ୍ରେମର ଶୋଣିତ ନୀରବରେ ବହି ଚାଲିଛି । ଆଉ ଏସବୁ ମଧ୍ୟରେ ନିରବଚ୍ଛିନ୍ନ ପ୍ରସ୍ରବିତ ବିଭୁପ୍ରୀତିର ଅତନ୍ଦ୍ର ଧାରା । ସଂକଳନର ବିଭିନ୍ନ କବିତା ମଧ୍ୟରେ ଏହା ହିଁ ମୁଖ୍ୟ କଥା । ଏଣୁ କବି ଯେ ପ୍ରେମିକ ପ୍ରବର ସେକଥାକୁ ଅସ୍ୱୀକାର କରାଯାଇନପାରେ । ଏ ପ୍ରେମରେ 'ଦେହ' ଥାଇ ବି ଦୈହିକ କାମନା ଠାରୁ ଅନେକ ଦୂରରେ ଏହାର 'ଆକାଂକ୍ଷା' । ଏଠି ଖାଲି ସ୍ନେହ, ସଂପ୍ରୀତି, ସଦିଚ୍ଛା, ମମତ୍ୱ, ନିଃସ୍ୱାର୍ଥପରତା, ସରାଗ ଓ ଶିବଭାବ ରହିଛି । ଏ ପ୍ରେମ ସତ୍ୟ-ଶିବ-ସୁନ୍ଦର । ଏଠାରେ କବିଙ୍କୁ ଏକତ୍ର ପାଠକଲେ ଜାଣି ହେବ ଯେ, ସେ କିପରି ପ୍ରେମର ସ୍ୱର ଓ ସ୍ୱରୂପ ଅଙ୍କନ କରିଛନ୍ତି । ଖାଲି ସେତିକି ନୁହେଁ, ବରଂ ଏଥିସହିତ ଏହା ମଧ୍ୟ ଜାଣିହେବ ଯେ, ଆଲୋଚ୍ୟ ସଂକଳନରେ ଥିବା ତ୍ରିବିଧ ପ୍ରେମ (ବନ୍ଧୁ ପ୍ରୀତି, ଜାତି/ ଦେଶପ୍ରୀତି ଓ ବିଭୁ ପ୍ରୀତି) ଏକ ନୂତନ ସନ୍ଦେଶ ଆଣିଦିଏ । ତାହା ହେଉଛି ଉପନିଷଦୀୟ ଚିନ୍ତା-ଚେତନା ଓ ମାନବ ପ୍ରୀତି । ଏଣୁ ମୋଟାମୋଟି ଭାବରେ ଗୋପବନ୍ଧୁଙ୍କୁ ରୋମାଣ୍ଟିକ୍ ଓ ପ୍ରେମର କବି ଭାବେ ଗ୍ରହଣ କରି ନେବାରେ କୌଣସି ଅସୁବିଧା ଥିଲା ପରି ମନେହୁଏ ନାହିଁ । ନତୁବା ପ୍ରଖ୍ୟାତ ସମାଲୋଚକ ପ୍ରଫେସର ସର୍ବେଶ୍ୱର ଦାଶ କ'ଣ କେବେ କହି ଥାଆନ୍ତେ- "ଗୋପବନ୍ଧୁ ପ୍ରେମର କବି, ଭଗବତ୍ ପ୍ରେମର କବି, ବିଶ୍ୱପ୍ରେମର କବି, ପ୍ରକୃତି ପ୍ରେମର କବି, ଦେଶପ୍ରେମର କବି, ମାନବିକ ପ୍ରେମର କବି ।"[୩] ଖାଲି ସେତିକି ନୁହେଁ, ଗୋପବନ୍ଧୁଙ୍କ ସ୍ରଷ୍ଟା-ଅନ୍ତର ସହିତ ପ୍ରେମ ଓ ପ୍ରଣୟର ପ୍ରାକୃତିକ ସଂପର୍କଟିକୁ ଦେଖାଇବା ଲାଗି ପ୍ରଫେସର ଦାଶ ଆହୁରି କହନ୍ତି ଯେ,- "ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁଙ୍କର ଭାବପ୍ରବଣ ଅନ୍ତରରେ ସଦା ପ୍ରବହମାନ ଥିଲା ପ୍ରେମର ଜାହ୍ନବୀ । କେତେ ରୂପରେ; କେତେ ଛନ୍ଦରେ ତାହା ପ୍ରକାଶ ପାଇଛି ତାଙ୍କ କାବ୍ୟ କବିତାରେ, ଦେଇଛି ସେଗୁଡ଼ିକୁ ସାବଲୀଳତା, ଗୀତିମୟତା, ଏକ ମଧୁର ବିଷାଦମୟତା, ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରେ ଦୀର୍ଘକାଳ ପାଇଁ, ସେ ଯେପରି ଅନୁଭବ କରେ ତା'ର ଅନ୍ତରରେ କବି ଗୋପବନ୍ଧୁଙ୍କର ହୃଦୟ ବୀଣାର କରୁଣ ମଧୁର ପ୍ରତିଧ୍ୱନି ।"[୪] ଖାଲି ଏତିକି ନୁହେଁ ପ୍ରକୃତି ପ୍ରେମ ଠାରୁ ପ୍ରକୃତ ପ୍ରେମର ସ୍ୱର ଓ ସ୍ୱରୂପ ଗୋପବନ୍ଧୁଙ୍କ କାବ୍ୟ-କବିତାରେ ଆମ୍ଭେ ପ୍ରତ୍ୟକ୍ଷ କରିଥାଉ । ଜାହ୍ନବୀ କଦାପି କଳୁଷିତା ନୁହେଁ, ତାକୁ ଯେତେ କଳୁଷିତ କଲେ ମଧ୍ୟ, ଯେତେ ଆବର୍ଜନାମୟ କଲେ ମଧ୍ୟ ତା'ର ସ୍ନେହ-ଶ୍ରଦ୍ଧା ଓ ଅଶ୍ରୁରେ ସେସବୁ ଧୋଇ ହୋଇଯାଏ ଏବଂ ସଦାସର୍ବଦା ତାହା ପୂତ-ଶୁଦ୍ଧ ରହିଥାଏ । ପୁନଶ୍ଚ ଦେଖିବାକୁ ଗଲେ ଏହା ଆତ୍ମା ଓ ଅନ୍ତରର ବ୍ୟାପାର । ଏହା ଏକ ଚାକ୍ଷୁସ ବା ଭୌତିକ ବ୍ୟାପର ନୁହେଁ । 'ପ୍ରେମ' ମାନସିଂହଙ୍କ ପରି ଗୋପବନ୍ଧୁଙ୍କ ପାଇଁ ମଧ୍ୟ ଥିଲା ଗୋଟିଏ ଆତ୍ମାର ଅନ୍ୟ ଏକ (ଏକାଧିକ) ଆତ୍ମା ପ୍ରତି ବନ୍ଦନ । ଏପରି ବନ୍ଦନରେ ତଦୀୟ ପ୍ରେମ ପ୍ରଣୟର ନନ୍ଦନ ଥିଲା ବୋଲି ତାଙ୍କର ବିଶ୍ୱାସ । ତେବେ

ଏଠାରେ ଏହି ଆଲୋଚନାଟିକୁ ନାତିଦୀର୍ଘ ନକରି କେବଳ ଚୁମ୍ବକରେ କିଛି ଆଲୋଚନା କରିବା । ପୁଣି ଏଠାରେ ଗୋପବନ୍ଧୁଙ୍କ ପ୍ରେମର ସାମଗ୍ରିକ ରୂପ ବର୍ଣ୍ଣନା କରିବା ଏକ କଷ୍ଟକର ବ୍ୟାପାର ପରି ବୋଧହୁଏ, ଏଣୁ ଏଠାରେ କେବଳ ବନ୍ଧୁପ୍ରୀତି ସଂପର୍କୀୟ କେତେକ ଦୃଷ୍ଟାନ୍ତ ସହ ଆଲୋଚନା ସାଙ୍ଗ କରିବାର ଯଥାସମ୍ଭବ ପ୍ରଚେଷ୍ଟା ରଖିବାର ପ୍ରୟାସ କରୁଛି ।

ଉତ୍କଳମଣିଙ୍କ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତାଟିକୁ ଅନୁଭବ କରିବା ଏବଂ ଆଲୋଚନା କରିବା ଏଠାରେ ଆମ୍ଭର ମୁଖ୍ୟ ଉଦ୍ଦେଶ୍ୟ ମାତ୍ର । ତେବେ ଗୋପବନ୍ଧୁଙ୍କ ପ୍ରେମ-ପ୍ରଣୟର ଦୃଷ୍ଟିକୁ ସାମାନ୍ୟ ଦେଖିଲେ ଜଣାଯାଏ ଯେ ସଂପୂର୍ଣ୍ଣ ନହେଲେ ମଧ ଊଣାଧିକେ ରାଧାନାଥ-ଗଂଗାଧରଙ୍କ ଶୈଳୀ ଦ୍ୱାରା, ଚିନ୍ତାଚେତନା, ପ୍ରକୃତି ପ୍ରେମ, ମାନବ ଚରିତ୍ର ରୋପଣ ପ୍ରଭୃତି ଶୈଳୀ ଦ୍ୱାରା ବିଶେଷ ଭାବେ ପ୍ରଭାବିତ । କାରଣ ପ୍ରକୃତିକୁ ଦେଖିଲାବେଳେ ଗୋପବନ୍ଧୁଙ୍କ ଠିକ୍ ପୂର୍ବସୂରୀଙ୍କ ପରି ମାନବ ସୁଲଭ ବ୍ୟବହାର, ଆଚାର ଓ ପରସ୍ପରୋକ୍ତି ଦେଖିବାକୁ ମିଳିଛି । ଏଣୁ ସେ ଚିଲିକାକୁ କେତେବେଳେ ଅଭିସାରିକା ନାରୀ ରୂପେ ଦେଖିଛନ୍ତି ତ ଆଉ କେବେ ରୂପସୀ ପ୍ରେୟସୀ ରୂପେ ଲକ୍ଷ୍ୟ କରିଛନ୍ତି । ହିରଣ୍ମୟ ଦିବ୍ୟ ସୂର୍ଯ୍ୟ କିରଣକୁ ଚିଲିକାର ନୀଳତରଂଗ ମେଳେ ଲକ୍ଷ୍ୟକରି କବି ତନ୍ମୟ ହୋଇ ଯାଇଛନ୍ତି । ପୁଣି ମଳୟ କେତେବେଳେ କବିଦୂତ, ଦେଶଦୂତ ବା ଜାତିଦୂତ ହୋଇଛି ତ ଅନ୍ୟ କେତେବେଳେ ଏହା ମନୋଦୂତ, ଋଷିକୂଲ୍ୟା ପ୍ରିୟ ପ୍ରେମିକ ହୋଇଛି । ଉତ୍କଳର ନଦ-ନଦୀ, ହ୍ରଦ-ପାହାଡ଼, ପର୍ବତ, ଝରଣା, ପାଣି-ପବନ, ଧୂଳି-ଆକାଶ, ତରୁଲତା, ଇନ୍ଦୁ-ସିନ୍ଧୁ ପ୍ରଭୃତି ସବୁକିଛି ଜୀବନ୍ତ ହୋଇ ଉଠିଛନ୍ତି କବି ଦୃଷ୍ଟି ଓ କବି ସୃଷ୍ଟିରେ । କବି କଣ୍ଠରେ କବିପରି ଏମାନେ ମଧ ସମସ୍ତେ ରୋମାଣ୍ଟିକ୍, ବିଧୁର, ସ୍ୱପ୍ନଶୀଳ ଓ ସମ୍ବେଦନଶୀଳ । ସେମାନେ ନିରବଧି ପ୍ରଣୟ ନିର୍ଲିପ୍ତ ।

'କାରାକବିତା' ସଂକଳନରେ ବିଭିନ୍ନ ପ୍ରୀତି ରହିଛି । ସେସବୁ ପ୍ରୀତି ବିଭିନ୍ନ ବାସ୍ନାର, ବିଭିନ୍ନ ରଂଗର ଓ ବିଭିନ୍ନ ଅଲୋକର । କବି ରାଧାମୋହନ ଗଡ଼ନାୟକ ସେଥିଲାଗି ଗୋପବନ୍ଧୁଙ୍କ ଏହି 'କାରାକବିତା' ସଂକଳନ ସଂପର୍କରେ ମତବ୍ୟକ୍ତ କରିବାକୁ ଯାଇ କହନ୍ତି- "କାରାକବିତାରେ ବିଭିନ୍ନ କବିତାର ସମାବେଶ ଘଟିଛି- ତେଣୁ ତହିଁରେ ସୂର୍ଯ୍ୟର ଆଲୋକ ଅଛି, ବର୍ଷାର ଅସାର ଅଛି, ତେଣୁ ତହିଁରେ ଫୁଟିଉଠିଛି ସାତ ରଂଗର ଇନ୍ଦ୍ରଧନୁ ।"[୫] ୧୯୨୨ ମେ ମାସ ୩୧ ତାରିଖ । ପୁରୀର ନରେନ୍ଦ୍ର ସରୋବରରେ ସ୍ନାନକର୍ମ ସାରି ଗୋପବନ୍ଧୁ ଘରକୁ ଫେରିଲାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା ।[୬] ସେହିପରେ ସେ ଓ ତାଙ୍କର ବନ୍ଧୁ ଭାଗୀରଥି ମହାପାତ୍ରଙ୍କ ବିଚାର ବାଲେଶ୍ୱରରେ ହେଲା ଓ ଉଭୟଙ୍କୁ ଛ'ମାସ ଲେଖାଏଁ ଜେଲଦଣ୍ଡ ମିଳିଥିଲା । ସେ କଟକରୁ କନିକାକେସ୍ ପ୍ରତ୍ୟାହୃତ ହେବା ଦ୍ୱାରା ହଜାରୀବାଗ ଜେଲ୍‌କୁ ଗଲେ । ସେଠାରେ କବି ଯେଉଁ କବିତା ସବୁ ରଚନା କରିଥିଲେ ତା'ରି ମନୋଜ୍ଞ ସଂକଳନ ହେଉଛି 'କାରାକବିତା' (୧୯୨୩-୨୪) । ବନ୍ଧୁପ୍ରୀତି ପର୍ଯ୍ୟାୟଭୁକ୍ତ ତିନୋଟି କବିତା ଏଥିରେ ରହିଛି । ପ୍ରଥମ କବିତାଟି ଜଣେ ଆଜୀବନ ସହକର୍ମୀଙ୍କ ପ୍ରତି ବୋଲା ଯାଇଛି । ସେ ବନ୍ଧୁ ଜଣକ ଗୋପବନ୍ଧୁଙ୍କ କର୍ମପଥରୁ ଓହରି ଯାଇଛନ୍ତି ଓ ପଥର ସାଜି ବା ବନ୍ଧୁକ (ବାୟୋନଟ୍) ପରି ଗୋପବନ୍ଧୁଙ୍କ ଛାତିରେ ଆଘାତ ଦେଇଛନ୍ତି । ସେ ବ୍ୟଥା ଜର୍ଜରିତ ପ୍ରାଣ ଯେଉଁ ଅଶ୍ରୁ ଝରାଇ ଥିଲା, ସେ ଅଶ୍ରୁର ସ୍ନିଗ୍ଧ ସ୍ୱରୂପ ହେଉଛି ଆଲୋଚ୍ୟ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତା । ସେହି ଅଶ୍ରୁରେ ହିଁ ଲିଖିତ ଏ କବିତା । ଅନ୍ୟ ଦୁଇଟି କବିତା ଉତ୍କଳମଣିଙ୍କ ବନ୍ଧୁଙ୍କ ବିୟୋଗଜନିତ । ଗୋଟିଏ କବିତା ରଚନା କରିଛନ୍ତି କାରାଗାରରେ ଥିଲାବେଳେ ଜଣେ ବନ୍ଧୁ (ଯିଏ ଗୋପବନ୍ଧୁଙ୍କ ଶିକ୍ଷକ ମଧ ଥିଲେ)ଙ୍କ ବିୟୋଗ ବାର୍ତ୍ତା ଶୁଣି । ଏହି କବିତାଟିର ନାମ- 'କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ' । ସେହି ଦିଂବଗତ ବ୍ୟକ୍ତିଜଣଙ୍କ ହେଉଛନ୍ତି ଶ୍ରୀ ଦିବ୍ୟସିଂହ ମିଶ୍ର । ସେ ଥିଲେ ଗୋପବନ୍ଧୁଙ୍କ ବାଲ୍ୟ ଶିକ୍ଷାଗୁରୁ । ପୁରୀରେ ତାହାଙ୍କ ଘର । ଦିବ୍ୟସିଂହ ମିଶ୍ର, ବି.ଏ. ପାସ୍ କରି ପୁରୀ ଜିଲ୍ଲାସ୍କୁଲରେ ସହକାରୀ ଶିକ୍ଷକ ଥିଲେ । ସେତେବେଳେ ଏ ସ୍କୁଲରେ ବି.ଏ. ପାସ୍ କରିଥିବା ଓଡ଼ିଆ ଶିକ୍ଷକ ଏକମାତ୍ର ସେଇ ଥିଲେ । ପରବର୍ତ୍ତୀ କାଳରେ ଗୋପବନ୍ଧୁଙ୍କର ସେ ହୋଇଥିଲେ ବନ୍ଧୁ ଓ ସହକର୍ମୀ । ତାଙ୍କ ସହ ଗୋପବନ୍ଧୁ କେବଳ ଘନିଷ୍ଠ ନଥିଲେ ଅଧିକନ୍ତୁ ଯଥେଷ୍ଟ ମମତ୍ୱଭାବ ଓ ଶ୍ରଦ୍ଧା-ସଦିଚ୍ଛା ତାଙ୍କ ପ୍ରତି ରହିଥିଲା (କବିଙ୍କ ଠାରେ) । ଏଣୁ ତାଙ୍କ ବିୟୋଗବାର୍ତ୍ତାରେ ଗୋପବନ୍ଧୁ ଭାଙ୍ଗିପଡ଼ିଥିଲେ ଓ ଦୁଃଖରେ ଶୋକଗୀତିକା ଗାଇଉଠିଥିଲେ । ଅନ୍ୟ କବିତାଟିରେ ମଧ ଅନୁରୂପ ଶୋକର ଛାୟା ଆଚ୍ଛନ୍ନ । କାରଣ ଏହି କବିତାଟିର କାରଣ ଆଉଜଣେ ବନ୍ଧୁ, ଯିଏ ଚିରଦିନ ଲାଗି ଅପସରି ଯାଇଛନ୍ତି ଏ ଜଗତରୁ, ଆରପୁରକୁ । ସେ କବିତାଟିର ନାମ- 'ପ୍ରେମର ଏକି ପରିଣାମ ?' ପ୍ରଥମ କବିତା ଅର୍ଥାତ୍ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ', 'କାରାକବିତା' ସଂକଳନର ଦ୍ୱିତୀୟ କବିତା । ସେହିପରି ଦ୍ୱିତୀୟ କବିତା (କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ)ଟି ଏହି ସଂକଳନର ଦଶମ କବିତା ଓ ତୃତୀୟ କବିତାଟି ସେହି ସଂକଳନର ଦ୍ୱାଦଶ କ୍ରମିକ ।

ଏହି ତିନୋଟି ଯାକ କବିତାରେ ରହିଛି ଦୁଃଖ, ଯନ୍ତ୍ରଣା, ଅଶ୍ରୁ, ହାହାକାର, ଶୂନ୍ୟତା, ଅତୀତ ବିଧୁରତା, ବନ୍ଧୁପ୍ରୀତି, ବିଭୁବୋଧ, ନିୟତିବୋଧ, ସମୟବୋଧ, ଜୀବନବୋଧ, ମୃତ୍ୟୁବୋଧ ଏବଂ ସର୍ବୋପରି ଭାଗ୍ୟବୋଧ ଏବଂ ଆତ୍ମ-ସାନ୍ତ୍ୱନାବୋଧର ସ୍ନିଗ୍ଧ-ଶୀତଳ-ବଳକ୍ଷ ପରଶ । ରବୀନ୍ଦ୍ରଙ୍କ ପରି ଗୋପବନ୍ଧୁ ମଧ ବନ୍ଧୁ ବିରହରେ ଭାଙ୍ଗିରୁଜି ପୁନର୍ବାର ଅଶ୍ରୁପୋଛି ଉଠିଛନ୍ତି । ଭଗବାନଙ୍କ ନିୟତିକୁ ଅବବୋଧ କରିବାର ପ୍ରଚେଷ୍ଟା ରଖିଛନ୍ତି ଏବଂ ଆତ୍ମ-ସମର୍ପଣ ଭାବ ସହ ସାନ୍ଦ୍ର-ମନ୍ଦ୍ର ଚିତ୍ତରେ ସମସ୍ତ ପ୍ରକାର ଘଟଣା ତଥା ଆଲୋକ-ଅନ୍ଧକାରାଦିକୁ ସ୍ୱାଗତ କରିଛନ୍ତି । ରବୀନ୍ଦ୍ରନାଥ ସେଦିନ ଗାଇନଥିଲେ କି-

"ଭାଲୋ ମନ୍ଦ, ଦୁଃଖ ସୁଖ,
ଅନ୍ଧକାର ଆଲୋ,
ମନେ ହୟ ସବ୍ ନିୟେ
ଏ ଧରଣୀ ଭାଲୋ ।"

ଠିକ୍ ସେହିପରି ଗୋପବନ୍ଧୁ ଗାଇ ଉଠିଛନ୍ତି- 'ସୁଖେ ଦୁଃଖେ ମୋର ସମାନ ଆଦର ବାଅ ବେଳଯାଏ ବିତି ।' ତେବେ ଯନ୍ତ୍ରଣାବୋଧ ଭିତରେ ରହିଛି, ବାହାରେ ନୁହେଁ । ବନ୍ଧୁ ବିୟୋଗ ହେଉକି ବନ୍ଧୁ ସୁଖ ହେଉ, କ୍ଷତିଟି କିନ୍ତୁ ହୋଇଛି ଗୋପବନ୍ଧୁଙ୍କର, ଯେଉଁ କ୍ଷତିଟି ସତତ ଅପୂରଣୀୟ । ସେ ଅଭାବବୋଧ ନିତ୍ୟ-ଶାଶ୍ୱତ ଏକ ଅଭାବବୋଧ । ଗୋପବନ୍ଧୁଙ୍କ ଲାଗି ହଜିଛି, ଯାହାବି ହଜିଛି, ଜଗତ ପାଇଁ ହଜିନି କିଛି ବୋଲି । ପୁଣି ବାହାରେ ବେଦନା ନାହିଁ, ବରଂ ବେଦନା, ବ୍ୟଥା, ଯନ୍ତ୍ରଣା ରହିଛି ଅନ୍ତରରେ । କାରଣ ଏ ସଂପର୍କ ଅନ୍ତରର ସଂପର୍କ । ଏଣୁ ରକ୍ତପାତ ମଧ ଅନ୍ତର ମଧରେ ହୋଇଛି, ସଂପର୍କ ଛିନ୍ନ ହେବାରୁ । ଫୁଲ ଫୁଟିବା ଓ ଝରିବା ବାହାର ଲୋକଙ୍କ ଲାଗି ସାଧାରଣ କଥା ହୋଇପାରେ, ସମଗ୍ର ବଣ ତା'ଲାଗି ଅଶ୍ରୁ ସ୍ରବଣ କରିନଥାଏ, କିନ୍ତୁ ଯେଉଁ ଗଛଟିର ସେଇ ଫୁଲ, ସେହି ଗଛଟିକୁ ନିଶ୍ଚିତ ଫରକ୍ ପଡ଼େ । ସେ ଗଛଟି କାନ୍ଦେ ଭିତରେ ଭିତରେ । ସେଇ ଗଛ ହିଁ ଗୋପବନ୍ଧୁ, ସେ ଗଛର ଅନ୍ତର ହିଁ ଗୋପବନ୍ଧୁଙ୍କ ଅନ୍ତର ।[୭]

କବିବର ରାଧାନାଥଙ୍କ ପରି ଦୁଃଖ, ଯନ୍ତ୍ରଣା ଗୋପବନ୍ଧୁଙ୍କ ଚିର ସହଚର । କିନ୍ତୁ ଫରକ୍ ଏତିକି ଗୋପବନ୍ଧୁ ସେ ନିରାଶାର ବାଲି ମଧରେ ମରୀଚିକା ପଛରେ ଧାଇଁ ବିଫଳହୋଇ ମଧ ନୈରାଶ୍ୟ ମଧରେ ଆଶାର ଆଲୋକ ଖୋଜିଛନ୍ତି । ଶୈତ୍ୟ ମଧରେ ମଳୟର ସତ୍ତାକୁ ଖୋଜିଛନ୍ତି । ଅପେକ୍ଷା କରିଛନ୍ତି ।[୮] ନତୁବା ସେ କି କେବେ ଏତେବଡ଼ ବିରହ ଜନିତ ଧକ୍କାଖାଇ ଯନ୍ତ୍ରଣାରେ ଛଟପଟ ହୋଇ ଗାଇଉଠି ପାରିଥାଆନ୍ତେ ଜୀବନର ଗୀତ ? ବସନ୍ତର ସଜଳ ସଂଗୀତ ? 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' ପରି କବି ଶ୍ରୀ ଦାସଙ୍କ ଆଲୋକବର୍ତ୍ତିକାବତ୍ ଚିନ୍ତା ଚେତନା ଫୁଟିଉଠିଛି 'ପ୍ରେମର ଏ କି ପରିଣାମ' ? କବିତା ମଧରେ-

"ତୁ ଛାଡ଼ିଲେ ମୁଁ ତ ତତେ ନ ଛାଡ଼ିବି କ୍ଷଣେ
କହିବ କି ଏକ ଆନେ ଇଙ୍ଗିତ ଲକ୍ଷଣେ ?
ନୀରବ ଆଳାପେ କହ ମରମ ଭାଷଣ
କରିବ ନାହିଁ କି ଏକ ଆନେ ଆଲିଙ୍ଗନ ?
ବିଭାସିବ ପ୍ରେମ ତେବେ ଅଭିନବ ରାଗେ
ଯୁଗଳ କମଳ କଳି ଫୁଟିବ ସରାଗେ ।
ବିଚ୍ଛେଦେ ବିକାଶ ପ୍ରେମ ଅତି ମଧୁମୟ
ଶୀତ ଅନ୍ତେ ଶୋଭେ ସିନା ନବ କିଶଳୟ ।"[୯]

'କାରା କବିତା'ର ଏହି ତିନିଗୋଟି କବିତା ମଧରୁ ଶେଷୋକ୍ତ ଦୁଇଟି କବିତା ଶୋକଗୀତିକା ଅନ୍ତର୍ଗତ । ପ୍ରଥମ କବିତା ଅର୍ଥାତ୍ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' ଏକ ଆତ୍ମବ୍ୟଥା ଜର୍ଜରିତ ବଳିଷ୍ଠ ସ୍ୱତସ୍ଫୂର୍ତ୍ତ ଉଚ୍ଛ୍ୱାସ (Spontaneous overflow of powerful feelings) । ଉପରେ ଉଦ୍ଧୃତ 'ପ୍ରେମର ଏକି ପରିଣାମ' ? କବିତାର ପ୍ରତିଟି ପଙ୍କ୍ତିରେ ଗୋପବନ୍ଧୁଙ୍କ ପ୍ରଣୟୀ ପ୍ରାଣର ଆନ୍ତରିକ ଆବେଦନ, ଭାବ ସାନ୍ଦ୍ରତା, ବିରହ ଯନ୍ତ୍ରଣା, ଦୋସରାସକ୍ତି ଏବଂ ଆସ୍ତିକ ମନୋଭାବକୁ ସ୍ପଷ୍ଟ ଅନୁଭବ କରାଯାଇପାରେ । ବିଚ୍ଛେଦ ମଧରେ ପ୍ରେମ ଶୁଦ୍ଧ ସୁବର୍ଣ୍ଣସମ ମନ୍ୟୁମାନ ହୋଇଉଠେ । ଯନ୍ତ୍ରଣା, ଜ୍ୱଳନ ଓ ଜଂଜାଳ ମଧରେ ଶୁଦ୍ଧ ସୁବର୍ଣ୍ଣ ପରି ଶୁଦ୍ଧପୂତ ପ୍ରେମ ମହୀୟାନ୍, ବଳିୟାନ୍, ଦେଦୀପ୍ୟମାନ ଓ ତେଜିଆନ୍ ହୋଇଉଠେ ।[୧୦] ପୁଣି ଉତ୍କଳମଣି ଗୋପବନ୍ଧୁ ଶେଲୀଙ୍କ ପରି ଶୀତପରେ ବସନ୍ତ, ଅନ୍ଧାର ପରେ ଆଲୋକ ଓ ଦୁଃଖ ପରେ ସୁଖର ଅପେକ୍ଷା କରିଛନ୍ତି । "If winter comes, can spring be far behind?" (Ode to the west wind) ଅନୁରୂପ ଭାବେ ପ୍ରକୃତି ଓ ଭଗବାନଙ୍କ ନିୟମକୁ ପାଥେୟ କରି ଗୋପବନ୍ଧୁ ନବ କିଶଳୟର ଆଶା ବସନ୍ତ ମାଘର ବାଘଶୀତ ପରେ ଆସିବ ବୋଲି ବିଶ୍ୱାସ କରିଛନ୍ତି । ଏଠାରୁ ଗୋପବନ୍ଧୁଙ୍କ ମାନସିକତା ଓ ବ୍ୟକ୍ତିଗତ ଚେତନାର ଅନୁଧାବନ ପୂର୍ବକ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତାର ମୂଲ୍ୟାୟନ କରାଯାଇପାରେ ।[୧୧] ବ୍ୟଥିତ ଲେଖନୀ, ପ୍ରାଣର ଦୁଆତ ଓ ଅଶ୍ରୁର ସ୍ୟାହିରେ ଏ କବିତାଟି ରଚିତ ।

'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତାଟିରେ କବି ଭାଙ୍ଗି ପଡ଼ିଥିବା କଥା ଜଣାଯାଏ । "ଜଣେ ଆଜୀବନ ସହକର୍ମୀଙ୍କର ପ୍ରତାରଣାରେ ଗୋପବନ୍ଧୁ ଅତ୍ୟନ୍ତ ମର୍ମାହତ ହୋଇଛନ୍ତି । ସେଥିପାଇଁ ସେ ଅଶ୍ରୁକ୍ଷରଣ କରିଛନ୍ତି । ସେଇ ସକଳ ବେଦନାର ମୂର୍ଚ୍ଛନା ପ୍ରଥମ କବିତାଟିରେ ଓତପ୍ରୋତ xxx" ।[୧୨] ଯଦି ଦେଖାଯାଏ ତେବେ ଏହି କବିତାଟିର ଦାର୍ଶନିକ ବିଶ୍ଳେଷଣ 'ପ୍ରେମର ଏକି ପରିଣାମ ?' କବିତାରେ ହୋଇଛି । ପ୍ରେମ ଗୋଟିଏ ଆତ୍ମାର ଅନ୍ୟ ଏକ ଆତ୍ମାପ୍ରତି ଶ୍ରଦ୍ଧା ମାତ୍ର । ଏକଥା ଗୋପବନ୍ଧୁ ପ୍ରମାଣ କରି ଦେଇଛନ୍ତି । ଜଣେ ବନ୍ଧୁ ପ୍ରତାରଣା କଲାପରେ ମଧ୍ୟ ତଦୀୟ ମୁଖରେ କଟୁକ୍ତି ଜାତ ହୋଇନାହିଁ ବରଂ ଝରିଛି ଶ୍ରଦ୍ଧାର ମନ୍ଦାକିନୀ ।[୧୩] ଶେଷରେ କବି ବିଭୁ ଚେତନାରେ ଦୀକ୍ଷିତ ହୋଇଛନ୍ତି । ଅରବିନ୍ଦ ଦର୍ଶନାନୁସାରେ ଭଗବାନଙ୍କ ପ୍ରେମ ସୂର୍ଯ୍ୟାଲୋକ ପରି ମୁକ୍ତ ଓ ସ୍ୱଚ୍ଛ । ଏହା ଆମ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ମାତ୍ର ସମସ୍ତ କିରଣକୁ ଜଣେ ବ୍ୟକ୍ତି ଲାଭ କରିବା ଅସମ୍ଭବ ।[୧୪] ସମସ୍ତ ଭଗବତ୍ କରୁଣାର ସ୍ରୋତ ସେହି କିରଣ ପରି । ମାତ୍ର ତାହାକୁ ଗ୍ରହଣ କରିବା ଲାଗି ଦରକାର ପାତ୍ରତ୍ୱ । ମଣିଷ ପାଖରେ ସେ ପାତ୍ରତ୍ୱ ନାହିଁ । ତେଣୁ ସେପରି ନିର୍ମଳ ଭଲପାଇବାର ଯୋଗ୍ୟ ମଣିଷ ନୁହେଁ । ଅତଏବ ମଣିଷ ଠାରୁ ସେପରି ପ୍ରେମ ଆଶାକରିବା ବୃଥା । ପୁଣି ଏହା ମଧ୍ୟ ସତ୍ୟ ଯେ, ଏହିପରି ଆଶାରୁ ଦୁଃଖ, ଅନୁଶୋଚନା ମଧ୍ୟ ମିଳିପାରେ । ଅତଏବ ବନ୍ଧୁ ପ୍ରେମରେ ତଟସ୍ଥ ଗୋପବନ୍ଧୁ ପ୍ରତାରଣା ପରେ ପ୍ରକୃତିସ୍ଥ ହୋଇଛନ୍ତି ଓ ବିଭୁଶରଣ, ବିଭୁ ଚରଣାରବିନ୍ଦରେ ନିଜକୁ ସମର୍ପିବା କଥା ଚିନ୍ତା କରିଛନ୍ତି । କବିଙ୍କ ବିମଳ ବୁଦ୍ଧିସଦ୍ଧ ଅସତ୍ୟ, ଅନୀତିକୁ ସହ୍ୟ କରିପାରି ନାହିଁ । ପ୍ରତାରଣାରେ ସେ ଛଟପଟ ହୋଇଛନ୍ତି ।[୧୫] ପ୍ରତିକ୍ରିୟା ଜାତ ହୋଇଛି ଏପରି ପରିବେଶରେ । ତେବେ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତାର ଅନ୍ତରରେ ଯେଉଁ ଅନ୍ତରର ବ୍ୟଥା ଓ ଆର୍ତ୍ତବେଦନା-ପୂର୍ଣ୍ଣ ପ୍ରତିବେଦନ ରହିଛି ତା'ର ବିସ୍ତୃତୋକ୍ତି 'କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା' କବିତାରେ ରହିଛି ବୋଲି କୁହାଯାଇପାରେ ।

କବି ପ୍ରତାରଣା ବିଷରେ ଜର୍ଜର ହୋଇ ବେଦନା-ଯନ୍ତ୍ରଣାଦଗ୍ଧ ହୋଇଛନ୍ତି । ଏହା କବିଙ୍କ ପ୍ରାଣର ସଂଗୀତ ଓ ଅନ୍ତର ବୀଣାର ମୂର୍ଚ୍ଛନା । ସେ ବ୍ୟଥାଦଗ୍ଧ । ସେ ମର୍ମର ବେଦନାକୁ ଅନ୍ତର ତଳେ ଦାବି ରଖିଛନ୍ତି । ସେ ବେଦନାନଳରେ ସେ ଦଗ୍ଧ-ବିକ୍ଷତ । ଛାତି ଭିତରେ ଭିତରେ ସେ ରକ୍ତାକ୍ତ । ପ୍ରକୃତରେ ମୃତ୍ୟୁ, ବିରହ, ବା ପ୍ରତାରଣା, ଛଳନା, ଆତ୍ମୀୟ ସ୍ୱଜନର ପ୍ରବଞ୍ଚନା ଦ୍ୱାରା ଯେଉଁ କଷ୍ଟ-ଯନ୍ତ୍ରଣା ମିଳେ ତାହା ଏକାନ୍ତ ଗୋପନୀୟ । ଆତ୍ମୀୟମାନଙ୍କୁ ସିନା ବାହାର ଲୋକଙ୍କ ଦତ୍ତ ଯନ୍ତ୍ରଣା ଦେଖାଇହେବ, କିନ୍ତୁ ଆତ୍ମୀୟମାନେ ଯନ୍ତ୍ରଣା ଦେଲେ, ଆତ୍ମୀୟମାନେ କ୍ଷତାକ୍ତ କଲେ ତାହାକୁ କାହାକୁ, କେଉଁଠି ବା କିପରି ଦେଖାଇହେବ ? ଏ ବେଦନା ଦେଖିବାର କଥା ଦେଖାଇବାର ନୁହେଁ । ଏ ବେଦନା ବା ଯନ୍ତ୍ରଣାର ଚିତ୍କାର କାହାକୁ ଶୁଭିବାର ନୁହେଁ । ଏହାର ଧ୍ୱନି ନିଜ ଭିତରେ ପ୍ରତିଧ୍ୱନିତ ହୁଏ । ଅନ୍ୟ ଛାତିର ପରିଧି ଭିତରେ ନୁହେଁ, ନିଜ ଛାତିର ପଞ୍ଜରାର ଚାରିକାନ୍ଥ ଭିତରେ ଏ ଧ୍ୱନି ମଣିଷକୁ କୋରିକୋରି ଖାଏ । ଏହା ମଣିଷକୁ ଆହୁରି ଦୁର୍ବଳ, ଆହୁରି ଜୀର୍ଣ୍ଣ କରିଦିଏ । ଚିନ୍ତାପରି, ଲୁଣ ପରି ଏହା ଧୀରେ ଧୀରେ ଧୂମହୀନ ନିଆଁ ଭାବେ ମଣିଷକୁ ଜାଳିଜାଳି ମାରେ । ଗୋପବନ୍ଧୁଙ୍କର ଆବାଲ୍ୟ ବନ୍ଧୁ-ସଖା-ସହଚର-ସହକର୍ମୀ ଜଣେ ତାଙ୍କରି ବିଶ୍ୱାସର ଚଟାଣ ଉପରେ ଠିଆହୋଇ ଦାରୁଣ ଧକ୍‌କା ଦେଇଛନ୍ତି । ବିଶ୍ୱାସର ଭିତ୍ତିଭୂମିକୁ ବିଦାରି ଦେଇଛନ୍ତି । ଏଥିରେ ଆତ୍ମୀୟର ପ୍ରତାରଣା ଓ କଷ୍ଟ ସାଧାରଣ କଷ୍ଟ ଠାରୁ ବହୁଗୁଣ ବଢ଼ିଯାଇଛି । ଏଣୁ ସେ କହିଛନ୍ତି-

"କାହା'ଗେ ଗାଇବି          ପରାଣ ସଂଗୀତ
  କା ପାଶେ ବାଇବି ଅନ୍ତର-ବୀଣା,
କା କାନେ କହିବି          ମରମ ବେଦନା
  ମନକଥା ମନେ ରହିଲା ସିନା !"[୧୬]

ଜୀବନର ପ୍ରତ୍ୟୁଷ କାଳରୁ କବି ସଖେତି ମଣିଥିଲେ ସେ ବ୍ୟକ୍ତିଙ୍କୁ । ସେଇ ବନ୍ଧୁତ୍ୱର ତରଣୀରେ କାଳ ତରଣିକୁ ଚାହିଁ ଜୀବନ ନଈକୁ ପାରିକରି ଦେବେ ବୋଲି ଆଶା ପୋଷଣ କରିଥିଲେ । ସେ ବ୍ୟକ୍ତିଜଣକ ଥିଲେ ଉତ୍କଳମଣିଙ୍କ ପ୍ରାଣର ଦୋସର । କିନ୍ତୁ ସେହି ପ୍ରାଣର ଦୋସର ଗୋପବନ୍ଧୁଙ୍କ ଅନ୍ତରାବେଦନକୁ ବୁଝିପାରି ନଥିଲେ । କାରଣ ଗୋପବନ୍ଧୁଙ୍କ ପରି ସେ ସମପରିମାଣରେ ଗୋପବନ୍ଧୁଙ୍କୁ ଭଲପାଉନଥିଲେ । ଦୁହିଁଙ୍କ ପ୍ରେମର ଦୀପ୍ତି ଓ ଦ୍ୟୁତି ସମସ୍ତରୀୟ ନଥିଲା । ସୁତରାଂ ଗୋପବନ୍ଧୁଙ୍କ ମତ ଓ ପଥରେ ସେ ଚାଲିନଥିଲେ । ଖାଲି ଏତିକି ନୁହେଁ, ଗୋପବନ୍ଧୁଙ୍କ ବିଶ୍ୱାସରେ ସେ ମଧ୍ୟ ବିଷର ଏକ କଟୁବିନ୍ଦୁ ମିଶାଇ ସଂପର୍କଟିକୁ ହଳାହଳମୟ କରିଦେଇଥିଲେ । ଏହି ହଳାହଳ ଗୋପବନ୍ଧୁଙ୍କ ଛାତିସାରା ଚରିଯାଇଥିଲା ଓ ସେ ବେଦନା ଯନ୍ତ୍ରଣାରେ ଗୋପବନ୍ଧୁ ଅନେକ

ସମୟ ଧରି କଷ୍ଟ ମଧ୍ୟ ପାଇଥିଲେ । ମାତ୍ର ଶିବ ହୋଇ ସେ ନୀଳକଣ୍ଠ ବନିଯାଇଥିଲେ । ଶିବତ୍ୱ କାମନା କରିଥିଲେ । ସେ ରୁଦ୍ର ରୂପ ଧାରଣ ନକରି, ଉଗ୍ର ପ୍ରତିବାଦ ନକରି, ଶିବ-ସୁନ୍ଦର ହୋଇ ସକଳ ମଂଗଳ କାମନା କରିଥିଲେ । ଖାଲି ଏତିକି ନୁହେଁ, ଅଧିକନ୍ତୁ ପୂର୍ବପରି ସେ ଉକ୍ତ ବନ୍ଧୁଙ୍କ ପାଇଁ ଅନ୍ତରରେ ସମପରିମାଣରେ ପ୍ରେମ, ସ୍ନେହ, ଶ୍ରଦ୍ଧା, ସଦିଚ୍ଛା ଓ ମମତ୍ୱଭାବ ରଖିଥିଲେ । ଏହାହିଁ ଗୋପବନ୍ଧୁଙ୍କ ମହନୀୟତା । ଗୋପବନ୍ଧୁଙ୍କ ଅଖଣ୍ଡ ଅମୂର୍ତ୍ତ, ଅମୃତ ପ୍ରେମ ସଂପର୍କରେ ଆଲୋଚନା କଲାବେଳେ ଇଂରାଜୀ କବିଙ୍କର ଏକ ଉକ୍ତି ମନେପଡ଼େ-

"But love is a durable fire,
In the mind ever burning
Never sick, never old, never dead
From it self never turning."

ଗୋପବନ୍ଧୁ ନିଜଆଡୁ କେବେ ପଛଘୁଞ୍ଚା ଦେଇନାହାନ୍ତି ଅଥବା ନିଜର ପ୍ରେମ ସ୍ରୋତରେ ଭଙ୍ଗା ପଡ଼ିବାକୁ ଦେଇ ନାହାନ୍ତି । ଏହାହିଁ ଅସଲ ପ୍ରେମ । ଏହା ଯେତିକି ଶାଶ୍ୱତ, ସେତିକି ଭାସ୍ୱତ ଓ ସନାତନ । ଏହାହିଁ ମହାନ୍ । "ତେବେ ଅମାପ କରୁଣାର ହୃଦୟ ହେଉଛନ୍ତି ଗୋପବନ୍ଧୁ । ତାଙ୍କ ଜୀବଦ୍ଦଶାରେ ମଧ୍ୟ ତାଙ୍କୁ ତାଙ୍କର ବହୁ ବନ୍ଧୁ ଓ ସହକର୍ମୀମାନେ ବହୁଭାବେ ଆହତ କରିଥିଲେ । ସେଥିରେ ତାଙ୍କ ପାଟିରୁ ନିଆଁ ନ ପାହାରି ଆଖିରୁ ଲୁହ କେବଳ ବୋହିଥିଲା । ସେହି ପ୍ରୀତି ଓ ପ୍ରାଣମୟତା ପ୍ରତି ଆସ୍ଥା ମଳିନ ପଡ଼ିଯାଇଥିଲା ।"[୧୭] ତଥାପି ସେ ଏପରି ବିପଦ ତଥା କଷ୍ଟକର ପରିସ୍ଥିତିରେ ଭାଙ୍ଗିଯାଇ ନାହାନ୍ତି । କାରଣ ତାଙ୍କର ଅଖଣ୍ଡ ବିଶ୍ୱାସ ଯେ ଯେଉଁ ବ୍ୟକ୍ତି ବିପଦ, ଦୁଃଖ, କଷ୍ଟ-ବେଦନାନଳରେ ଦାଉଦାଉ ଝଟକେ, ଭସ୍ମ ହୋଇ ନଯାଇ ଦେଦୀପ୍ୟମାନ ମଣି ପରି ଚମକି ଉଠେ, ସେ ବ୍ୟକ୍ତିର ପ୍ରାଣ ମହନୀୟ । ତେଣୁ ସେ ଗାଇଉଠିଲେ-

"ବିପଦ ପ୍ରଭୁଙ୍କ କଷଟି ପାଷାଣ,
ପରଖନ୍ତି ତହିଁ ନରହୃଦଟାଣ,
ବିଦଗ୍ଧ ହେଲେ ବିପଦ-ଅନଳେ,
ଭସ୍ମ ନୋହି ଯେହୁ ଦାଉଦାଉ ଜଳେ ।
ସେହି ଏକା ଶୁଦ୍ଧ ସୁବର୍ଣ୍ଣ ହୃଦୟ,
ଲଭେ ଆଶ୍ୱାସନା ଅଭୟ ବିଜୟ ।"

ଏଣୁ ଗୋପବନ୍ଧୁ ଜୀବନ ପଥରେ ଜଣେ ସଚ୍ଚା ଦେଶସେବୀ, ସଚ୍ଚା ଶିକ୍ଷକ, ଜଣେ ସଚ୍ଚା ବନ୍ଧୁ ଓ ସଚ୍ଚା ମଣିଷଟିଏ ହୋଇ ପରିଶେଷରେ ସଚ୍ଚା ସାହିତ୍ୟିକଟିଏ ହେବାର ଗୌରବ ଦାବୀ କରନ୍ତି । ଏହା ତାଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ । ସେ ଗୌରବାର୍ହ । ତେଣୁ ସେ ଶୁଦ୍ଧ ସୁବର୍ଣ୍ଣସମ ଏ ବ୍ୟଥାନଳରେ ମନ୍ଦ୍ୟମାନ ହୋଇଉଠିଛନ୍ତି ସିନା, ଅଧିକ ବିଶୁଦ୍ଧ, ତରଳ, ଲଳିତ ହୋଇଉଠିଛନ୍ତି ସିନା, ମ୍ଳାନିଭୂତ ହୋଇଯାଇ ନାହାନ୍ତି । ବାସ୍ତବରେ ଏତିକି ହିଁ ବହୁତ ବଡ଼କଥା ଜଣେ ସାଧାରଣ ମଣିଷ ପାଇଁ ।

ଗୋପବନ୍ଧୁ ଏଠାରେ 'ପ୍ରେମ' ଓ 'ବନ୍ଧୁତ୍ୱ' ଦୁଇଟି ପ୍ରସଂଗ ଉଠାଇଛନ୍ତି । ପ୍ରଥମତଃ ପ୍ରେମ, ଯାହାକି ବହୁବିଧ । ପୁଣି ଏଠାରେ ଏଗୁଡ଼ିକର ପ୍ରବାହ ଆମୂଳାନ୍ତ ରହିଛି । ନୀଚ ପ୍ରୀତିଠାରୁ ସ୍ୱାଭାବିକ ପ୍ରୀତି ଯାଏ ଅନେକ ପ୍ରୀତି କଥା ଏଠାରେ ସ୍ମରଣ କରାଯାଇପାରେ । ତେବେ ଯେଉଁ 'ପାତ୍ରତ୍ୱ' କଥା ଆମ୍ଭେ ଆଲୋଚନା କରୁଥିଲୁ ତାହାହିଁ ବଡ଼କଥା । ବନ୍ଧୁତ୍ୱ ଲାଗି ବନ୍ଧୁର ମଧ୍ୟ ବନ୍ଧୁତ୍ୱ ସେହିପରି ହେବା ବିଧେୟ । ଗାଡ଼ିଆରେ ସମୁଦ୍ରର ପାଣି ଧରେ ନାହିଁ । ସମୁଦ୍ରର ଜଳକୁ ଧରିରଖିବା ଲାଗି ସମୁଦ୍ର ପରି ଗଭୀର ଓ ବିଶାଳ ହୃଦୟ ବା ଉଦାର ଉଦର ରହିବା ଉଚିତ୍ । ଡକ୍ଟର ରାଧାନାଥ ରଥ ବନ୍ଧୁତାର ସଂଜ୍ଞା ସ୍ୱରୂପ ସଂପର୍କରେ ଯାହା କହନ୍ତି, ଏଠାରେ ତାହା ଉଦ୍ଧାର କରାଯାଇପାରେ-

"ସକଳ ବନ୍ଧନ ଲଙ୍ଘି ଚାଲେ ଯାହା ତୁଲେ,
ବନ୍ଧୁ ସେହି, ବନ୍ଧୁ ହୀନ ଚିରପଥ ଭୁଲେ ।
ହୃଦ ସରସତା ଫୁଟେ ଯାହାର ସଂଯୋଗ,
ସ୍ନେହ ପାଶେ ବନ୍ଧା ସଦା ସୁଖ ଦୁଃଖ ଭୋଗେ ।
ସେହି ଆପଣାର, ତା'ରେ ମଣଇ ମୁଁ ବନ୍ଧୁ,
ତା'ଘେନି ଅଚିରେ ତରେ ଘୋର ଦୁଃଖ ସିନ୍ଧୁ ।"

ଅବଶ୍ୟ ଗୋପବନ୍ଧୁ ବିନା ପରୀକ୍ଷାରେ ସମସ୍ତଙ୍କୁ ଭଲପାଉଥିଲେ, ବନ୍ଧୁତ୍ୱ ବସାଉଥିଲେ । କାରଣ ବନ୍ଧୁତ୍ୱ ଏମିତି ଏକ ସଂପର୍କ ଯାହା ନାବ ପରି କାର୍ଯ୍ୟକରେ, ସହଜରେ ଜୀବନକୁ ଗପକରି କରି ବିତେଇ ଦେବାରେ । ଏହା ଜୀବନ ଅତିବାହିତ କରିବାର ଏକ ଅମୋଘ ଉପାୟ ବା ଅସ୍ତ୍ର ।

"Self is lovelessness and love is sleflessness" ବୋଲି ଇଂରାଜୀରେ ଏକ ଉକ୍ତି ରହିଛି । ସେ କି ବନ୍ଧୁତା ଯାହା ସ୍ୱାର୍ଥପୂର୍ଣ୍ଣ ? ସେ କି ବନ୍ଧୁତା ଯାହା ପ୍ରେମହୀନ ? ପ୍ରେମହୀନ ସ୍ୱାର୍ଥ ନିହାତି ନୀଚ ସ୍ୱାର୍ଥ ଓ ସ୍ୱାର୍ଥହୀନ ପ୍ରେମ ହିଁ ଅସଲ ପ୍ରେମ-ପ୍ରଣୟ ।

ପ୍ରେମରେ 'ମୁଁ' ନଥାଏ କି 'ମୁଁ' ଭିତରେ ପ୍ରେମ ନଥାଏ । ଏ ଦୁହିଁଙ୍କ ମଧ୍ୟରେ 'ଆମ୍ଭେ', 'ଆମର', 'ଆମ୍ଭେମାନେ', 'ଆମ୍ଭମାନଙ୍କର' ପ୍ରଭୃତି ଭାବନା ଅଧିକ ଗୁରୁତ୍ୱପୂର୍ଣ୍ଣ । ତାହାରି ଅଭାବରେ ପ୍ରେମ ପ୍ରତାରଣାରେ ପରିଣତ ହୁଏ, ବ୍ୟଥା ଦିଏ, କଷ୍ଟଦିଏ । ମାତ୍ର ଗୋପବନ୍ଧୁଙ୍କ ଠାରେ ଅନୁରୂପ କଥା ହୋଇଥିଲେ ମଧ୍ୟ ସାମାନ୍ୟ ନିଆରା । ସେ ଅନ୍ୟର ପ୍ରତାରଣାରେ ପ୍ରତାରିତ ହୋଇ ବ୍ୟଥିତ ହୋଇଛନ୍ତି ସତ, କିନ୍ତୁ ତଥାପି ସେ ଏଇ ମାଟି, ମା', ମାତୃଭୂମି, ବନ୍ଧୁ, ବିଭୁ, ମାନବ ପ୍ରେମକୁ ଛାଡ଼ିପାରି ନାହାଁନ୍ତି । କେତେଥର ସେ ନିୟତି ଠାରୁ ଆରମ୍ଭ କରି ବ୍ୟକ୍ତି ପର୍ଯ୍ୟନ୍ତ ସତ୍ତା ଦ୍ୱାରା ପ୍ରତାରିତ ହୋଇଛନ୍ତି, କଷ୍ଟ ପାଇଛନ୍ତି, ତା'ର ତୁଳନା ନାହିଁ । ଏହା ତାଙ୍କର ବ୍ୟକ୍ତିଗତ ବିଶ୍ୱାସ ଓ ଦର୍ଶନ । ଏତେବେଳେ ରବୀନ୍ଦ୍ରନାଥଙ୍କ ଏକ ପ୍ରତ୍ୟକ୍ଷୋକ୍ତି ମନେପଡ଼େ, ଯାହା ଗୋପବନ୍ଧୁଙ୍କ ବ୍ୟକ୍ତିଗତ ଦର୍ଶନ ସମଗୋତ୍ରୀୟ । ତାହାକୁ ଏଠାରେ ଉଦ୍ଧାର କରାଯାଇପାରେ । ସେଦିନ ଟାଗୋର ଡାକିହାକି କହିଲେ- "ଆମାଦେର୍ ଏଇ ମାଟିର ମା, ଆମାଦେର ଏଇ ଆପ୍ନାଦେର୍ ପୃଥିବୀ, ଏର୍ ସୋନାର୍ ଶସ୍ୟକ୍ଷେତ୍ର, ଏର୍ ସ୍ନେହଶାଳିନୀ ନଦୀଗୁଲିର ଧାରେ, ଏର୍ ସୁଖ ଦୁଃଖମୟ ଭାଲୋବାସାର୍ ଲୋକାଲୟେର୍ ମଧ୍ୟେ, ଏଇ ସମସ୍ତ ଦରିଦ୍ର ମର୍ତ୍ତ୍ୟ ହ୍ରିଦୟେର୍ ଅଶ୍ରୁର୍ ଧନ୍ ଗୁଲିକେ କୋଲେ କରେ ଏନେ ଦିୟେଛେ । ଆମି ଏଇ ପ୍ରିଥିବୀକେ ଭାରି ଭାଲବାସି । ଏର୍ ସୁଖେ ଭାରି ଏକ୍‌ଟି ସୁଦୂର ବ୍ୟାପୀ ବିଷାଦେର୍ ଛାୟା ଲେଗେ ଆଛେ- ଯେନ ଏର୍ ମନେମନେ ଆଛେ, ଆମି ଦେବତାର ମେୟେ କିନ୍ତୁ ଦେବତାର କ୍ଷମତା ଆମାର୍ ନେଇ, ଆମି ଭାଲବାସି କିନ୍ତୁ ରକ୍ଷା କରିତେ ପାରିନେ, ଆରମ୍ଭ କରି ସଂପୂର୍ଣ୍ଣ କରିତେ ପାରିନେ, ଜନ୍ମ ଦିଇ ମୃତ୍ୟୁର ହାତ୍ ଥେକେ ବାଞ୍ଚାତେ ପାରିନେ । ଏଇ ଜନେ ସ୍ୱର୍ଗେର୍ ଉପର୍ ଆଡ଼ିକରେ ଆମି ଆମାର୍ ଦରିଦ୍ର ମାୟେର୍ ଘର୍ ଆରୋ ବେଶୀ ଭାଲବାସି । ଏତ ଅସହାୟ, ଅସମର୍ଥ, ଅସଂପୂର୍ଣ୍ଣ ଭାଲବାସା ସହସ୍ର ଆଶଙ୍କାୟ, ସର୍ବଦା ଚିନ୍ତାକାତର ବଲେଇ ।"[୨୮] ଉଣା-ଅଧିକେ ସମାନ ହେଲେ ମଧ୍ୟ ଉତ୍କଳମଣି ଗୋପବନ୍ଧୁ ଏଇ ଚେତନା ଦ୍ୱାରା ଆପେକ୍ଷିକ ଭାବେ ପ୍ରଭାବିତ । କବି ଶ୍ରୀ ଦାସ ଯେଉଁ ବନ୍ଧୁ ପ୍ରେମ ପାଇ ମହରଗ ପାଇଛନ୍ତି ବୋଲି ଭାବୁଥିଲେ, ଯାହାକୁ ପାଇ ସେ (ଗୋପବନ୍ଧୁ) ଜୀବନ ନଈକୁ ସହଜରେ ପାରିକରିଦେବେ ବୋଲି ଭାବୁଥିଲେ ସେ ତାଙ୍କ ସାଥିରେ କରିଛି ନୀଚ ଛଳନା । ଜୀବନରେ ସବୁକିଛି ହରାଇ, ସବୁ ସୁଖ ହରାଇ ପ୍ରତିବଦଳରେ ଯାହାକୁ ପାଇବାର ଆତ୍ମସାନ୍ତ୍ୱନା ବା ଆତ୍ମସନ୍ତୋଷ ଲାଭ କରିଥାଆନ୍ତେ ବୋଲି ଭାବିଥିଲେ, ସେ ହେଲା ପ୍ରତାରକ, ପ୍ରବଞ୍ଚକ, ଦାରୁଣ ଦୁଃଖର କାରଣ ଓ କାରକ । ଜୀବନର ଲୁଚକାଳି ଖେଳରେ ପାଇବା ହରାଇବା ଭିତରେ କବି ଯାହାକୁ ଅନ୍ତିମ ସାନ୍ତ୍ୱନା, ଶେଷ ପ୍ରଶ୍ୱାସ ବୋଲି ଭାବିଲେ, ସେ ହେଲା ପ୍ରତାରଣାପୂର୍ଣ୍ଣ, ବିଷାକ୍ତ ହଳାହଳମୟ । ବନ୍ଧୁଜଣଙ୍କ ଗୋପବନ୍ଧୁଙ୍କୁ ବୁଝିବାରେ ଦୋଷତ୍ରୁଟି ଥିଲା । ସେ ଗୋପବନ୍ଧୁଙ୍କ ଆର୍ଜବତା, ନିଷ୍କପଟ, ଦରଦୀ, ସରଳ, ସଫେଦ, ସତ୍ୟପ୍ରିୟ ଶିବାକାଂକ୍ଷୀ, ସୁନ୍ଦର ହୃଦୟଟିକୁ ଚିହ୍ନିପାରି ନଥିଲେ । ବରଂ ସେ ତହିଁରେ ନୀଚ ଛଳନା ଦେଖିଛନ୍ତି । ଗୋପବନ୍ଧୁ ତାଙ୍କ ଦୋସରର ଗୌରବକୁ ନିଜ ଭାଗ୍ୟର ବିଭବ ବୋଲି ଭାବନ୍ତି । ତାଙ୍କ ବନ୍ଧୁର କୃତିତ୍ୱରେ ତାଙ୍କ ପ୍ରାଣରେ ଉଲ୍ଲାସର ମହୋର୍ମି ନାଚିଯାଏ । କିନ୍ତୁ ଦୁଃଖର ବିଷୟ ଏହିକି ଏତେ ଭଲପାଉଥିବା, ଏପରି ନିର୍ମଳ ହୃଦୟରେ ଚାହୁଁଥିବା ବନ୍ଧୁ (ଗୋପବନ୍ଧୁ)ର ଉପଯୋଗରେ ସେ ବନ୍ଧୁଜଣଙ୍କ କାତରତା ପ୍ରଦର୍ଶନ କରନ୍ତି । ଏହା କବିପ୍ରାଣକୁ ବିଦାରି ପକାଇଛି । ସେ ଏଥିରେ ମର୍ମାହତ, ରକ୍ତାକ୍ତ ଓ ଯନ୍ତ୍ରଣା-ବିଦଗ୍ଧ । ଏଣୁ ସେ ନିରାଶ ହୋଇ ଆଉ କେଉଁ ସୁଖ ଆଶାରେ ବଞ୍ଚିବି ବୋଲି ମନେମନେ ଭାବିଛନ୍ତି । ଏଠାରେ କବିଙ୍କର ଅତୀତ ବିଧୁରତା ବା Nostalgic ଚିନ୍ତାଧାରା ଉଙ୍କିମାରିବା ସହିତ ବନ୍ଧୁପ୍ରୀତି ଓ ବନ୍ଧୁ ପ୍ରତାରଣାରେ ଭାଙ୍ଗିପଡ଼ି ସାମୟିକ ଭାବେ ଜୀବନ ପ୍ରତି ବୀତସ୍ପୃହ, ବିମୁଖ ଓ ନାସାକୁଞ୍ଚନ କରିଛନ୍ତି । ଅବଶ୍ୟ ଏସବୁ ମଧ୍ୟରେ ଚକ୍ଷୁ ଯୁଗଳରୁ ତାଙ୍କ ଗଣ୍ଡଦେଶରେ ଧାର ଧାର ଲୁହ ବୋହି ଯାଇଛି । ଉଭୟ ବହିର୍ଦ୍ଦେଶ ଓ ଅନ୍ତର୍ଦ୍ଦେଶ ତାଙ୍କର ସ୍ରବିତ ଲୁହ ଓ ଲହୁରେ ଜର୍ଜର ଓ ତିନ୍ତିତ । ଏଣୁ କିଛିକ୍ଷଣ ପାଇଁ କବି ନକାରାତ୍ମକ (pessimistic) ଚିନ୍ତାଧାରା ସମ୍ବଳିତ ହୋଇପଡ଼ିଛନ୍ତି । ରାଧାନାଥଙ୍କ ପରି ନୈରାଶ୍ୟର ଉଷର ମରୁରେ ସେ ସିଝିଛନ୍ତି । ରାଧାନାଥଙ୍କର ଏକ ଉକ୍ତି ଏଠାରେ ଉଦ୍ଧାରଯୋଗ୍ୟ-

"ସଂସାର ନିଗଡ଼େ ସଂସାର କାରାରେ,
ଯାପିବି ଜୀବନ ସଦା ହାହାକାରେ ।
x x x ଛାର ଭାଗ୍ୟ ମୋର ପିହିତ ପାଷାଣେ,
ମୋ ଜୀବନ ଗଢା ଅନ୍ୟ ଉପାଦାନେ ।
ଚିର ହାହାକାର ଏ ଛାର ଜୀବନ.
ଜୀବନ ନୁହଁଇ ଜୀବନ୍ତ ମରଣ ।
ପ୍ରତିଦିନ ଦୁଃଖ ପ୍ରହାରେ ଜର୍ଜର,

ପଞ୍ଚଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର ।
ଦୁଃଖଦତ୍ତ ଜ୍ଞାନ ଚକ୍ଷୁରେ ଜଗତ,
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ ।"[୧୯]

ଜୀବନର ଏପରି ବିଷାକ୍ତ ମୁହୂର୍ତ୍ତକୁ ଦେଖି ଅନେକେ କଷ୍ଟପାଇଲା ପରି କବି ଶେଲୀ ଯନ୍ତ୍ରଣାରେ ଚିତ୍କାର କରି କହିଲେ– "I fall upon the thorns of life, I bleed !"[୨୦] କିନ୍ତୁ ଏଠାରେ ଦେଖିବାର କଥା ଯେ, ରାଧାନାଥଙ୍କ ପରି ଗୋପବନ୍ଧୁ ଚିରଦୁଃଖୀ ସତ, ଜୀବନକାଳ ମରଣ ଠାରୁ ଭୟଙ୍କର ବ୍ୟଥା ବେଦନାରେ ସେ ସନ୍ତୁଳିତ । ସେ ଦୁଃଖ ଗୁରୁଙ୍କର ମଧ୍ୟ ପଞ୍ଚଶିଷ୍ୟ ହୋଇପାରନ୍ତି କିନ୍ତୁ ରାଧାନାଥଙ୍କ ପରି ସେ ଦୁଃଖଦତ୍ତ ଜ୍ଞାନଚକ୍ଷୁରେ ଜଗତକୁ ଦେଖିନାହାଁନ୍ତି ବରଂ ଏକ ନିରାଶାର କୁଜ୍‌ଝଟିକାମୟ ଆସ୍ତରଣ ପରେ ସୁନେଲୀ କିରଣମୟ ସୂର୍ଯ୍ୟର ସ୍ୱଚ୍ଛତାକୁ ଆଦରି ନେଇଛନ୍ତି ।

ଏଠାରେ ଆଉ ଏକ କଥା ମଧ୍ୟ ଦେଖିହେବ ଯେ, ରାଧାନାଥ ଯେଉଁ ପ୍ରେମର ସବୁ ଦିଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ଯେଉଁ କାଳ୍ପନିକ ଚରିତ୍ର ରାଜି ଏସବୁ ପ୍ରେମର ଦୃଷ୍ଟାନ୍ତ ହେଉଥିଲେ, ଗୋପବନ୍ଧୁ ନିଜେ ସେ ଦୃଷ୍ଟାନ୍ତ ମଧ୍ୟରୁ ଜଣେ ହେବାକୁ ପସନ୍ଦ କରିଛନ୍ତି । ସେ ନିଜେ କବି ଓ ନିଜେ ନାୟକ । ଏହା ଏକ ଆତ୍ମଚରିତ ମୂଳକ ଗୀତିକା । ପୁଣି ଏହାର ଭିତ୍ତିଭୂମି ଗୋପବନ୍ଧୁଙ୍କ ଜୀବନ ଚଟାଣର ଏକ ବୃହତ୍ତର ଅଂଶ ମାତ୍ର ।

'ଉଷା'ରେ ରାଧାନାଥ "ବିଫଳ ହେବ ଏ ଜୀବନ ମୋହର ଉଷା ବିହୁନେ, ଏଭଳି ଜୀବନ ଠାରୁ ମୃତ୍ୟୁ ଶ୍ରେୟଃ ସହସ୍ରଗୁଣେ ।" କହିଲା ବେଳେ ଗୋପବନ୍ଧୁ ବନ୍ଧୁ ବିୟୋଗ (ପ୍ରତାରଣା ମୂଳକ ଓ ନିୟତିର କ୍ରୁରତା ମୂଳକ)ରେ ଜୀବନ ପ୍ରତି ବିମୁଖ ହୋଇଯିବାର ଦେଖାଯାଇଛି । ତାଙ୍କ ଜୀବନର ସବୁଜ କ୍ଷେତରେ ନିରାଶାର ବାଲିଚର ଖେଳିଯାଇଛି । ମରୀଚିକା ପରି ସବୁକିଛି ତାଙ୍କୁ ପ୍ରତୀତ ହୋଇଛି । ସେ ଏପରି ଭାଙ୍ଗି ପଡ଼ିଛନ୍ତି ଯେ ଏବଂ ଏତେ ମାତ୍ରାରେ ସେ ବ୍ୟଥିତ ଯେ, ତାଙ୍କୁ ଆଉ ଜଗତରେ କେଉଁଠିବି ଭରସା ମିଳିପାରୁନି, ଆଶାବାଡ଼ିଟିଏ ମିଳିପାରୁନି । ସବୁ ହୋଇଯାଇଛି ମରୁର ମରୀଚିକା, ଦାରୁଣ ଦୁଃଖ ଦାୟୀ କାରକ ମାତ୍ର । ତାଙ୍କରି ଭାଷାରେ–

"ଜୀବନ ପ୍ରଭାତେ ଆପଣାର ବୋଲି,
କରିଥିଲି ଯା'କୁ ପରାଣ ସଖା,
ସେତ ନଜାଣିଲା ମୋ ଅନ୍ତର ଗତି
ଦେଲା ମୋ ପରାଣେ ଦାରୁଣ ଧକ୍‌କା ।
ଦେଇ ଲଭିଥାନ୍ତି ଶେଷ ସାନ୍ତ୍ୱନା,
ମୋ ନେତ୍ର ଲୋତକେ ସତ୍ୟ ସରଳତା
ନଦେଖି ଦେଖେ ସେ ନୀଚ୍ଚ ଛଳନା ।
ଯାର ଗଉରବେ ମୋ ଭାଗ୍ୟ ବିଭବ
ଯାର କୃତିତ୍ୱ ଏ ପ୍ରାଣ ଉଲ୍ଲାସେ,
ମୋର ଉପଯୋଗେ ଯେ ଯେବେ କାତର,
ଏ ଜୀବନ କି ସୁଖ ଆଶେ ?
ଜୀବନ ତ ଖାଲି ନିରାଶାର ବାଲି
ମରୁ-ମରୀଚିକା ସେନେହ- ପ୍ରୀତି,
ତେବେ କି ଆଶାରେ କହ ଏ ସଂସାରେ
ପରଲାଗି ନର ମରୁଚି ନିତି ?"[୨୧]

ଛଳ ବନ୍ଧୁତା ବାସ୍ତବରେ ବଡ଼ ମାରାତ୍ମକ । ଏହା ଧୂମହୀନ ଅଗ୍ନିସମ କ୍ଷତିକାରକ । ଏହା ମଣିଷକୁ ଜଳାଇ ଜଳାଇ ପ୍ରତି ମୁହୂର୍ତ୍ତରେ ମାରେ । ଯନ୍ତ୍ରଣାର ଇଟାରେ ନିର୍ମିତ ବେଦନା ବିଦଗ୍ଧ କାନ୍ଥର ପରିଧି ଭିତରେ ମଣିଷ ବଞ୍ଚେ । ପୁଣି ଏହି ପ୍ରତାରଣା ପରେ ଆଉ କୌଣସି ଜିନିଷ ସୁନ୍ଦର ଲାଗେ ନାହିଁ । ଆକାଶ-ପୃଥିବୀ, ଗଛ-ଲତା, ପାହାଡ଼-ପର୍ବତ କିଛି ବି ସୁନ୍ଦର ଲାଗନ୍ତି ନାହିଁ । ସବୁଠି ଲାଗେ ଶୂନ୍ୟତାର ବିଚିତ୍ର ଛାଉଣି । ସବୁଠି ଲାଗେ ହାହାକାରମୟ । ସବୁଜ ବି ଧୂସର ଲାଗେ । କୁଜ୍‌ଝଟିକାମୟ ଲାଗେ । ଏପରି ମାନସିକ ଅବସ୍ଥାରେ ଗୋପବନ୍ଧୁ ଅନେକ ଦିନ ଅତିବାହିତ କରିଥିଲେ । ଏଥିରେ ତାଙ୍କର ସ୍ୱାସ୍ଥ୍ୟ ଭଗ୍ନ ମଧ୍ୟ ହୋଇଥିଲା । ଏପରି ଛଳ ବନ୍ଧୁତା ପ୍ରସଂଗରେ ଇଂରେଜୀ କବି ଗୋଲ୍‌ଡ଼ସ୍ମିଥ୍‌ଙ୍କର Edevin and Engelina କବିତାର ଏକ ପଙ୍‌କ୍ତି ମନେପଡ଼େ ।

"What is friendship but a nawe
A charm that lulls to sleep,
A shade that follows weath of fame
And leaves the wretch to weep."

କିନ୍ତୁ ଏଠାରେ ଦ୍ରଷ୍ଟବ୍ୟ ଯେ ହତାଶା-ନିରାଶାର ଏକ କ୍ଷୁଦ୍ର ଗୈରିକ ପର୍ବ ପରେ ହଠାତ୍ ଗୋପବନ୍ଧୁ ଏକ ଚମତ୍କାରୀ ମନ୍ତବ୍ୟରେ ଉପନୀତ ହୋଇଛନ୍ତି । ସେ ବନ୍ଧୁ ପ୍ରୀତିରେ ଏପରି ନିମଗ୍ନ ଥିଲେ ଯେ, ସେ ଶତେକ ପରାଜୟକୁ ମଧ୍ୟ ତା'ଲାଗି ସ୍ୱୀକାର କରିବାକୁ

ପାଶ୍ଚାତ୍‌ପଦ ହେଉନଥିଲେ । ରାଧାନାଥଙ୍କ 'ଉଷା' କାବ୍ୟର ଏକ ପଙ୍‌କ୍ତି ଏଠାରେ ମନେପଡ଼େ–

"ଜୟ ଠାରୁ ଆଜି ପରାଜୟ ତାର ପ୍ରିୟ ଅଧିକ
ଘଟାଇ ନପାରେ କିସ ପୁଣି ପ୍ରେମ ଐନ୍ଦ୍ର-ଜାଲିକ ।"[୨୨]

ଯଯାତି କେଶରୀରେ ମଧ୍ୟ ଅନୁରୂପ ପ୍ରେମର କଥା କୁହାଯାଇଛି । ଜଣେ ଅପରର ବିଜୟରେ ଅଧିକ ଖୁସି । ଏପରିକି ନିଜର ପରାଜୟକୁ ମଧ୍ୟ ସେ ସ୍ୱୀକାର କରିବାକୁ ପଛାନ୍ତି ନାହିଁ । ଗୋପବନ୍ଧୁ ଏ ଜାତୀୟ ପ୍ରେମିକ । ସେ ଯଥାର୍ଥ ବନ୍ଧୁପ୍ରେମୀ । କିନ୍ତୁ ତାଙ୍କ ବନ୍ଧୁ ଏକଥା ବୁଝିପାରିଲେ ନାହିଁ । କେଦାରଗୌରୀ କାବ୍ୟରେ ମଧ୍ୟ ମୃତ୍ୟୁକୁ ଫାଙ୍କି ଦିଆଯାଇଛି । ମୃତ୍ୟୁ ମଧ୍ୟ ପ୍ରେମ ବା ବନ୍ଧୁତାକୁ ହରାଇପାରିନି । ସେହିପରି ଯଦି 'କାରାକବିତା'ରେ ବନ୍ଧୁପ୍ରୀତି ପର୍ଯ୍ୟାୟଟିକୁ ପର୍ଯ୍ୟବେକ୍ଷଣ କରାଯାଏ, ତେବେ ସ୍ପଷ୍ଟ ଭାବେ ଏହା ପ୍ରତୀତ ହେବ ଯେ, ମୃତ୍ୟୁ, ଅପବାଦ, ପ୍ରତାରଣା, ଗଂଜଣାଦି ଦ୍ୱାରା ଶାଶ୍ୱତ ବିମଳ ପ୍ରେମ ମ୍ଳାନିଭୂତ ହୋଇପାରେନା । ଏହାର କ୍ଷୟ ନାହିଁ । ଏହାର ଅନ୍ତ ନାହିଁ । ଏଠାରେ ଉଇଲିୟମ୍ ସେକ୍‌ସପିୟରଙ୍କ ରଚିତ ଏକ କବିତାକୁ ସ୍ମରଣ କରାଯାଇପାରେ । ସେଦିନ Shakespeare ଚ୍ୟାଲେଞ୍ଜ୍ ଲଗାଇ କହିଲେ–

"Let me not to the marriage of true minds
Admit impediments. Love is not love
Which alters when alteration finds,
Or bends with the remover to remove:
O' no! it is an ever fixed mark,
That looks on tempests, and is never shaken,
It is the star to every wandering bark,
Whose worths unknown,
although his height be taken
Love's not Time's fool,
though rosy lips and cheeks
Within his bending sickle's compass come,
Love alters not with-his brief hours and weeks
But bears it out even to the edge of doom.
If this be error, and upon me proved,
I never writ, nor no man ever loved."[୨୩]

ପ୍ରେମର ସହନସୀମା ଅନନ୍ତ, ଶକ୍ତି ଅସୀମ । ସେହି ପ୍ରେମ ସତ୍ୟ-ଶାଶ୍ୱତ, ଯାହା ସହେ, ଯାହା ପାଖରେ ସହିବାର ଶକ୍ତି (Resisting powers and potency) ଥାଏ । ଏହି ଦୁଃଖ, କଷ୍ଟ, ଯନ୍ତ୍ରଣା ସହିବାରେ ହିଁ ବାସ୍ତବରେ ସୁଖ ଅଛି ଆନନ୍ଦ ରହିଛି । ଶେଲୀ ଦିନେ ଏହିକଥା କହିନଥିଲେ କି 'To a Skylark' କବିତାରେ– "Our sweetest songs are those, That tell us saddest thoughts." ପ୍ରେମ ନିକଟରେ ଅନୁଶୋଚନା ବୋଲି କୌଣସି ପରଦା ଚିରଦିନ ରହିପାରେନା । ଗୋପବନ୍ଧୁଙ୍କୁ ଏହି ଶୋଚନା ଘାରିଛି । ଅନୁଶୋଚନା ତାଙ୍କ ପାଖମାଡ଼ିପାରି ନାହିଁ । ପୁଣି ଶୋଚନା ଯାହାକି ଥିଲା ବିଭୁପ୍ରୀତି ସାଗରରେ ସେ ଲୁଣପରି ମିଶିଯାଇଛି, ନିଜର ଅସ୍ତିତ୍ୱ ହରାଇଛି । କିନ୍ତୁ ଗୋପବନ୍ଧୁ ସେ ଲବଣାକ୍ତ ଯନ୍ତ୍ରଣାରେ ଅନ୍ତରେ ଅନ୍ତରେ ସଢ଼ିଛନ୍ତି, ଜଳିଛନ୍ତି ଓ ଦହନ ମଧ୍ୟରେ କଷ୍ଟ ପାଇଛନ୍ତି । ଏ ବ୍ୟଥାରେ ତଦୀୟ ପ୍ରାଣର ଅଶ୍ରୁଧାରା ସେ ଲୁଣପାଣିରେ ଏକାକାର ହୋଇଯାଇଛି । ତେବେ ସେ ନିଜକୁ ବୁଝାଇ ଦେଇଛନ୍ତି ଯେ ସେ ଯେଉଁ ପ୍ରେମ କରିଥିଲେ ତାହା ନିହାତି ବିଶୁଦ୍ଧ ଓ ପ୍ରାକୃତିକ ଥିଲା । ଏଣୁ ଏଥିରେ ଅନୁଶୋଚନାର ସ୍ଥାନ ନରହିବା ଉଚିତ୍ । ପ୍ରେମପଥରେ ଯେତେ ଗୁରୁଗଞ୍ଜନା, ଯେତେ କଟାକ୍ଷ, ଯେତେ ପ୍ରିୟଜନ ଛି-ଛି କାର କଲେ ମଧ୍ୟ ତାହା ହଟିବାର ନୁହେଁ । ଏହା ନିତାନ୍ତ ଅକ୍ଷୟ ଓ ଶାଶ୍ୱତ ।

ପୁଣି କବି ଭାବିଛନ୍ତି । ଅସୁସ୍ଥ ହୋଇଛନ୍ତି । ନିଜର ଅନ୍ତର୍ଦୃଷ୍ଟିକୁ ଶାଣିତ କରିଛନ୍ତି । ସେ ଭାବିଛନ୍ତି ଯେ, ନିହାତି ତାଙ୍କଠାରେ କିଛି ଅଭାବବୋଧ ରହିଛି । ନତୁବା ଏପରି ବ୍ୟତିକ୍ରମ ହେଲା ବା କାହିଁକି ? ସେ ପୁଣି ପଚାରିଛନ୍ତି ନିଜକୁ ଯେ 'ମୁଁ କି ମୋ ନିଜର ସୁଖ ଦେଖୁଥିଲି ?' ଏଠାରେ ନିଜେ ସେ ଆତ୍ମପ୍ରବଞ୍ଚନା କରୁଛନ୍ତିକି ନାହିଁ ମଧ୍ୟ ପ୍ରଶ୍ନ କରିଛନ୍ତି । ଏହା ଆତ୍ମପ୍ରକ୍ଷାଳନ ମାତ୍ର । ଏହାହିଁ ପ୍ରେମର ସବୁଠାରୁ ବଡ଼କଥା । କାରଣ ଯେବେ ପ୍ରତ୍ୟେକ ଲୋକ ଆତ୍ମପ୍ରକ୍ଷାଳନ କରିବା ଆରମ୍ଭ କରିଦେବେ, ସେତେବେଳେ ନିଜର ଦୋଷ-ତ୍ରୁଟି ସେମାନେ ଦେଖିପାରିବେ । ନିଜର ଦୋଷତ୍ରୁଟି ଦେଖିପାରିଲେ, ସେମାନଙ୍କ ମଧ୍ୟରେ ବିନମ୍ରତା ପ୍ରବେଶ କରିବ ଓ ସେମାନେ ଉଦାର ହେବେ । ଏହି ଉଦାର ଭାବରେ ପ୍ରେମ ଆହୁରି ଅଙ୍କୁରିତ ହୋଇ ପଲ୍ଲବିତ ହୋଇଥାଏ । ପ୍ରଖ୍ୟାତ କବୟିତ୍ରୀ ଓ ସମାଲୋଚିକା ପ୍ରତିଭା ଶତପଥୀଙ୍କର ଏକ ଉକ୍ତି ଏଠାରେ

ସ୍ମୃତିବଳୟାନ୍ତର୍ଗତ ହୋଇଥାଏ । ସେ ଏହି ପରିପ୍ରେକ୍ଷୀରେ କହନ୍ତି- "ଗୋପବନ୍ଧୁଙ୍କ କବିତା ଗୁଡ଼ିକରେ ବ୍ୟକ୍ତିକ ଦୃଷ୍ଟି ସର୍ବତ୍ର ପ୍ରାଧାନ୍ୟ ଲାଭ କରିଛି ।"[୨୪] କାରଣ ପ୍ରତିଟି କଥାରେ ସେ ନିଜକୁ ସାମିଲ୍ କରି ଦେଖନ୍ତି ମାପନ୍ତି । ନିଜକୁ ପ୍ରକ୍ଷାଳିତ କରନ୍ତି । ଅବଶ୍ୟ ଆଲୋଚ୍ୟ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତାଟି ଏକାନ୍ତ ମନ୍ମୟାତ୍ମକ । କିନ୍ତୁ ଏଥିରେ କବିଙ୍କ ତନ୍ମୟ ଦୃଷ୍ଟିଭଂଗୀ, ତନ୍ମୟ ଧାରଣା ଓ ମନ୍ମୟ ଚିନ୍ତା-ଚେତନା ତଲ୍ଲୀନ ।

କବି ଦାରୁଣ ଦୁଃଖରେ ଏହି ଆତ୍ମପ୍ରବଞ୍ଚନା ଲାଗି ଘାରି ହେଉଛନ୍ତି । ଏହାପରେ କବି ଆତ୍ମପରିଚୟ ପାଇଛନ୍ତି । ହୃଦୟର କାଳିମା ତାଙ୍କର ଏହି ଆତ୍ମପରିଚୟ ପ୍ରାପ୍ତି ପରେ ଲିଭିଯାଇଛି । ସେ ପୁଣି ପ୍ରକୃତିସ୍ଥ ହୋଇଛନ୍ତି । ଏକ ଦ୍ୱିତୀୟକ ସ୍ତର (Secondary level) କୁ ସେ ଉତ୍ତୀର୍ଣ୍ଣ ହୋଇ ପ୍ରେମିକପ୍ରବର ହେବାକୁ ଚେଷ୍ଟା କରିଛନ୍ତି । ସୁତରାଂ ସେ ଭାଙ୍ଗି ପଡ଼ିବାର ନୁହେଁ । କବି ନିଜ ପ୍ରାଣର ଦୋସରକୁ ନିଜ ହୃଦୟର କଷାଘାତ, କଠୋର କୁଠାରଘାତ ସହିବାର ସୀମା ପରଖିବାକୁ କହିଛନ୍ତି । ପୁଣି କବି କହିଛନ୍ତି, "ହେ ସଖା, ତୁମ ନୟନରେ ବିଷାକ୍ତ ଛଳନା ରହିଛି । ଏଣୁ ମୋ ସରଳ ପ୍ରାଣରେ ତୁମେ କାପଟ୍ୟର କାଳି ଲକ୍ଷ୍ୟ କରୁଛ । ତେଣୁ ତୁମେ ଆଖିପୋଛି ଶୁଦ୍ଧ ପ୍ରେମ, ସ୍ନେହ, ବିମଳ ମାନବିକତାର ଜଳରେ ପ୍ରକ୍ଷାଳନ କରି ଦେଖ, ନିଶ୍ଚିତ ତୁମେ ମୋ ଉପରେ ରୁଷ୍ଟ ହେବନାହିଁ ।" ଆହୁରି କବି କହନ୍ତି ଯେ ଚର୍ମଚକ୍ଷୁରେ ତାଙ୍କୁ ନଦେଖି ହୃଦଚକ୍ଷୁ ବା ଅନ୍ତଃଚକ୍ଷୁରେ ଦେଖିବାକୁ । ସେ ପ୍ରେରଣା ଦେଇଛନ୍ତି ନିର୍ମଳତା ଆଡ଼କୁ ବଢ଼ିବାର । କାରଣ ହୃଦରେ ହୃଦକୁ ଦେଖିଲେ ଛଳ ଚକ୍ଷୁର ବା ଛଳ ଦୃଷ୍ଟିର ପ୍ରଶ୍ନ ରହିବ ନାହିଁ । ଖାଲି ଏତିକି ନୁହେଁ, ଅହଂ ଭାବ, ଆତ୍ମବଡ଼ିମା, ଆତ୍ମସର୍ବସ୍ୱ ଭାବ ପରିତ୍ୟାଗ କରି ମଣିଷ ନିଜକୁ ସଂଦର୍ଶନ କରିବା ଦରକାର । ଆତ୍ମସ୍ୱାର୍ଥ ଓ ଆତ୍ମପରିଚୟ ତ୍ୟାଗକରି ଅନ୍ୟର ସ୍ଥାନରେ ନିଜକୁ ଅଧିଷ୍ଠିତ କରାଇ, ବିଶ୍ୱ ସ୍ଥାନରେ, 'ସମଗ୍ର' ସ୍ଥାନରେ 'ବ୍ୟକ୍ତି' କୁ ଅଧିଷ୍ଠିତ କରାଇ ଜଣେ ବିଚାର କରିବା ଉଚିତ୍ । ଗାଳି ଗଞ୍ଜନାକୁ କବିଙ୍କର ଦୁଃଖ ନାହିଁ । ପୁଣି ସେ ଏପରି ବନ୍ଧୁପ୍ରୀତିରେ ଭୋଳ ଯେ, ସେ କହନ୍ତି ଯଦି ତାଙ୍କ ବନ୍ଧୁ ତାଙ୍କୁ ଗାଳିଦେବାକୁ ଚାହାଁନ୍ତି, କଟାକ୍ଷ କରିବାକୁ ଚାହାଁନ୍ତି ଓ ସେଥିରେ ସେ ଆନନ୍ଦିତ ହେଉଥାଆନ୍ତି, ତେବେ ସେ ଗାଳି, ଗଞ୍ଜନା, କଟାକ୍ଷ ଆଦିରେ ତାଙ୍କର ଅସୀମ ଆନନ୍ଦ ରହିଛି । କାରଣ ଏ ଗାଳିରେ ରହିଛି ତାଙ୍କର ପ୍ରାଣର ଦୋସରର ଆହ୍ଲାଦ । ଯଦି ତାଙ୍କ ଅଶ୍ରୁରେ ତାଙ୍କ ବନ୍ଧୁଟିର ଆନନ୍ଦ, ସ୍ୱାଦ ଓ ଆହ୍ଲାଦ ତେବେ ସେ (କବି) ଚକ୍ଷୁରୁ ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ ବୁନ୍ଦାକୁ ମଧ୍ୟ ନିଗାଡ଼ିବାକୁ ପ୍ରସ୍ତୁତ । କାରଣ ଏ ବ୍ୟଥାରେ ଗ୍ଲାନି ନାହିଁ, ଦୁଃଖ ନାହିଁ, ଶୋଚନା ବି ନାହିଁ । ଏ ବ୍ୟଥାରେ ଦୁଃଖ ବା ଯନ୍ତ୍ରଣାର ହାହାକାର ନାହିଁ । ଏଠି ଶୂନ୍ୟତା ନାହିଁ, ପୂର୍ଣ୍ଣତା ରହିଛି । ଏ ବ୍ୟଥାରେ ଆନନ୍ଦ ରହିଛି । ସେ ଆନନ୍ଦ ପାର୍ଥିବ ନୁହେଁ ଅତି ଜାଗତିକ ଆନନ୍ଦ । ଏହା ଏଇ ମାଟିରୁ ମହାନ୍ ଆକାଶ ଯାଏ ବ୍ୟାପ୍ତ । ଭୂ ରୁ ଭୂମା ପରି ଏ ଆନନ୍ଦ । ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ ନିଗାଡ଼ି ଦେଇ ବି କବି ଶୂନ୍ୟହସ୍ତ, ରିକ୍ତଚକ୍ଷୁ, ରିକ୍ତବକ୍ଷ ହୋଇ ଯିବେନି । ବରଂ ଏତଦ୍ୱାରା ସେ ସ୍ନେହ, ସଂପ୍ରୀତି ଓ ଆହ୍ଲାଦରେ କୁବେର ପରି ଧନୀ ହୋଇଯିବେ । ଏଥିରେ ମୁଖ୍ୟକଥାଟି ହେଉଛି ପ୍ରେମ । କାରଣ ଏସବୁ ଭିତରେ 'ପ୍ରେମ' ବିଦ୍ୟମାନ ଥିବ । ଆଉ ଏଇ 'ପ୍ରେମ' ହିଁ ଶତବ୍ୟଥାକୁ ଅତିକ୍ରମ କରି ସ୍ନିଗ୍ଧ କୋମଳ ଜାହ୍ନବୀ (ସୁରଧ୍ୱନୀ)ର ଅକ୍ଷୟ ଧାରା ଛୁଟାଇଥାଏ । ଏଣୁ କବି ଗାଇଉଠିଲେ-

"ପ୍ରେମ ପରା ସହେ ସହି ସୁଖ ପାଏ
ପ୍ରେମ ନ ଜାଣଇ କେବେ ଶୋଚନ
ପ୍ରିୟଜନେ ନୁହେଁ ପ୍ରେମିକ ବିମୁଖେ
ହେଲେ ହେଉଯେତେ ଗୁରୁ ଗଞ୍ଜନା ।
ମୋ ପ୍ରେମ କି ସତେ କେବଳ ଛଳନା
ଲୋଡ଼େ ଅଲକ୍ଷିତେ ଆପଣା ସୁଖ ?
କରୁଛି କି ମୁହିଁ ଆତ୍ମପ୍ରବଞ୍ଚନା
ତେଣୁ ମୋ ମନେ ଏ ଦାରୁଣ ଦୁଃଖ ।
ଲଭିଅଛି ଏବେ ଆତ୍ମପରିଚୟ
ଲିଭିଅଛି ମୋର ହୃଦ କାଳିମା,
କର ପ୍ରାଣସଖା ତୀବ୍ର କଷାଘାତେ
ପରଖ ଏ ହୃଦେ ସହନ ସୀମା ।
ବିଷାକ୍ତ ନୟନେ ମୋ ସରଳ ପ୍ରାଣେ
ଦେଖ ଯେବେ ସଖା କପଟ-କାଳି,
ଆଖିପୋଛି ଦେଖ ମୋ ହୃଦେ ତୋ ହୃଦ,
ଆତ୍ମପରିଚୟ ନଦିଅ ଗାଳି ।
ଗାଳି ଗଞ୍ଜନାକୁ ନାହିଁ ମୋର ଛଳ
ତୁମ ଅନୁତାପ ଏକା ଶୋଚନା,

ପାଅ ଯେବେ ସୁଖ  ସେ କଟୁବଚନେ,

ଦେବତା'ମୋ'ହୃଦେ ମଧୁ ମୂର୍ଚ୍ଛନା ।"[୨୫]

ବ୍ୟଥିତ ଗୋପବନ୍ଧୁଙ୍କ ବ୍ୟଥିତ ପ୍ରାଣ, ଯନ୍ତ୍ରଣା ବ୍ୟଂଜିତ, ଶୋକ ଆଚ୍ଛାଦିଦ ଛାତି ଭିତରୁ ଅନନ୍ତ ଅକ୍ଷୟ ପ୍ରେମର ଯେଉଁ ଶାଶ୍ୱତ ଭାସ୍ୱତ ଧାରା ଉଚ୍ଛ୍ୱସିତ ତା'ର ଏକ ସାନ୍ଦ୍ରତର ରୂପକୁ ଆମ୍ଭେ 'ପ୍ରେମର ଏକି ପରିଣାମ ?' ଓ 'କାରାରେ ଜଣେ ବନ୍ଧୁଙ୍କ ବିୟୋଗବାର୍ତ୍ତା ଶୁଣିବା ପରେ' ପ୍ରଭୃତି କବିତାରେ ପ୍ରତ୍ୟକ୍ଷ କରୁ । ଏଠାରେ ଏହା ଦେଖିବା ଜରୁରୀ ଯେ, ଗୋପବନ୍ଧୁଙ୍କ ଚକ୍ଷୁରେ 'ବନ୍ଧୁତ୍ୱ', 'ପ୍ରେମ', 'ସ୍ନେହ', 'ମମତା', 'ଆତ୍ମୀୟତା' ପ୍ରଭୃତିର ସଂଜ୍ଞା କେତେ ପରିବ୍ୟାପ୍ତ ! କବି ଗଡ଼ନାୟକ ସଂକଳନର ମୁଖବନ୍ଧରେ କହନ୍ତି- "ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ'ରେ ଯେଉଁ ଉଚ୍ଛ୍ୱାସ ଆତ୍ମପ୍ରକାଶ କରିଛି ତାହା ପୁଣି "'ପ୍ରେମର ଏକି ପରିଣାମ' ?ରେ ଉଚ୍ଚାରିତ ହୋଇଛି ।"[୨୬] ଆଗରୁ ମଧ୍ୟ ଆଲୋଚିତ ହୋଇଛି ଯେ ଗୋପବନ୍ଧୁଙ୍କ ପ୍ରେମ ଓ ବନ୍ଧୁତାର ସ୍ୱରୂପ ବଡ଼ ବୈଚିତ୍ର୍ୟମୟ । "ତାଙ୍କର ପ୍ରେମ ଚେତନା ବିଶ୍ୱରେ, ପ୍ରକୃତିରେ, ସମଗ୍ର ମାନବ ସମାଜରେ ମହିମାବନ୍ତ ସ୍ୱରୂପ ପ୍ରକାଶ କରିଅଛି । ପ୍ରେମ ତାଙ୍କ ଦୃଷ୍ଟିରେ ସ୍ୱର୍ଗୀୟ, ଯାହା ଜଡ଼ଠାରୁ ଚେତନ ପର୍ଯ୍ୟନ୍ତ ପରିବ୍ୟାପ୍ତ । ପ୍ରେମ ଅବିନଶ୍ୱର, ଶାଶ୍ୱତ, ସୁନ୍ଦର ।"[୨୭] ପୁଣି ସେ କହନ୍ତି- "ତାଙ୍କ ପ୍ରେମାପ୍ଳୁତ ଅନ୍ତର କେତେବେଳେ ସ୍ୱଦେଶାନୁରାଗରେ ଅନୁରଞ୍ଜିତ, କେବେ ବିଭୁସାନ୍ନିଧ୍ୟ ପ୍ରତି ଉନ୍ମୁଖ, ପୁଣି କେବେ ପ୍ରେମାବଦ୍ଧ ଦେହକୁ ଅତିକ୍ରମ କରି ଦେହାତୀତର ସାଧନାରେ ସମାଧିସ୍ଥ । ପ୍ରେମ, ସହନଶୀଳତା, ତ୍ୟାଗ ଦ୍ୱାରା ମହିମାବନ୍ତ, ପ୍ରେମପୁଷ୍ପ ମଳିନ ହୁଏ ନାହିଁ, ତାହା ଅକ୍ଷୟ, ଅବ୍ୟକ୍ତ, ଅନନ୍ତ । ପ୍ରେମିକର ଅନ୍ତର ଏତେ ଉଦାର ଓ ସମ୍ବେଦନଶୀଳ ଯେ ତାହା କ୍ଷୁଦ୍ର ବ୍ୟକ୍ତିସତ୍ତା ମଧ୍ୟରେ ଆବଦ୍ଧ ନରହି ପ୍ରକୃତିର ବିସ୍ତୀର୍ଣ୍ଣ ସତ୍ତା ଭିତରେ ପରିବ୍ୟାପ୍ତ ହୋଇଯାଏ । ପ୍ରେମର ରାଜ୍ୟ ଏଡ଼େ ଅଦ୍ଭୁତ ଓ ସ୍ୱତନ୍ତ୍ର ଯେ, ସେଠାରେ କେବଳ ସୁନ୍ଦର ଓ ମଙ୍ଗଳକର ଭାବର ସମାବେଶ ।"[୨୮]

ଗୋପବନ୍ଧୁଙ୍କ ତୁଳନାର ତୁଳନା ନାହିଁ । ଅତି ସହଜ-ସୁନ୍ଦର-ପାରିପାର୍ଶ୍ୱିକ ସତ୍ତା ମଧ୍ୟରୁ ଚେତନା ସ୍ତରୀୟ ସତ୍ତା ସହ ତୁଳନା ମଧ୍ୟରେ ଯେଉଁ ଉଚ୍ଚତା ଓ ତର୍କସିଦ୍ଧ ବକ୍ତବ୍ୟ ରହିଛି ବାସ୍ତବିକ ତାହା ଉପମାତୀତ । ସେ ପ୍ରେମକୁ ଶିରାରେ ଶିରାରେ ଅନୁଭବ କରିଛନ୍ତି । ପ୍ରେମ ଏକ ସୁନ୍ଦର ଫୁଲର ପାଖୁଡ଼ା ସଦୃଶ, ଯାହାକୁ ପାଖରେ ରଖିଲେ ମଧ୍ୟ କଷ୍ଟ, ଯାହାକୁ ପାଖରେ ନରଖିଲେ ମଧ୍ୟ ଯନ୍ତ୍ରଣା । କବି ଅନୁଭବ କରିଛି- "Not to love is painful but to love is much more painful." ଏସବୁ ସତ୍ତ୍ୱେ ସେ ଯନ୍ତ୍ରଣା ପାଇଛନ୍ତି । ସେ ଯନ୍ତ୍ରଣା ପ୍ରତାରଣା ଜନିତ । ସବୁ ସତ୍ତ୍ୱେ ସେ ରାଧାନାଥଙ୍କ ହାହାକାରମୟ ବୈରାଗ୍ୟ ଓ ଗୈରିକ ଜୀବନାୟନକୁ ସ୍ୱାଗତ କରିନାହାଁନ୍ତି । ସେ ମୃତ୍ୟୁକୁ ସାଦରେ ଆଲିଙ୍ଗନ କରିନାହାଁନ୍ତି ବରଂ ସେ ଜୀବନକୁ ଭଲପାଇ ବସିଛନ୍ତି । ଏଇ ଜୀବନକୁ ଭଲପାଇବାର କାରଣ ଏଇ ଜୀବନ ହିଁ ତାଙ୍କୁ 'ପ୍ରେମ' ଦେଇଛି ଓ ଏହି 'ପ୍ରେମ' ତା'ର ପ୍ରତିଦାନରେ ଦେଇଛି ଏକ ସବୁଜ, ସୁନ୍ଦର, ଶିବମୟ, ଆଶାମୟ ଜୀବନ । ପ୍ରେମରେ ପ୍ରତାରଣା ପାଇଁ ଗୋପବନ୍ଧୁ ଯେଉଁ ଅର୍ଦ୍ଧମୃତ ଅବସ୍ଥାରେ ଥିଲେ, ତା'ର ବ୍ୟାଖ୍ୟା ଜଣେ ଇଂରେଜୀ କବି (John Keats) ଦେଇଛନ୍ତି ।

"xxx I have been half in love
 with easeful death
Called him soft names in many a mused rhyme.
To take into the air my quiet breath xxx."[୨୯]

ପ୍ରେମ ଫୁଲ ପରି ମଉଳିଯିବାର ବିଷୟ ନୁହେଁ । ଏହା ଝାଉଁଳି ଯିବାର ବିଷୟ ନୁହେଁ । ସୂର୍ଯ୍ୟତାପରେ ଏହା ଶୁଦ୍ଧସୁବର୍ଣ୍ଣ ପରି ଆହୁରି ବଳସି-ଝଳସି ଉଠିବାର ବିଷୟ ମାତ୍ର । ଗୋପବନ୍ଧୁ ସିଧାସଳଖ ଏହା ଉଦ୍‌ଘୋଷଣା କରି କହିଛନ୍ତି ଯେ, ପ୍ରେମ ହେଉଛି ଅନ୍ତହୀନ, କ୍ଷୟହୀନ ଧାରାଟିଏ । ସେ ଧାରାରୁ ଧାରେ ପାଣିପିଇ ଜଣେ ଶାଶ୍ୱତ ଆନନ୍ଦଲାଭ କରିବା ସହିତ ନିତ୍ୟପଥର ପଥିକ ବନିଯାଏ । "ଗୋପବନ୍ଧୁଙ୍କ ଦୃଷ୍ଟିରେ ପ୍ରେମ ଉଦାର, ସର୍ବଶକ୍ତିମାନ ଓ ସର୍ବମୟ । ଏହା କୋମଳ ନୁହେଁ, ଆଘାତରେ ମଉଳେ ନାହିଁ । ଏହା କାଳଜୟୀ, ମୃତ୍ୟୁରେ ଏହାର ଶେଷ ହୁଏ ନାହିଁ । ଆବର୍ଜନାର ପୂତିରେ ବା କୁସୁମର ସୁରଭିରେ ବିଷାଦ ବା ଆନନ୍ଦରେ ଏହାର ପ୍ରବାହ ଖଣ୍ଡିତ ବା ସ୍ଫୀତ ହୁଏ ନାହିଁ । ପ୍ରେମର ସ୍ରୋତରେ ଅବଗାହନ କଲେ ମନୁଷ୍ୟ ନିଜର ଯଥାର୍ଥ ପରିଚୟ ପାଏ ।"[୩୦] ଏଲିଜାବେଥ୍ ବାରେଟ୍ ବ୍ରାଉନିଂ ଯେପରି ପ୍ରେମର ଏକ ବିଶାଳ ଆୟାମ ଦେଖାଇଛନ୍ତି, ଉକ୍ତ ଗୋତ୍ରୀୟ ପ୍ରେମ ଗୋପବନ୍ଧୁଙ୍କ ଅନ୍ତରରେ ଆନ୍ତରିକତାର ସହିତ ଅନ୍ତରଂଗ ବନ୍ଧୁମାନଙ୍କ ପ୍ରତି ଥିଲା । ଗୋପବନ୍ଧୁଙ୍କ ପ୍ରେମ ତାଙ୍କ ବନ୍ଧୁ ପ୍ରତି ଅନୁରୂପ ଭାବେ ରହିଥିଲା । ତାହା ଥିଲା ଏହିପରି-

"How do I love thee? Let me count the ways,
I love thee to the depth and breadth and height

My soul can reach, when feeling out of sight
For the ends of Being and ideal Grace.
I love thee to the level of every day's
Most quiet need, by son and candle light.
I love thee freely, as men strive for Right;
I love thee purely, as they turn from praise.
I love thee with the passion put to use
In my old griefs, and with my childhood's faith.
I love thee with a love I seemed to lose
With my lost saints-
I love thee with the breath,
Smiles, tears of all my life!- and if God choose,
I shall but love thee better after death."[୩୧]

ପ୍ରେମ ଏପରି ଏକ ବିଷୟ ଯାହା ଶାରୀରିକ ଦୂରତ୍ୱ ଦ୍ୱାରା ହ୍ରାସ ପାଏନାହିଁ ବରଂ ବୃଦ୍ଧିଲାଭ କରେ । ଲର୍ଡ ଅଲ୍‌ଫ୍ରେଡ୍ ଟେନିସନ୍‌ଙ୍କ ପରି କବି ଗୋପବନ୍ଧୁ ବନ୍ଧୁ ପ୍ରେମର ଗଭୀରତାକୁ ବନ୍ଧୁକୁ ହରାଇସାରିଲା ପରେ ଅଧିକ ଅନୁଭବ କରିଛନ୍ତି । ଖାଲି ଏହି କବିତା ନୁହେଁ, ଆଲୋଚ୍ୟ ସଂକଳନର ତିନୋଟି ଯାକ କବିତାରେ ଏହା ଦୃଶ୍ୟମାନ । ଯଦିଓ ବନ୍ଧୁପ୍ରୀତିର ସାନ୍ଦ୍ରତା ପୂର୍ବରୁ ମଧ ଥିଲା, ତେବେ ବନ୍ଧୁଙ୍କୁ ହରାଇ ସାରିବା ପରେ ବା ବନ୍ଧୁ ଦୂରେଇ ଯିବା ପରେ ଏହି ପ୍ରେମ ଅଧିକ ବଢ଼ିଯାଇଛି ଓ ବେଦନା ମଧ ଅଧିକ ବଢିଯାଇଛି । ଅତଏବ ବର୍ଦ୍ଧିଷ୍ଣୁ ବେଦନା ସହ, ଯନ୍ତ୍ରଣାରେ ମାଜିହୋଇ ପ୍ରେମ ଘୁରିଯାଇନି କି କ୍ଷୟୀଭୂତ ହୋଇଯାଇନି ବରଂ ଆହୁରି ବିଶାଳ, ମସୃଣ ଓ ମେଦୁର ହୋଇଯାଇଛି । ପ୍ରେମ ଏକ ଆଧାତ୍ମିକ ବ୍ୟାପାର । ଏଣୁ ଏପରି etherial, spiritual ଏବଂ ଚେତନାଗତ ବ୍ୟାପାରରେ ଶାରୀରିକ ଦୂରତ୍ୱ ଏକ ପ୍ରତିବନ୍ଧକ ହୋଇ ନପାରେ । "ଏହି ମରଣଶୀଳ ଶରୀରରେ ପ୍ରେମର ସଂଚାର ହୁଏ ସତ୍ୟ ମାତ୍ର ତାହା ଅମୃତର ଏକ ଉତ୍ସ । ଦେହର ବିନାଶରେ ତାହା ବିନଷ୍ଟ ହୁଏ ନାହିଁ । ବ୍ୟକ୍ତିଗତ ଜୀବନରେ କବିଙ୍କର ପ୍ରେମ, ସ୍ନେହ, ଶ୍ରଦ୍ଧା ଆହତ ହୋଇଛି, ତାଙ୍କର ଅନ୍ତର ସଂଶୟାଛନ୍ନ ହୋଇପଡ଼ିଛି । ପରବର୍ତ୍ତୀ ସମୟରେ ନିଜ ହାର୍ଦ୍ଦିକ ପ୍ରେମର ଗଭୀରତା ଓ ବିପୁଳତା ତାଙ୍କୁ ଶାଶ୍ୱତ ପ୍ରେମରେ ବିଶ୍ୱାସୀ କରାଇଛି । ସଂଶୟ ଅପସରି ଯାଇଛି । ସ୍ୱାଭାବିକ ଭାବରେ ମିଳନ ଅପେକ୍ଷା ବିଚ୍ଛେଦ ହିଁ ପ୍ରେମକୁ ମହାର୍ଘ କରିପାରେ ବୋଲି କବିଙ୍କର ବିଶ୍ୱାସ ରହିଛି । ତେଣୁ ତାଙ୍କ ପ୍ରେମଚେତନା ଦେଶ, କାଳ, ପାତ୍ର ଊର୍ଦ୍ଧ୍ୱରେ ଏକ ମହିମାମୟ ସ୍ୱର୍ଗୀୟ ଅନୁଭବ ରୂପେ ତିଷ୍ଠିପାରିଛି ।"[୩୨]

ଖାସ୍ ଏଇଥିପାଇଁ ପରା ଗୋପବନ୍ଧୁ ଗାଇଉଠିଲେ ସେଦିନ–

"ମର ପିଣ୍ଡେ ପ୍ରେମ ଏକ ଅମର ସଂଚାର
ପାର୍ଥିବ ଜଗତେ ପ୍ରେମ ସ୍ୱର୍ଗ ସୁଧାଧାର
ପ୍ରେମର ଏ ପ୍ରଶସ୍ତିକି କବି କଳପନା
ପ୍ରେମ କି କେବଳ ନୀଚ ସ୍ୱାର୍ଥର ଛଳନା ?"[୩୩]

କୃପାସିନ୍ଧୁ ମିଶ୍ର, ଦିବ୍ୟସିଂହ ମିଶ୍ର ପ୍ରମୁଖ କେତେ ସହକର୍ମୀ ଗୋପବନ୍ଧୁଙ୍କ ଜୀବୀତାବସ୍ଥାରେ ଇହଲୀଳା ସମ୍ବରଣ କରିଥିଲେ । ଏସବୁ ଗୋପବନ୍ଧୁଙ୍କୁ କେବଳ ବ୍ୟଥିତ କରିନଥିଲା ଅଧିକନ୍ତୁ ଏସବୁ ସମୟରେ ଗୋପବନ୍ଧୁ ପିଲାପରି କାନ୍ଦୁଥିଲେ । ଜଣେ ଉଚ୍ଚକୋଟୀର ଦାର୍ଶନିକ କବିହୋଇ ମଧ ସେ କାନ୍ଦୁଥିଲେ, ଅନୁଶୋଚନା ପ୍ରକାଶ କରୁଥିଲେ । କବି ଗୋପବନ୍ଧୁଙ୍କ ଜୀବନ ମୋଟାମୋଟି ରୂପରେ ବିଷାଦମୟ, ଦୁଃଖ, ଯନ୍ତ୍ରଣାର ସମୁଦ୍ରରେ ସେ ସର୍ବଦା ନିମଗ୍ନ । ଶୈଶବରୁ ମାତୃ ବିୟୋଗ, ଯୌବନରେ ପତ୍ନୀ ବିୟୋଗ, ପୁତ୍ର ବିୟୋଗ, କବିଙ୍କ ଅନ୍ତରକୁ ଅନନ୍ତ ଦୁଃଖ ଦେଇଥିଲାବେଳେ ପ୍ରିୟଜନମାନଙ୍କ ବିୟୋଗ, ବନ୍ଧୁମାନଙ୍କ ମୃତ୍ୟୁ ଓ ସହକର୍ମୀମାନଙ୍କ ମହାପ୍ରଣାୟ ଏଥିରେ କରାଳ ଲହଡ଼ି ସୃଷ୍ଟି କରିଥିଲା । ଏଥି ସାଙ୍ଗକୁ ଆଜୀବନ ସହକର୍ମୀ ଜଣେ ତାଙ୍କ ବିଶ୍ୱାସରେ ବିଷବୁନ୍ଦା ସିଞ୍ଚନ କରିବା କଥା– ଏକାନ୍ତ ଯନ୍ତ୍ରଣାଦାୟକ ଓ ହୃଦବିଦାରକ ଘାତକ ମାରଣାସ୍ତ୍ର ପରି କାର୍ଯ୍ୟ କରିଥିଲା । କବି ଏସବୁକୁ ନିଜେ ସହିନପାରି ପରା ପ୍ରକାଶ କରି କହିଲେ–

"ଦେଖିନାହିଁ ମାତୃମୁଖ ଅଜ୍ଞାନ ଶୈଶବେ
ପିତା, ପୁତ୍ର, ପତ୍ନୀ, ବନ୍ଧୁ ବିୟୋଗ ବିପ୍ଳାତେ
ବାରବାର ତଡ଼ିନେଇ ଶୋକ ମହାର୍ଣ୍ଣବେ
ବୁଡ଼ାଇ ଦେଇଛି ବୁକେ ତୀବ୍ର କଷାଘାତେ ।
ବିରହ ବିଷାଦ–ବିଷେ ରସାଣିତ ଧାର
କ୍ରୂର କାଳ ବାରବାର ତୀକ୍ଷ୍ଣ କରବାଳେ
କରିଛି ଏ ବକ୍ଷେ ମୋର ଦାରୁଣ–ପ୍ରହାର
କୁଞ୍ଚିତ କରାଳ ଛାପ ମାରିଛି ମୋ ଭାଲେ ।
ଅଳପ ବୟସେ ମୋର ବହୁ ଅନୁଭବ
ହୃଦ ନିଷ୍ପେସିତ ମୋର ବିରହ କଷଣେ... ।"

ଗୋପବନ୍ଧୁଙ୍କ ଏବଂବିଧ ଦୁରବସ୍ଥା ଦେଖି ଯେକେହି ଦରଦୀ ମଣିଷ ଲୋତକାପ୍ଲୁତ ହେବା ସ୍ୱାଭାବିକ କଥା । ମାତ୍ର ଏସବୁ ଜାଣି ମଧ୍ୟ ସେହି ସହକର୍ମୀ ଜଣକ ଗୋପବନ୍ଧୁଙ୍କ ପ୍ରତି ପ୍ରବଞ୍ଚନା କରିଥିଲେ । ପୁଣି ସହନଶୀଳତାର ଏକ ସୀମା ମଧ୍ୟ ରହିଛି । ବ୍ୟକ୍ତି ଯେତେ ଧୈର୍ଯ୍ୟଶୀଳ ହେଲେ ବି, ଯେତେ ତ୍ୟାଗଶୀଳ ହେଲେ ବି, ତା'ର ଏକ ଦୁର୍ବଳତା କେନ୍ଦ୍ର ଥାଏ । ସେହି ଦୁର୍ବଳତା କେନ୍ଦ୍ରଟି ମଣିଷକୁ ଅଧିକ ଦୁର୍ବଳ, ଅଧିକ ବୃଦ୍ଧ, ଅଧିକ ବ୍ୟଥିତ ଓ ଜର୍ଜରିତ କରିଥାଏ । ସେହି ଦୁର୍ବଳତା ଟିକକ ଗୋପବନ୍ଧୁଙ୍କ ପାଇଁନଥିଲା । ତାଙ୍କ ପାଇଁ ନଥିଲେ ପିତା, ମାତା, ପରିଜନ ବା ନଥିଲା ନିଜର ପରିବାର, ପ୍ରିୟପତ୍ନୀ, ସ୍ୱାପତ୍ୟ ବା ଅନ୍ୟ କିଛି । ଏହି ଦୁର୍ବଳତା ଥିଲା ବନ୍ଧୁତା । ତାଙ୍କର ବନ୍ଧୁ ଅଛନ୍ତି ତ ସବୁଅଛି ବୋଲି ସେ ଭାବୁଥିଲେ । ବନ୍ଧୁତାର ଛୋଟିଆ ତରଣୀକୁ ସେ ତରଣି ପରି ପ୍ରତ୍ୟୟ କରୁଥିଲେ । ସେହି ନୌକାରେ ସେ ଜୀବନ ସମୁଦ୍ର ପାରି ହୋଇଯିବାର ଆକାଂକ୍ଷା, ଆଶା ଓ ଦୃଢ ଅଭୀପ୍ସା ପୋଷଣ କରିଥିଲେ । କିନ୍ତୁ ସେହି ବନ୍ଧୁଜଣେ ହିଁ ତାଙ୍କୁ ପ୍ରତାରଣାର ବିଷପାନ କରାଇ ଛଟପଟ କରାଇଥିଲେ । ଜୀବୀତାବସ୍ଥାରେ ଗୋପବନ୍ଧୁ ମୁମୂର୍ଷ ହୋଇପଡ଼ିଥିଲେ, ଛଟପଟ ହେଉଥିଲେ, ଯନ୍ତ୍ରଣାମୟ ମୃତ୍ୟୁକୁ ତିଳେତିଳେ ଅନୁଭବ କରୁଥିଲେ । ଯା'ଠାରୁ ବଳି କଷ୍ଟ ଆଉ କ'ଣ ଥାଇପାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ମଣିଷଟେ ପାଇଁ ? ଏସବୁ ଧକ୍କା, ଯନ୍ତ୍ରଣାଦିକୁ ସହ୍ୟ କରିବାର ଶକ୍ତି ରଖୁଥିବା ଜଣେ ମହାନ୍ ପୁରୁଷକୁ କି ଶବ୍ଦରେ ବ୍ୟକ୍ତ କରାଯାଇପାରେ ? ସେଥିପାଇଁ କି କିଛି ବିଶେଷଣ ସମଗ୍ର ପୃଥିବୀର ଶବ୍ଦ ଅଭିଧାନରେ ମିଳିପାରିବ ? ଏତେ ଯନ୍ତ୍ରଣା ପାଇ ଏତେ କଷ୍ଟ ପାଇ ଯିଏ ଆହା ବୋଲି କହେନି, ମାଆ ପରି ଲୁହକୁ ଲୁଚାଏ (ଯଦି ଅମାନିଆ ଲୁହ ଶୁଖିଲା ଆଖିରୁ ଝରିଆସେ), କାରଣ କାଳେ ତାଙ୍କ ଆହା କାହା ଉପରେ ପଡ଼ିଯିବ, କିଏ ସେଥିରେ ପୋଡ଼ିଯିବ, ବୁଡ଼ିଯିବ, କେବେ ଯିଏ ଯନ୍ତ୍ରଣାକୁ ନିଜେ ଭୋଗିଲା ବେଳେ ଅନ୍ୟକୁ ଅନୁଭବ କରିବାକୁ ଦିଏନା, ଯିଏ ଅନ୍ୟକୁ ବା ଯନ୍ତ୍ରଣାଦାୟୀକୁ ଗାଳି କରିବା କଥା ମନରେ ଭାବେନା ବରଂ ଧରିତ୍ରୀ ପରି ଖାଲି ସହିଯାଏ, ମାଟିପରି ପିଠି, ଛାତି ପତେଇ ପଡ଼ିରହେ, ସହିଯାଏ, ଯିଏ ଜୀବନର ତ୍ରିସତ୍ୟକୁ ବିଶ୍ୱାସ କରି ରହିଯାଏ, ଯାହା ପାଇଁ ଜୀବନର ଶ୍ରେଷ୍ଠ ତିନୋଟି ସତ୍ୟ ଓ ସାରବତ୍ତା ହେଉଛି ସହନଶୀଳତା । ସହନଶୀଳତା ଓ ସହନଶୀଳତା ସେପରି ବ୍ୟକ୍ତି ପାଇଁ କି କିଛି ଶବ୍ଦ ଅଛି ? ତାଙ୍କୁ ତେବେ କ'ଣ କହିବା ? ସନ୍ଥ ? ମୁନି ? ଦାନୀ ? ଜ୍ଞାନୀ ? ଦୟାଳୁ ? ମଣିଷ ? ସେବକ କହିବା ନା ଦାର୍ଶନିକ କହିବା ? ଯାଦୁକର କହିବା ନା ସ୍ୱପ୍ନର ପୁରୁଷ କହିବା ? ନେତା କହିବା ନା କରୁଣାର ମୂର୍ତ୍ତିମନ୍ତ ଦେବତା କହିବା? କାରିଗର କହିବା ନା ଶିଳ୍ପୀ କହିବା? ନା ଏସବୁକୁ ମିଶାଇ ଗୋଟିଏ ସୁନ୍ଦର ମନୋଜ୍ଞ ମହାନ୍ ଆର୍କିଟାଇପାଲ୍ ଚିତ୍ରକଳ୍ପଟିଏ ତିଆରି କରିବା- ଯାହାକୁ ଏକପଦରେ ପ୍ରକାଶ କରିବା ଲାଗି ଏଠୁ ସେଠୁ ଖୋଜିଖୋଜି ଉତ୍ତର ରୁ ଦକ୍ଷିଣ ମେରୁଯାଏଁ ଧାଇଁ ଧାଇଁ ତୁନ୍ଦ୍ରାରୁ ବିଷୁବ ଓ ବିଷୁବରୁ ତୁନ୍ଦ୍ରା ଧାଇଁ ଧାଇଁ ପୃଥିବୀର ସବୁ ଭାଷା ତନ୍ନତନ୍ନ ଖୋଜି ବିଫଳ ଓ ବିମୁଗ୍ଧ ଚିତ୍ତରେ ବିସ୍ମୃତିର ଆଢୁଆଳରୁ ଭାସିଆସୁଥିବା ଶବ୍ଦଟିକୁ ସାଉଁଟି ଆଣିବା ? ଯାହାର ନାମ 'କବି' ? ତେବେ ଗୋପବନ୍ଧୁଙ୍କ ପରି ମଣିଷକୁ କବି ବା ସାହିତ୍ୟିକଟିଏ କହିବା । ହୁଏତ ଏଇଥିରେ ହିଁ ଉତ୍କଳମଣିଙ୍କ ଯଥାର୍ଥ ବିଶେଷଣର ଯଥାର୍ଥ ଦୀପ୍ତି-ଦ୍ୟୁତି ତଥା ଧ୍ୱନି ଓ ପ୍ରତିଧ୍ୱନି ରହିଛି । ଏସବୁ ସତ୍ତ୍ୱେ ସେ ଜଣେ ସାଧାରଣ ରକ୍ତମାଂସର ଦରଦୀ ମଣିଷ । ଡକ୍ଟର ପ୍ରତିଭା ଶତପଥୀ ଯଥାର୍ଥରେ କହନ୍ତି- "ଏହି ବିଶ୍ୱପ୍ରାଣ ପୁରୁଷ କିନ୍ତୁ ଜଣେ ମନୁଷ୍ୟ ମାତ୍ର । ବିଶ୍ୱ ଜାତୀୟତା ଓ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ ତାଙ୍କର ଅନ୍ତର ବ୍ୟକ୍ତିଗତ ଜୀବନର ସ୍ନେହ, ଛଳନା, ଆଶା, ନିରାଶାକୁ ଅସ୍ୱୀକାର କରିପାରି ନାହିଁ । ଦୁଃଖରେ କାନ୍ଦିଛି, ଆତ୍ମୀୟତାରେ ପରିପୂର୍ଣ୍ଣ ହୋଇଉଠିଛି । ତେଣୁ ତାଙ୍କ ଗୀତି କବିତା ଗୁଡ଼ିକରେ ଏକ ବିଷାଦପୂର୍ଣ୍ଣ ହୃଦୟର ଚିତ୍ର ସ୍ୱତଃ ଫୁଟିଉଠିଛି । ବିଷାଦରେ ଗ୍ରସ୍ତ ହୋଇ ମଧ୍ୟ ସର୍ବତ୍ର ଏକ ଆଶା ଓ ସ୍ୱପ୍ନର ଆଲୋକ ତାଙ୍କ କବିତା ଗୁଡ଼ିକୁ ଉଜ୍ଜ୍ୱଳ ଓ ରକ୍ତସିକ୍ତ କରିପାରିଛି ।"[୩୪] ପୁଣି ସେ (ଡକ୍ଟର ଶତପଥୀ) ଗୋପବନ୍ଧୁଙ୍କ ବିଷାଦର କାରଣ ତଥା ବିଭିନ୍ନ ଆୟାମ (dimension) ଗୁଡ଼ିକ ପ୍ରତିପାଦନ କରିବାକୁ ଯାଇ କହନ୍ତି- "ତାଙ୍କ ବିଷାଦ ଅନୁଭୂତିର ପୃଷ୍ଠପଟରେ ସାଧାରଣତଃ ତିନୋଟି କାରଣ ବିଦ୍ୟମାନ ଥିବାର ସ୍ପଷ୍ଟ ଜଣାପଡ଼େ । (କ) ପାରିବାରିକ ଜୀବନରେ ସ୍ନେହ ସଂସକ୍ତିର ଅଭାବ, (ଖ) ବନ୍ଦୀ ଜୀବନର ଖେଦ, (ଗ) ବ୍ୟକ୍ତିଗତ ଜୀବନରେ ବନ୍ଧୁ ଓ ପ୍ରେମାସ୍ପଦଙ୍କ ଠାରୁ ଛଳନା ।"[୩୫] କିନ୍ତୁ ଏହି କାରଣ ସଂପୂର୍ଣ୍ଣ ଯଥାର୍ଥ ବୋଲି କେତେକାଂଶରେ ମନେହୁଏ ନାହିଁ, କାରଣ ବନ୍ଦୀ ଜୀବନ ଜିଇଁବାର ସେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । କାରଣ ସେ ଜଣେ ସଚ୍ଚା ଦେଶପ୍ରେମୀ, ଜାତିପ୍ରେମୀ ମଣିଷ ଥିଲେ । ଆଉ ସବୁଠାରୁ ବଡ଼କଥା ହେଲା ସେ ଜାତି ଓ ଦେଶ ପାଇଁ, ଏଇ ମାଟି ମା' ପାଇଁ ଜେଲ୍ ବା କାରାବରଣ କରିଥିଲେ । ଏଣୁ ସେ ନିଜେ ମଧ୍ୟ ପ୍ରକାଶ କରିଛନ୍ତି ଯେ, ଜେଲ୍

ଯିବା ଏକ ଗର୍ବ ଓ ଗୌରବର କାମ ଯେଉଁଠି ଦେଶର ସ୍ୱାର୍ଥ, ସମୂହ-ସ୍ୱାର୍ଥ ସେ ଜେଲ୍‌ଯିବା ପଛରେ ଥାଏ । ଏହି ସୁଯୋଗ ବାରମ୍ବାର ଆସେ ନାହିଁ ଓ ସର୍ବ ଦେଶବାସୀଙ୍କୁ ଏ ଧର୍ମରେ ଦୀକ୍ଷିତ କରିବାକୁ ସେ ଅନେକ ଶବ୍ଦ ବ୍ୟୟ ମଧ୍ୟ କରିଥିବାର ଆମ୍ଭେ ଲକ୍ଷ୍ୟ କରୁ । ତେଣୁ ଏହା ତାଙ୍କର ବିଷାଦର କାରଣ ହୋଇ ନପାରେ । ପୁଣି ପାରିବାରିକ ସଦସ୍ୟମାନଙ୍କର ସ୍ନେହ-ସଂପ୍ରୀତିର ଅଭାବ ଏକ ଯୁକ୍ତିହୀନ ବକ୍ତବ୍ୟ ପରି ପ୍ରତୀତ ହୁଏ । କାରଣ ତାଙ୍କ ପରିବାରର ପ୍ରାୟ ସମସ୍ତେ ଗୋପବନ୍ଧୁଙ୍କୁ ଚାହୁଁଥିଲେ, ଅପେକ୍ଷା କରୁଥିଲେ ତାଙ୍କ ହସ, ସହାନୁଭୂତି ଓ ସାହଚର୍ଯ୍ୟ ପ୍ରଭୃତିକୁ । କିନ୍ତୁ ସ୍ୱାଧୀନତା ସଂଗ୍ରାମ ଓ ଦେଶସେବାର ନିଶାରେ ସେ ବରଂ ପରିବାରକୁ ଅଣଦେଖା କରି ଚାଲିଯାଇଛନ୍ତି । ନିଜ ପୁତ୍ରର ବିୟୋଗ ଓ ଦ୍ୱିତୀୟ ପୁତ୍ରର ଦେହ ଖରାପ ସମୟରେ ସେ ଚାଲିଯିବା ଓ ଲୋକସେବା ସାହାଯ୍ୟ କରିବା ଏହାର ଜୀବନ୍ତ ତଥା ପ୍ରଗଲ୍‌ଭ ଦୃଷ୍ଟାନ୍ତ । ବରଂ ଏଠାରେ ଗୋପବନ୍ଧୁଙ୍କ ବିଷାଦର କାରଣ ମାନଙ୍କୁ ନିମ୍ନମତେ ବୟାନ କରାଯାଇପାରେ । ଯଥା-

(କ) ଗୋପବନ୍ଧୁ ନିଜର ବନ୍ଧୁମାନଙ୍କୁ ବହୁତ ଭଲପାଉଥିଲେ । ମାତ୍ର ଅନେକ ବନ୍ଧୁ ତାଙ୍କ ପୂର୍ବରୁ ତାଙ୍କୁ ଓ ଜଗତକୁ ଛାଡ଼ି ଆର ପୁରକୁ ଚାଲିଯାଇଥିଲେ । ଏ ଦୁଃଖରେ ସେ ସବୁଠାରୁ ବେଶୀ ସଢ଼ିଥିଲେ ।

(ଖ) ଅନେକ ବନ୍ଧୁ ଗୋପବନ୍ଧୁଙ୍କ ଚିନ୍ତାରେ ଏକମତ ହୋଇପାରି ନଥିଲେ । ସୁତରାଂ ମତ ବିବିଧତା ଜାତ ହୋଇଥିଲା । ଫଳତଃ କିଛି ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଥାଏ ।

(ଗ) ସତ୍ୟବାଦୀ ବନବିଦ୍ୟାଳୟ ଥିଲା ଗୋପବନ୍ଧୁଙ୍କ ଅନନ୍ୟ ବିଶାଳ ସ୍ୱପ୍ନ ବିଶେଷ । ଏହି ଅନୁଷ୍ଠାନକୁ ଓଡ଼ିଶା ଓ ଭାରତରେ ସବୁଠାରୁ ବଡ଼ ଅନୁଷ୍ଠାନ ରୂପେ ଗଢିବା ଥିଲା ତାଙ୍କର ସ୍ୱପ୍ନ । ଏହା ମଣିଷଗଢ଼ା କାରଖାନା ହେଉ- ଏହାଥିଲା ତାଙ୍କର ଇଚ୍ଛା ଓ ପ୍ରୟାସ । କିନ୍ତୁ ଗୋପବନ୍ଧୁ ଜେଲ୍ ଗଲାପରେ ଏସବୁ ସଂପୂର୍ଣ୍ଣ ହୋଇପାରି ନଥିଲା । ଏହାର କାରଣ ତାଙ୍କର ଅନେକ ସାଥୀ ଆତ୍ମସ୍ୱାଧୀନତା ଚାହୁଁଥିଲେ । ସୁତରାଂ ଏକପ୍ରକାରର ଅରାଜକତା ଓ ମନୋମୁଖୀ ଆଚାର ସେଠାରେ କିଛିଦିନ ଚାଲିଥିଲା । ଏହା ଗୋପବନ୍ଧୁଙ୍କୁ ବ୍ୟଥିତ କରିଥିଲା ।

(ଘ) ଅନେକ ବନ୍ଧୁ ଓ ସହକର୍ମୀଙ୍କ ପ୍ରତାରଣା ଓ ପ୍ରବଞ୍ଚନା ।

(ଙ) ନିଜ ପରିବାର ପ୍ରତି ଯଥେଷ୍ଟ ସମୟ ଓ ସ୍ନେହ, ସହାନୁଭୂତି, ସାହାଯ୍ୟ ଦେଇ ନପାରିବା ।

(ଚ) ଏକ ବିୟୋଗାନ୍ତକ ପରିବେଶ ମଧ୍ୟରେ ଜୀବନାରମ୍ଭ ଓ ଜୀବନାୟନ ।

(ଛ) ବ୍ୟକ୍ତିଗତ ଜୀବନ ଛଡ଼ା ଅନ୍ୟ ଏକ ଘଟଣା ମଧ୍ୟ ଗୋପବନ୍ଧୁଙ୍କୁ ବିଷାଦିତ ଓ ଅହରହ ବ୍ୟଥିତ କରୁଥିଲା । ଘୁଣକୀଟ ପରି ଏହା ଗୋପବନ୍ଧୁଙ୍କୁ କୋରିକୋରି ଭିତରୁ ଭିତରୁ ଖାଉଥିଲା । ତାହାଥିଲା ନିଜ ଗ୍ରାମ ଓ ରାଜ୍ୟର ନିରନ୍ନ ଜନତାଙ୍କ ଦୁରବସ୍ଥା ଓ କରାଳ ଚିତ୍ର ।

(ଜ) ପ୍ରାକୃତିକ ଦୁର୍ବିପାକ ଓ କୃତ୍ରିମ ଯନ୍ତ୍ରଣା । ପ୍ରାକୃତିକ ବିପର୍ଯ୍ୟୟ ବ୍ୟତୀତ କେତେକ ଉଚ୍ଚକୂଳ ସମ୍ଭୂତ, ଉଚ୍ଚଜାତି ଓ ଧନୀକ ବର୍ଗର ଲୋକଙ୍କ ଅମାନୁଷିକ ଶୋଷଣ ।

ଏହିପରି ଅନେକ କାରଣ ଗୋପବନ୍ଧୁଙ୍କୁ ବିଷାଦର କାଳିମା ମଧ୍ୟରେ ନିମଜ୍ଜିତ କରି ରଖିବାରେ ଦାୟୀ ।

'ବନ୍ଧୁପ୍ରେମ' ପ୍ରେମର ଏକ ଦଳ ରୂପମାତ୍ର (Only a petal of a flower) । ପୁଣି ପ୍ରେମର ଅସଲ ସଫଳତା ବିଚ୍ଛେଦରେ । ଅପୂର୍ଣ୍ଣତାରେ ହିଁ ପ୍ରେମର ପୂର୍ଣ୍ଣତା । ପ୍ରେମକୁ ଆୟତ୍ତ କରାଯାଇପାରେନା । ପ୍ରେମ ବ୍ୟକ୍ତିଚେତନା ପାଖରେ ଆବଦ୍ଧ ରହିନପାରେ । ପ୍ରେମ ଅନନ୍ତ, ଅସୀମ ଏକ ପ୍ରବାହ । ଗୋପବନ୍ଧୁ ସେ ପ୍ରବାହ ପଥରେ ତାଙ୍କ ବନ୍ଧୁଙ୍କ ଠାରୁ ଅନେକ ଆଗରେ ଓ ଅନେକ ଉଚ୍ଚରେ । ସୁତରାଂ ଏହା ତଦ୍ୱାରା (ସେହି ବନ୍ଧୁମାନଙ୍କ ଦ୍ୱାରା) ବୁଝିବା ଏକ ଅସାଧାରଣ ବ୍ୟାପାର । କାରଣ ପ୍ରେମ ଯଦି ବିମଳ, ବିଶୁଦ୍ଧ, ଶତେକ ଯନ୍ତ୍ରଣା ପରେ ମଧ୍ୟ ଏହା ପୂର୍ବବତ୍ ଅକ୍ଷୁର୍ଣ୍ଣ ରହିବା ଦରକାର ଓ ଶୁଦ୍ଧସୁବର୍ଣ୍ଣ ପରି ଜାଜ୍ୱଲ୍ୟମାନ ହେବା ଉଚିତ୍ । ଗୋପବନ୍ଧୁ କେବଳ ଏଇଥିଲାଗି ସେଦିନ ଗାଇଲେ-

"ଫୁଲ ପରି ପ୍ରେମ ଝାଉଁଳେ କି ବନେ,
ପ୍ରେମ ଯେ ଅନନ୍ତ ଅକ୍ଷୟ ଧାରା,
ଦୂରକଲେ ମତେ ହେବି କି ଅନ୍ତର
ତୁମେ ଯେ ମୋ ପ୍ରାଣ-ପ୍ରଣୟ କାରା ।
ଏ ଜୀବନେ ପ୍ରେମ ନୁହେଁ ଅବସାନ
ଅନ୍ୟ ସ୍ଥାନେ ପୁଣି ହେବ ତ ଦେଖା,
ଶୁଦ୍ଧ ନେତ୍ରେ ତହିଁ ଦେଖିବ ମୋ ହୃଦେ
ପ୍ରେମ ରସାଣିତ ଅମୃତ ଲେଖା ।

ପ୍ରେମେ ଅବଗାହି                    ନିଜ ପରିଚୟ
    ପାଇଅଛି ମୁଁ ଏ କ୍ଷୁଦ୍ର ଜୀବନେ,
ମୋ ହୃଦ-କଲ୍ଲୋଳ- ଉଚ୍ଛଳେ ଉଲ୍ଲାସେ
ଜଳେ-ସ୍ଥଳେ-ଫଳେ-ଫୁଲେ-ଗଗନେ,
ଶତ ଆବର୍ଜନା                    ସହସ୍ର ତାଡ଼ନା
    କିବା ଶତ ସ୍ନିଗ୍ଧ ସୁମନ-ହାର,
ଏ ପ୍ରେମ-କଲ୍ଲୋଳ                    ସମାନ-ସକଳେ
    ପରମ ସାଦର ସ୍ନେହ ସମ୍ଭାର ।
ନିଜକୁ ଭୁଲି ମୁଁ                    ପାଇଅଛି ସଖା
    ନିଜ ପରିଚୟ ନିଜ ତୃପତି,
ତବ କଷାଘାତେ                    ଜନମିଛି ମୋର
    କଠୋର ପ୍ରହାର ସହା ଶକତି ।"[୩୬]

ଗୋପବନ୍ଧୁ ବନ୍ଧୁତ୍ୱର ସମୁଦ୍ର ସ୍ନାନ ଉତ୍ତାରେ ନିଜକୁ ଭୁଲିଯାଇଛନ୍ତି ଓ ଶିଶୁପରି ତାଙ୍କ ବନ୍ଧୁ ମଧ୍ୟରେ ନିଜକୁ ଦେଖୁଛନ୍ତି । ଗୋପବନ୍ଧୁଙ୍କ କବିତା ଗୁଡ଼ିକରେ ଯେଉଁ ପ୍ରଧାନ ଜିନିଷଟି ବା ପ୍ରଧାନ ଉପାଦାନଟି ରହିଛି ତାହା ହେଉଛି ଆବେଗ (emotion) ଓ ଆତ୍ମସଂଶ୍ଳିଷ୍ଟତା (self-attachment) । କବି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସେ ସମସ୍ତ ଘଟଣା ସହ ବସ୍ତୁଗତ ସ୍ତରରେ ବା ଭୌତିକ ସ୍ତରରେ ଅଥବା ଚେତନା ଓ ଭାବନାଗତ ସ୍ତରରେ ଜଡ଼ିତ ଥିଲା ପରି ପ୍ରତିଟି ଶବ୍ଦ ବୟାନ୍ କରେ । ସେ ତାଙ୍କ କବିତା ପାଇଁ ଯେଉଁ ଶବ୍ଦ ବାଛିଛନ୍ତି, ସେମାନେ ମଧ୍ୟ ସୁଶିକ୍ଷିତ, ସୁ-ମଣିଷ ପରି ଆବେଗପ୍ରବଣ । ସେ ଶବ୍ଦ ଗୁଡ଼ିକଙ୍କର ତାଲିମ୍‌କେନ୍ଦ୍ର ଥିଲା ସତ୍ୟବାଦୀ ବନବିଦ୍ୟାଳୟ ଓ ଗୋପବନ୍ଧୁଙ୍କର ପଞ୍ଜରାର ଆବଦ୍ଧ କ୍ଷେତ୍ର । ସେସବୁ ଶବ୍ଦ ତାଲିମ୍‌ପ୍ରାପ୍ତ । ସେସବୁ ଶବ୍ଦରୁ ଆବେଗ କ୍ଷରିତ । ସମୀକ୍ଷକ ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର ଯଥାର୍ଥରେ କହନ୍ତି- "ଆବେଗ ପ୍ରବଣତା ଓ ଭାବ ପ୍ରଗଲ୍‌ଭତା ଗୋପବନ୍ଧୁଙ୍କ କ୍ଷୁଦ୍ର କବିତା ଗୁଡ଼ିକୁ କେତେବେଳେ ଦେଶାତ୍ମବୋଧର ସମ୍ମାନ ଦେଇଛି, କେତେବେଳେ ଦର୍ଶନର ସ୍ପର୍ଶ ଦେଇଛି ଓ କେତେବେଳେ ନିଛକ ବ୍ୟକ୍ତିଗତ ଆନନ୍ଦର ବିଭୂତି ଦାନ କରିଅଛି । ବିଷାଦ, କ୍ଷୋଭ ଏବଂ ଅନୁଶୋଚନା ତାଙ୍କ କବିତାର ଯେପରି ଧ୍ୱନି; ଆଶା ଏବଂ ସ୍ୱପ୍ନ ସେହିପରି ତା'ର ନିର୍ଯ୍ୟାସ ।"[୩୭] ବନ୍ଧୁର ଦାରୁଣ ଧକ୍କା ତଥା ପ୍ରବଞ୍ଚନାରେ କବିଙ୍କ ସହନସୀମା ଓ ସହନଶୀଳତା ବଢ଼ିଯାଇଛି ସିନା, ସେ ମହୀୟାନ୍, ବଳୀୟାନ୍ ହୋଇଯାଇଛନ୍ତି ସିନା ନ୍ୟୁନ ହୋଇଯାଇ ନାହାନ୍ତି । କିନ୍ତୁ ଏକଥା ସତ୍ୟ ଯେ, ସେ ଏଥିରେ ଭାଙ୍ଗିପଡ଼ିଥିଲେ । କବି, ସମାଲୋଚିକା ଡକ୍ଟର ଶତପଥୀଙ୍କ ଭାଷାରେ- "ଅତୀତର ସୁଖ ସ୍ମୃତିରୁ ଜାତ ହୋଇଛି ବିଷାଦ । କବି ନିଜକୁ ଧୈର୍ଯ୍ୟ ଦେବାକୁ ଲାଗିଛନ୍ତି । ସାଂସାରିକ ସ୍ନେହ, ସଂପ୍ରୀତି ଶୂନ୍ୟ ଜୀବ କବିଙ୍କୁ କେବେ ଅତି ଅସହ୍ୟ ମନେ ହୋଇଛି, ହାହାକାରମୟ ରୂପେ ଅନୁଭୂତି ହୋଇଛି । ××× । କର୍ମକ୍ଷେତ୍ରରେ କବି ନିଜର ଅତ୍ୟନ୍ତ ବିଶ୍ୱସ୍ତ ପ୍ରେମାସ୍ପଦ ବନ୍ଧୁ ଦ୍ୱାରା ପ୍ରବଞ୍ଚିତ ହୋଇଛନ୍ତି । ହୃଦୟର ବିନିମୟରେ, ବନ୍ଧୁତ୍ୱର ବିନିମୟରେ ସେ ତାଙ୍କୁ ଦାରୁଣ ଆଘାତ ଦେଇଛି । ××× । ଛଳନା, ପ୍ରବଞ୍ଚନା ଓ ଆଘାତ ସହି ସହି କବି ନିଜକୁ ଅତ୍ୟନ୍ତ ଭାଗ୍ୟହୀନ ମନେକରିଛନ୍ତି । ଆପଣାର ବନ୍ଧୁତ୍ୱ ଓ ଆନ୍ତରିକତା ତାଙ୍କୁ ଅଜସ୍ର ସହନଶକ୍ତି ଦେଇଛି ।"[୩୮] ଗୋପବନ୍ଧୁଙ୍କ ହୃଦୟରୁ ଯେଉଁ ସ୍ପନ୍ଦନ ବାହାରିଛି, ତହିଁରେ କେବଳ ପ୍ରେମ, ଭକ୍ତି ଓ ସ୍ନେହର ସ୍ନିଗ୍ଧ ଝରଣାର ଝର୍ଝରନାଦ ଶୁଭିଛି ।

ଗୋପବନ୍ଧୁଙ୍କ ଲାଗି Vicgtor Hugoଙ୍କ ଉକ୍ତିଟି ପଦେ ପଦେ ସତ୍ୟ । 'The poet draws his inspiration from his soul and heart.' ବ୍ୟକ୍ତିର ହୃଦୟ ଓ ଆତ୍ମାରୁ ଏକ ପ୍ରେରଣା ଆସିଲେ ହିଁ କବିତା ଜାତ ହୋଇଥାଏ । ଗୋପବନ୍ଧୁଙ୍କ 'ଅବକାଶ ଚିନ୍ତା'ର କେତେକ କବିତାକୁ ବାଦ୍‌ଦେଲେ ଅନ୍ୟାନ୍ୟ ସମସ୍ତ କବିତା ପ୍ରାୟ ଖାଲିଟାରେ ଲେଖାଯାଇନି । କବିତା ଯେହେତୁ ବ୍ୟଥିତ ହୃଦୟର ଭାରିପଣକୁ ହାଲୁକା କରେ, ଗୋପବନ୍ଧୁ ନିଜ ମନ, ହୃଦୟ ଓ ଆତ୍ମାର ଏହି ବ୍ୟଥା-ବେଦନାର ଦାରୁଣ ଦୁଃଖଦାୟୀ ଓଜନକୁ ହାଲୁକା କରିବା ଲାଗି କବିତା ରଚନା କରିଛନ୍ତି । କେତେବେଳେ ବନ୍ଧୁଠାରୁ ଦୂରେଇ ରହି, କେତେବେଳେ ବନ୍ଧୁଠାରୁ[୩୯] ପ୍ରତାରଣା ପାଇ ତ କେତେବେଳେ ମାତୃଭୂମି ଠାରୁ ଦୂରରେ ରହି ବ୍ୟଥା ପ୍ରକାଶ କରିଛନ୍ତି । ଗୋପବନ୍ଧୁଙ୍କ ପାଇଁ ବା ତଦୀୟ କବିତା ବିଶେଷକରି ଏହି 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତା ପାଇଁ ଏହା ସତ୍ୟ ଯେ,- "Poetry is the sontaneous overflow of powerful feelings, emotions recollected in tranquility."[୪୦] କବି କୀଟ୍‌ସ ତ ଏହି ଆବେଗର ଉନ୍ମେଷ ଓ ବିକାଶକୁ ଲକ୍ଷ୍ୟକରି ରୋକ୍‌ଠୋକ୍ କହିଲେ- "That, if poetry comes not as naturally as the leaves to the tree it had better not come at all."[୪୧] ଏକଥା ଯଦି ସତ୍ୟ, ତେବେ

ଅନୁଭୂତି ଓ ଆବେଗ ହିଁ ଗୋପବନ୍ଧୁଙ୍କ ଏହି କବିତା (ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ) ଓ ଅନ୍ୟାନ୍ୟ ସମସ୍ତ କବିତାର ସାରସତ୍ୟ ।

ଗୋପବନ୍ଧୁ ସ୍ୱୀକାର କରିଛନ୍ତି ଏ କ୍ଷୁଦ୍ର ଜୀବନରେ ପ୍ରେମ ଲାଭକରି, ପ୍ରଣୟର ଅବଗାହନ କରି, ଆତ୍ମପରିଚୟ ଲାଭକରି ପାରିଛନ୍ତି । ପ୍ରକୃତି ଓ ବ୍ୟକ୍ତିଚେତନା ଏକାକାର ହୋଇଯାଇଛି । ଯା'ମଧ୍ୟରେ ବ୍ୟକ୍ତି ନିଜର ଅସ୍ତିତ୍ୱକୁ ଖୋଜିପାଇଛି । ପୁଣି ସେ ନିଜକୁ ବିସ୍ମରି ସଖା ପ୍ରୀତିରେ ହଜି ଯାଇଛନ୍ତି । ଗୋପବନ୍ଧୁ ଆବେଗାନ୍ୱିତ ହୋଇ ଗାଇଉଠିଛନ୍ତି-

"ଗାଢ଼ ଆଲିଙ୍ଗନ ସୂଚାର ଚୁମ୍ବନ
ଅଶ୍ରୁଧାରା ଯେଉଁ ପ୍ରେମ ବ୍ୟଞ୍ଜନା,
ଲୋହିତ ଲୋଚନ ନିଷ୍ଠୁର ବଚନ
ଓଲଟ ଈକ୍ଷଣେ ତା'ର ଲାଞ୍ଛନା ।
ଏ ବେନି ବିଭାବ ହେଲା ଅନୁଭବ
ଅଳପ ଦିବସେ ତୁମ ସଂଗତେ,
କେତେ ସୁଖ ଦୁଃଖ ସୁହାସ ଲୋତକ
ନିଭାଇଲି ଏହି ଅଙ୍ଗେ ଗୁପତେ ।
ତବ କୋପାନଳେ ବିଦଗ୍ଧ ହୋଇ
ଝଳିଛି ଦି'ଗୁଣେ ଏ ମୋ ପରାଣ,
ବୁଝିଛି ଜଗତେ ରୋଷ ତୋଷ ବେନି
ପ୍ରେମମୟଙ୍କର ପ୍ରେମ ପ୍ରଦାନ ।"[୪୨]

କବି ସାଂସାରିକ ପ୍ରେମ-ସ୍ନେହକୁ ଅପାରଗ, ଅସଂପୂର୍ଣ୍ଣ, ହୀନ-ଦୀନ ମନେକରି ଦିବ୍ୟଶାଶ୍ୱତ ଈଶ୍ୱର ସଂପ୍ରୀତିକୁ ଶ୍ରେୟ ବିବେଚିତ କରି ବିଭୁଶରଣ ଲାଭ କରିବାକୁ ଚାହିଁଛନ୍ତି । ଈଶ୍ୱର ପ୍ରେମଲାଭ କରିବାକୁ, ପରମାତ୍ମା ଓ ଆତ୍ମାର ଏକାତ୍ମଭାବ ଆଣିବାକୁ ସେ ଚାହିଁଛନ୍ତି । ତାଙ୍କ ଭାଷାରେ-

"ତାଙ୍କ ପ୍ରେମ-ରାଜ୍ୟେ ନାହିଁ ଅସୁନ୍ଦର,
ଅସତ୍ୟ, ଅନ୍ୟାୟ, ଅଶୁଭ-ବିନ୍ଦୁ,
କି ମୋର ଭାବନା ମୋ ପ୍ରାଣ ପ୍ରବାହ
ଭେଟିଅଛି ଆଜି ସେ ପ୍ରେମସିନ୍ଧୁ ।"[୪୩]

ପ୍ରେମ ଏକ ଦିବ୍ୟ ଅନୁଭୂତିର ବ୍ୟାପାର । ଏଣୁ ଏଥିରେ କଳଙ୍କ ଲାଗିବାର ନୁହେଁ । "ପ୍ରେମ ଏକ ଅମୃତ ଉଚ୍ଚାରଣ । ପ୍ରିୟ ବ୍ୟକ୍ତି ଲାଗି ତ୍ୟାଗରେ, ଆତ୍ମଦାନରେ ପ୍ରେମ ହୁଏ ସାର୍ଥକ । ଏହା ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ଉର୍ଦ୍ଧ୍ୱଗାମୀ ହେଲେ ପ୍ରେମ ବାସ୍ତବ ରୂପନିଏ । ଗୋପବନ୍ଧୁଙ୍କ ପ୍ରେମ ସମଗ୍ର ଜାତି ପାଇଁ ତ୍ୟାଗ ଓ ଆତ୍ମଦାନରେ ପ୍ରଦୀପ୍ତ ଓ ମହିମୋଜ୍ଜ୍ୱଳ ହୋଇଉଠିଛି ।"[୪୪]

ଗାଢ଼ ଆଲିଙ୍ଗନ, ସୁଚାରୁ ଚୁମ୍ବନ ଓ ପ୍ରେମାଶ୍ରୁରେ ଯେଉଁ ପ୍ରେମ ଦିନେ ବଞ୍ଚିଥିଲା, ସେ ଆଜି ଲୋହିତ ଲୋଚନା, ନିଷ୍ଠୁର ବଚନ ଓ ଓଲଟ ଈକ୍ଷଣରେ ଉକ୍ତ ପ୍ରେମକୁ ଲାଞ୍ଛନା ହିଁ ଦେଉଛି । ପ୍ରେମ ଓ ପ୍ରତାରଣା; ସୁଖାଶ୍ରୁ ଓ ଦୁଃଖାଶ୍ରୁ; ଗାଢ଼ ଆଲିଙ୍ଗନ-ଲୋହିତ ଲୋଚନ; ସୁଚାରୁ ଚୁମ୍ବନ-ନିଷ୍ଠୁର ବଚନ; ପ୍ରେମ ଅଶ୍ରୁଧାରା ଓ ଓଲଟ ଲକ୍ଷଣ ପରି ବିପରୀତ ସ୍ୱାଦ ଅଳ୍ପ ଦିନରେ କବି ଲାଭ କରିଛନ୍ତି ସେ ବନ୍ଧୁତାରୁ । ପୁଣି ସଂଗେ ସଂଗେ କବି ଅତୀତ ବିଧୁର (Nostalgia) ହୋଇପଡ଼ି ଅତୀତର ସ୍ମୃତିକୁ ମନେ ପକାଇଛନ୍ତି "କିପରି ସୁଖରେ ଓ ଦୁଃଖରେ ସେ ବନ୍ଧୁ ଭାଗୀଦାର ହେଉଥିଲେ ।" ଶେଷରେ କବି ଇନ୍ଦ୍ରିୟ ଜଗତର ସାରସତ୍ୟକୁ ଉପଲବ୍ଧି କରିଛନ୍ତି । ସେ ଜାଣିପାରିଛନ୍ତି ଏ ଜଗତର କୋପାନଳରେ ପ୍ରେମ ସିଝେ । ଅସଲ ପ୍ରେମରେ ରୋଷ-ତୋଷ ଉଭୟ ଥାଏ । ଏହାହିଁ ଈଶ୍ୱରଙ୍କର ପରମ ଭିଆଣ ଓ ନିଦାନ ମାତ୍ର । ଏଇଠି ସେ ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ ହୋଇଯାଇଛନ୍ତି । ଭଗବାନଙ୍କ ପ୍ରେମରାଜ୍ୟରେ ବିଚରଣ କରିଛନ୍ତି । ସେଠାରେ ସେ ସ୍ପଷ୍ଟୋକ୍ତି ଦେଇଛନ୍ତି ଯେ, ତାଙ୍କ ପ୍ରେମ ରାଜ୍ୟରେ ଅସତ୍ୟ, ଅନ୍ୟାୟ, ଅଶୁଭ, ଗ୍ଲାନି, ହିଂସା ବୋଲି କୌଣସି ସତ୍ତା ନାହିଁ । ଏହା ବିମଳ, ନିର୍ମଳ, ସ୍ୱଚ୍ଛ, ସୁନ୍ଦର ଓ ଚିରନ୍ତନ-ଶାଶ୍ୱତ ।[୪୫] ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ଜେଲ୍ ଯାଇଥିବା ପ୍ରଥମ ଓଡ଼ିଆ ହେଉଛନ୍ତି ଗୋପବନ୍ଧୁ ଦାସ । କାରାମୁକ୍ତ ହେବାପରେ ଉତ୍କଳ ପ୍ରାଦେଶିକ ସମ୍ମିଳନୀ ତରଫରୁ ଏହାର ସଭାପତି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଦ୍ୱାରା ଗୋପବନ୍ଧୁଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରାଯାଇଥିଲା । ଏହା ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱକୁ ଏକ ଚମତ୍କାର ଉପମା ମାତ୍ର । ମଣି କେବେ ମଧ୍ୟ ଦ୍ୟୁତି ଓ ଦୀପ୍ତି ପ୍ରକାଶ ଛାଡେ଼ ନାହିଁ, ସେହିପରି ଉତ୍କଳମଣି ଗୋପବନ୍ଧୁ ଶତେକ ଯନ୍ତ୍ରଣା, ଝଡ଼, ଶାରୀରିକ ତାପ-ଚାପ, ମାନସିକ କଷଣ ଓ ସାମାଜିକ, ରାଜନୀତିକ, ଆର୍ଥନୀତିକ ଉତ୍ପୀଡ଼ନ, ଦୂଷଣ, ଭୂଷଣ ବା ନିଷ୍ପେଷଣ ଦ୍ୱାରା ନିଜର ମୌଳିକ ଦ୍ୟୁତି ବିକିରଣ କରିବାରୁ ବିରତ ହୋଇ ନାହାଁନ୍ତି । ଏଠାରେ 'ପ୍ରେମ' ଓ 'ଅହିଂସା'ର ସମନ୍ୱୟ (Synthesis) ପୂର୍ବକ ମହାତ୍ମାଗାନ୍ଧୀଙ୍କ ଏକ ମହତୋକ୍ତି ଉଦ୍ଧାର କରାଯାଇପାରେ, ଯାହାକୁ ଉତ୍କଳମଣି ଅକ୍ଷରେ ଅକ୍ଷରେ ମାନୁଥିଲେ

ଓ ଆଲୋଚ୍ୟ କବିତା ତଥା ତାଙ୍କ ନିଜ ଜୀବନାୟନରେ ଏହାର ନିଦର୍ଶନ ଠାବେ ଠାବେ ଦେଖିବାକୁ ମିଳେ । ତାଙ୍କ ଭାଷାରେ- "I must reduce myself to zero, so long as man does not, of his own free will, put himself last among his fellow creatures there is no salvation for him. 'Ahimsa is the farthest limit of humility." ଗୋପବନ୍ଧୁଙ୍କ ଠାରେ ଉଭୟ ପ୍ରେମ ଓ ଅହିଂସା ମିଳିପାରେ । ଏହାହିଁ ତାଙ୍କ ପ୍ରେମର ବିଶେଷତ୍ୱ । ଏଣୁ ପ୍ରଥମରୁ କୁହାଯାଇଛି ଗୋପବନ୍ଧୁଙ୍କ ମଧ୍ୟରେ ଗାନ୍ଧୀଙ୍କୁ ଆମେ ଦେଖିପାରିବା । 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' କବିତାରେ ଯେଉଁ ବିଭୁପ୍ରୀତି ଓ ସହନଶୀଳତାର କଥା ରହିଛି ତାହାକୁ ଅନୁଭବ କରୁ କରୁ ମହାତ୍ମାଙ୍କ ଆଉ ଏକ ଉକ୍ତି ମନେପଡ଼େ । ଥରେ ଗାନ୍ଧୀ 'The Need for Religion' ପୁସ୍ତକରେ ଉକ୍ତି ପ୍ରତ୍ୟୁକ୍ତି ଛଳରେ କହିଲେ- Abu Bakr told Muhammed- "Look at the number of the enemies that is over taking us. What shall we two do against these heavy odds?" Without a moment's reflection, the Prophet replied- "No Abu Bakr, we are three, for God is with us." ଏଠାରୁ ଭଗବତ୍ ସ୍ଥିତି, ପ୍ରୀତି ଓ ସଂହତିକୁ ଲକ୍ଷ୍ୟ କରାଯାଇପାରେ । ଭଗବାନ୍ କେବେ କାହାକୁ ଏକା କରନ୍ତି ନାହିଁ । ସତ୍-ଚିତ୍ ଆନନ୍ଦମୟ ବ୍ୟକ୍ତି ପାଖରେ, ଭଲ ମଣିଷ ପାଖରେ ଈଶ୍ୱର ନିରନ୍ତର ଥାଆନ୍ତି ।[୪୬]

ଗୋପବନ୍ଧୁ ବିଭୁପ୍ରୀତିର ଯେଉଁ ନିଦର୍ଶନ ଦେଇଛନ୍ତି ତାଙ୍କ ପକ୍ଷରେ ସକ୍ରେଟିସ୍ (ବିଖ୍ୟାତ ଦାର୍ଶନିକ)ଙ୍କ ଏକ ଉକ୍ତି ଏଠାରେ ମନେପଡ଼େ- "My belief is that to have no wants is Divine. To have as few as possible comes next to the Divine." ଗୋପବନ୍ଧୁ ସଦାସର୍ବଦା ନିଜକୁ ଛାଡ଼ି ଅନ୍ୟକୁ ଦେଖିଛନ୍ତି, ଅନ୍ୟର ଦୁଃଖ ଦେଖିଛନ୍ତି । ଅନ୍ୟର କଷ୍ଟକୁ ନିଜ ଭିତରେ ଅନୁଭବ କରିଛନ୍ତି । ଜଣେ ମଣିଷ ପକ୍ଷରେ ଯା'ଠାରୁ ଆଉ ବଡ଼କଥା କ'ଣ ହୋଇପାରେ ? 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ'ରେ ପ୍ରାଣର ଦୁଆତ ବ୍ୟଥାର ଲେଖନୀ, ଅଶ୍ରୁର ସ୍ୟାହି ବ୍ୟବହୃତ । ପୁଣି ଏହି ସ୍ୟାହି ଶେଷ ଅଶ୍ରୁବିନ୍ଦୁ । ବନ୍ଧୁଜଣକ ପ୍ରେମର କୋମଳ ପରଦାକୁ ପ୍ରତାରଣାର ଛୁରୀରେ ଯେପରି ବିକ୍ଷତ କରିଛନ୍ତି, ସେଥିରେ ଗୋପବନ୍ଧୁ ଶତ୍ରୁତା ଆଚରଣ ନକରି ବରଂ ସେ ଦୁଃଖ ଜନିତ ଅଶ୍ରୁକୁ ସ୍ୱାଗତ କରିଛନ୍ତି । ଏସବୁକୁ ଭଗବାନଙ୍କ ସୃଷ୍ଟିର ନିୟମ ବୋଲି ମାନିନେଇଛନ୍ତି । ସେ ପ୍ରତିଆକ୍ରମଣ ମୁଖୀ ଭାବନା ମଧ୍ୟ ପ୍ରକାଶ କରିନାହାଁନ୍ତି । କାରଣ ତାଙ୍କ ଦେହ ଯାତନା ଓ ବିଷକୁ ସହିବା ପାଇଁ ରକ୍ତମାଂସ ନିର୍ମିତ ମନ୍ଦିର ମାତ୍ର ।[୪୭] ଗୋପବନ୍ଧୁଙ୍କ ଏବଂବିଧ ସହନଶୀଳତା ଓ ବିମଳ ଚିନ୍ତାଧାରାକୁ ଦେଖିଲେ ଉପନିଷଦର ସୋଽହଂ ତତ୍ତ୍ୱମସି, ଅହଂ ବ୍ରହ୍ମୋଽସ୍ମି ଓ ଶିବୋଽହଂ ଆଦି କଥାକୁ ସେ ମାନିଲା ପରି ମନେହୁଏ । ଈଶ୍ୱରଙ୍କର ଜଣେ ସଚ୍ଚା ଅନୁଗାମୀ ଓ ସଚ୍ଚା ମଣିଷ ସେ । ଏଠାରେ ସ୍ୱାମୀ ବିବେକାନନ୍ଦଙ୍କର ଏକ ବକ୍ତବ୍ୟ ଉଦ୍ଧାର୍ଯ୍ୟ- "ସେ କହନ୍ତି ସଦାସର୍ବଦା ଆତ୍ମାର ଅନ୍ତିମ ଗଭୀରତାରୁ ଆନୀତ ଉଚ୍ଛ୍ୱସିତ ଉଚ୍ଚାରଣ ସହ ବ୍ୟକ୍ତି ପ୍ରାର୍ଥନା କରିବା ଦରକାର ଯେ,- "Oh Lord! I do not know what is good and what is bad for me. I am solely dependent on Thee. Take me along any path your like. I want neither pleasure, nor happiness neither name or fame, neither money nor power; what I want is Thy mercy- a single drop from the mighty ocean of Thy Infinity Mercy. Let your desire in me be fulfilled. You are the door, I am merely the Instrument." ଏହା ହିଁ ଗୋପବନ୍ଧୁଙ୍କ କାର୍ଯ୍ୟତଃ ଉଚ୍ଚାରଣ । ସେ ନିଜର ସାଂସାରିକ ମୋହ ବଶତଃ ଶେଷ ଅଶ୍ରୁବିନ୍ଦୁକୁ ଝରାଇ ଅନ୍ତଃଶୂନ୍ୟ ହୋଇଯାଇ ବିଭୁକୃପା ସିନ୍ଧୁରୁ ବିନ୍ଦୁଟିଏ ପାଇବାକୁ ଇଚ୍ଛା କରିଛନ୍ତି । ଏହା ବାସ୍ତବିକ୍ ପ୍ରଶଂସାର୍ହ ଓ ଚମତ୍କାର କାର୍ଯ୍ୟ ମାତ୍ର । ଶତ୍ରୁ ବା କଷ୍ଟଦାୟୀକୁ ଓଲଟା ଆଶିଷ, ସ୍ନେହ, ସାହାଯ୍ୟ, ଶ୍ରଦ୍ଧା ଓ ସଂପ୍ରୀତି ଦେବା ଦରକାର ।[୪୮]

କବିତାର ଶେଷରେ କବି ଗୋପବନ୍ଧୁଙ୍କୁ ଆତ୍ମସମର୍ପଣ (Complete surrender) ଭଂଗୀରେ ଲକ୍ଷ୍ୟକରୁ । ଦାନ୍ତେ ଥରେ The Divine Comedy ରେ କହିଲେ- "Supreme blessedness consists in the total surrender of our will to God's will." ବାସ୍ତବରେ ଏହା ଯେତିକି ସତ୍ୟ, ଗୋପବନ୍ଧୁଙ୍କ କ୍ଷେତ୍ରରେ ଏହା ଅଧିକ ପ୍ରଯୁଜ୍ୟ ମଧ୍ୟ । ଗୋପବନ୍ଧୁ ତାଙ୍କ ବନ୍ଧୁଙ୍କ ପ୍ରତାରଣାକୁ ମାନି ନେବାର ଅନନ୍ୟ କାରଣ ହେଉଛି ଈଶ୍ୱର ଇଚ୍ଛା ଓ କପାଳ ଲିଖନ । ସବୁ କରି କରାଉଥିବା ସତ୍ତାର ଇଚ୍ଛା ବୋଲି ଓ ପ୍ରକୃତିର ବା ନିୟତିର ନିଷ୍ପତ୍ତି ବୋଲି ମାନି ନେଇଛନ୍ତି । Browneଙ୍କ ଭାଷାରେ- "The finger of God hath left an inscription upon all this works." ଏଣୁ ପାର୍ଥିବ ସ୍ତରରେ ନାଚାର ହୋଇ କବି ଅତୀନ୍ଦ୍ରିୟ ଅଭିଯାନ ଆରମ୍ଭ କରିଛନ୍ତି । ଏହାର କାରଣ କେହି ଭଗବାନଙ୍କୁ ଛାଡ଼ି ବଞ୍ଚିପାରେନା ଓ ପ୍ରେମକୁ

ମଧ୍ୟ ଛାଡ଼ି ବଞ୍ଚିପାରେନା । ଯଦି ବଞ୍ଚେ ସେ ମଣିଷ ନୁହେଁ, ବରଂ ଦେବତା ବା ରାକ୍ଷସ ।[୪୯] ନାଟ୍ୟକାର ଉଇଲିୟମ୍ ସେକ୍ସପିୟର ତ କହିଲେ- "There is a Divinity that shapes our ends, Rough hew them how we will." (Hamlet)

ମଣିଷକୁ ସର୍ବଦା ପ୍ରକୃତିସ୍ଥ ହୋଇ ରହିବା ପାଇଁ ଭଗବାନ ତଟସ୍ଥ, ଜଡ଼ବାଦୀ, ମୋହମାୟାରେ ପକାଇ ଭାବବାଦୀ କରିଥାଆନ୍ତି । ଏଲୟଟ୍‌ଙ୍କ ପରି ମହାନ କବି, ବିଂଶ ଶତକର ଶ୍ରେଷ୍ଠ କବି ଓ ଦାର୍ଶନିକ ତ ଚ୍ୟାଲେଞ୍ଜ୍ ଦେଇ କହିଲେ- "Farther form God, nearer to the Dust." କିନ୍ତୁ ଗୋପବନ୍ଧୁଙ୍କର ଆଶା କରିବା, ବନ୍ଧୁପ୍ରୀତି ପ୍ରତି ପ୍ରତ୍ୟାକାଂକ୍ଷା ରଖିବା ମଧ୍ୟ ଯଥାର୍ଥ । କାରଣ ତାଙ୍କର ପ୍ରୀତି (କ୍ରିୟା) ଯେପରି ଥିଲା ସେ ଅନୁରୂପ ପ୍ରତିକ୍ରିୟା ମଧ୍ୟ ଚାହୁଁଥିଲେ ।[୫୦] ଏଠାରେ T. S. Eliot ଙ୍କ ଏକ ଚମତ୍କାର କବିତାର ଏକ ପଦ ଏ ପ୍ରସଂଗରେ ଉଦ୍ଧାରଯୋଗ୍ୟ ।

"Flesh and blood is weak and frail
Susceptible to nervous shock;
While the TRUE church can never fail
For it is based upon a rock."

(The Hippopotamus)

ଗୋପବନ୍ଧୁଙ୍କ ଏହି ବ୍ୟଥିତ, ଜର୍ଜରିତ ପ୍ରାଣର, ଅନ୍ତିମ ଅଶ୍ରୁ ବିନ୍ଦୁଟି ଆଦର୍ଶ ହୋଇ ରହିଗଲା । ପ୍ରେମ, ବନ୍ଧୁତା, ସ୍ନେହ, ସଂପ୍ରୀତି ଆଦି ଲାଗି ଏହା ଆଦର୍ଶ ଦୃଷ୍ଟାନ୍ତ (Ideal illustration ବା prototype parogan model) ହେବା ସଂଗେ ସଂଗେ ସେ ମଧ୍ୟ ଆଦର୍ଶ ହୋଇ ରହିଗଲେ । ଏଣୁ ବନ୍ଧୁ, ଆଚାର୍ଯ୍ୟ ହରିହର ମଧ୍ୟ ଉଦ୍ଦାତ କଣ୍ଠରେ ସ୍ୱୀକାର କଲେ- ସମସ୍ତଙ୍କୁ ଭଲପାଅ । ମଣିଷକୁ ଭଲପାଅ । ମାନବାତ୍ମାକୁ ଭଲପାଅ । ତେବେ ଯାଇ ଆମ୍ଭେ ଈଶ୍ୱର ସାନ୍ନିଧ ଲାଭ କରିପାରିବା ।

ଗୋପବନ୍ଧୁ ବନ୍ଧୁତାର ବନ୍ଧନରେ ଖୁବ୍ ଆସକ୍ତି ସହ ବାନ୍ଧି ହୋଇଥିଲେ । ତାଙ୍କର ସହକର୍ମୀ ମାନଙ୍କର ସାହଚର୍ଯ୍ୟରେ ସେ ସମସ୍ତ ଦୁଃଖ କଷ୍ଟକୁ ଭୁଲିଯାଉଥିଲେ । କୃପାସିନ୍ଧୁ ମିଶ୍ରଙ୍କ ପ୍ରତି ଗୋପବନ୍ଧୁ ପୁରୀରେ ପଢ଼ିଲାବେଳୁ ଆକୃଷ୍ଟ ହେଲେଣି । କୃପାସିନ୍ଧୁ ବୟସରେ ଅବଶ୍ୟ ଗୋପବନ୍ଧୁଙ୍କ ଠାରୁ ଦଶବର୍ଷ ସାନ । ଅସୀମ ସ୍ନେହ ମମତା ଥିଲା ଗୋପବନ୍ଧୁଙ୍କର କୃପାସିନ୍ଧୁଙ୍କ ପ୍ରତି । "ପୁରୀରେ ପଢିଲା ଦିନରୁ ଗୋପବନ୍ଧୁ କୃପାସିନ୍ଧୁଙ୍କ ମେଧା, ଚତୁରତା ଓ ନିର୍ଭୀକତା ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଅତି ତରୁଣ ବୟସରୁ ଗୋପବନ୍ଧୁଙ୍କ ଆଖି ବୁଲୁଥାଏ କିପରି ଦଳେ ସ୍ୱାର୍ଥତ୍ୟାଗୀ ଓ କର୍ମତତ୍ପର ଯୁବକଙ୍କୁ ନେଇ ଭବିଷ୍ୟତରେ ଦେଶ ହିତକର କାର୍ଯ୍ୟରେ ନିୟୋଜିତ କରିବେ । କୃପାସିନ୍ଧୁଙ୍କର ଚାଲିଚଳନ ଦେଖି ସେ ନିଶ୍ଚିତ ହୋଇଥିଲେ ଯେ, ବଡ଼ହେଲେ ତାଙ୍କର ପରିକଳ୍ପିତ ଯୋଜନାକୁ କାର୍ଯ୍ୟରେ ପରିଣତ କରିବାରେ ଏହି କିଶୋର ବିଶେଷ ସାହାଯ୍ୟରେ ଆସିବ ।"[୫୧] ଗୋପବନ୍ଧୁ ଥିଲେ ବନ୍ଧୁରଂକ । ବନ୍ଧୁପ୍ରୀତି ଥିଲା ତାଙ୍କ ଲାଗି ସବୁକିଛି । ଦିନଦିନ ନଖାଇ ନପିଇ ସେ ବନ୍ଧୁଙ୍କ ମୁହଁକୁ ଚାହିଁ ରହିଯାଉଥିଲେ । ବୋଧହୁଏ ଅସହଯୋଗ ଆନନ୍ଦୋଳନରୁ ନିଖିଳ ଭାରତୀୟ ଏସିଆଟିକ୍ ଶିକ୍ଷା ସମ୍ମିଳନୀ (AIAEC), ବନ୍ୟା ବିପର୍ଯ୍ୟୟ ପ୍ରଭୃତିରେ ବନ୍ଧୁପ୍ରୀତି ହିଁ ଖୋରାକ୍ ସାଜୁଥିଲା ଗୋପବନ୍ଧୁଙ୍କ ପାଇଁ । "ପଣ୍ଡିତ ଗୋପବନ୍ଧୁ ଥିଲେ ଅତ୍ୟନ୍ତ ବନ୍ଧୁ ବତ୍ସଳ, ଅମାୟିକ ପ୍ରକୃତିର ମଣିଷ । ତାଙ୍କ ସଂପର୍କରେ ଯିଏ ଆସୁଥିଲା, ସେ ତାକୁ ସଂପର୍କର ପାଟ ଡୋରରେ ବାନ୍ଧିଦେଉଥିଲେ ।"[୫୨] ଏପରି ଲୋକର ବନ୍ଧୁ ତାଙ୍କୁ ପ୍ରତାରଣାର ବିଷଦେଲେ । ସାଧାରଣ ବିଷ ଠାରୁ ଏହା ଗୋପବନ୍ଧୁଙ୍କ ଲାଗି ଅଧିକ ଜ୍ୱାଳାଦାୟୀ ହେବା କିଛି ଆଶ୍ଚର୍ଯ୍ୟକର ବିଷୟ ନୁହେଁ । ଏଠାରେ ଗୋପବନ୍ଧୁଙ୍କର 'ମୋର କୈଫିୟତ' ଶୀର୍ଷକ ଲେଖା/ ପ୍ରତିଉତ୍ତର ଯାହା 'ସମାଜ' ତା-୦୯.୦୧.୧୯୨୬ ରିଖରେ ପ୍ରକାଶିତ ହୋଇଥିଲା ଉଦ୍ଧାର କରାଯାଇପାରେ ।

"ଏଥର ସମାଜରେ ପଣ୍ଡିତ ଗୋଦାବାରୀଶ ମିଶ୍ରଙ୍କର ଖଣ୍ଡେ ପତ୍ର ପ୍ରକାଶିତ ହୋଇଅଛି । ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ପରିବର୍ତ୍ତନ ସମ୍ବନ୍ଧରେ ସମାଜର ସଂପାଦକୀୟ ମନ୍ତବ୍ୟକୁ ଆକ୍ରମଣ କରି ଶ୍ରୀମନ୍ ପ୍ରାଣକୃଷ୍ଣ ପ୍ରତିହାରୀ ବ୍ୟକ୍ତିଗତ ଭାବରେ ମତେ ଖଣ୍ଡିଏ ପତ୍ର ଲେଖିଥିଲେ । ସେ ପତ୍ରଖଣ୍ଡ ସମାଜରେ ଛପାଇବାକୁ ଅନୁରୋଧ କରିଥିଲେ । ସମାଜରେ ଯଥା ସମୟରେ ତାହା ପ୍ରକାଶିତ ହୋଇଅଛି । ଉକ୍ତ ପତ୍ରର ପ୍ରତିବାଦ କରିବାକୁ ମୋତେ ଅନେକ କହିଛନ୍ତି । ମୁଁ ତାହା ଉଚିତ୍ ମନେ କରିନାହିଁ । ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଯେଉଁ କର୍ମୀମାନଙ୍କ ସଂଗରେ ମୁଁ କାର୍ଯ୍ୟକରି ଆସିଅଛି, ସେମାନଙ୍କ ମଧ୍ୟରୁ ମୋ ସଂପର୍କରେ କାହାରି ଧାରଣା ପ୍ରତିହାରୀଙ୍କ ଲେଖାଦ୍ୱାରା ଯଦି ଦୃଢ଼ୀଭୂତ ହୁଏ ବା ବଦଳେ ତାହାହେଲେ ପ୍ରତିବାଦ ଦ୍ୱାରା ସେମାନଙ୍କ ନିକଟରେ ଆପଣାକୁ ସଫାଇ କରିବା ଉଦ୍ୟମ ମୋ ପକ୍ଷରେ ବୃଥା ଓ ଅସୁନ୍ଦର । ମୋର ବିଶ୍ୱାସ, ନିନ୍ଦା, ଅପବାଦ, ସମାଲୋଚନା ବା କଟାକ୍ଷ ସାଧାରଣ କାର୍ଯ୍ୟକ୍ଷେତ୍ରରେ କର୍ମର ଅବଶ୍ୟମ୍ଭାବୀ ଭାଗ୍ୟଲିଖନ ।

ଅନେକ ଦିନ ହେଲା ମୋ ଭାଗ୍ୟରେ ଊଣାଅଧିକେ ଏହାସବୁ ଘଟୁଛି; ଭବିଷ୍ୟତରେ ଘଟିବ । ଏସବୁର ପ୍ରତିବାଦ କରିବା ମୋର ନୀତି ନୁହେଁ । କେହି ମୋର ଦୋଷ ଦେଖାଇଲେ ମୁଁ ମନେକରେ ହୁଏତ ଯଥାର୍ଥରେ ମୋର ସେ ଦୋଷଅଛି, ନହେଲେ ବା ସେ ଭୁଲ ବୁଝିଛନ୍ତି, ସୁତରାଂ ମୋର ପ୍ରଥମେ ନିଜ ଭିତରକୁ ଚାହିଁବା ଉଚିତ । ଭଲ ରୂପେ ଆତ୍ମ ପରୀକ୍ଷାକରି ନିଜ ଦୋଷ ଦେଖିଲେ ତାହା ସଂଶୋଧନ କରିବା ଉଚିତ୍ । ନିଜର ସେପରି ଦୋଷ ନ ଦେଖିଲେ ସେ ଭୁଲ୍ ବୁଝିଛନ୍ତି ବୋଲି ବୁଝିବାକୁ ହେବ । ଭୁଲ ପୁଣି ଦୁଇପ୍ରକାର ହୋଇପାରେ । ସରଳ ଭାବରେ କେହି ଯଥାର୍ଥ ବିଷୟ ନଜାଣି ଭୁଲ୍ କରିପାରନ୍ତି । ଏ ଭୁଲ୍ ବେଶୀଦିନ ରହେ ନାହିଁ । ତାଙ୍କର ସତ୍ୟ ତସଳତା ଅକ୍ଷୁର୍ଣ୍ଣଥିଲେ ପରବର୍ତ୍ତୀ ଘଟନାରେ ଏ ଭ୍ରମ ଆପେ ଆପେ ତୁଟିଯାଏ । ନାହିଁ ଜାଣିଶୁଣି ଅନ୍ୟ ଅନ୍ୟ ଭାବ ଦ୍ୱାରା ପ୍ରରୋଚିତ ହୋଇ ତାଙ୍କର ଭ୍ରମପ୍ରମାଦ ବା ମୋହ ଘଟିଥିଲେ ତାହା କେବେହେଲେ ସହଜରେ ତୁଟିବାର ନୁହେଁ । ଫଳକଥା ଯେକୌଣସି ପ୍ରକାରେ ହେଉ ପ୍ରତିବାଦ ନିରର୍ଥକ । ଆତ୍ମପରୀକ୍ଷା ହିଁ ପ୍ରୟୋଜନ । ଅନ୍ତରାତ୍ମାକୁ ସାକ୍ଷୀରଖି କାର୍ଯ୍ୟ କରିବାରେ ସାଧାରଣ କର୍ମୀର କେବଳ ଆଶ୍ୱାସନା ।

"କଥାକୁ ମାଜିଲେ ମୋଟ, ସୂତାକୁ ମାଜିଲେ ସରୁ' ଏହି ନୀତି ଅନୁସରଣ କରି ପ୍ରତିହାରୀଙ୍କ ପତ୍ରର ମୁଁ ନିଜେ ପ୍ରତିବାଦ କରିନାହିଁ । ଏ ସମ୍ବନ୍ଧେ ଅନ୍ୟାନ୍ୟ କେତେକଙ୍କ ଠାରୁ କେତେଖଣ୍ଡ ପ୍ରତିବାଦ ସମାଜରେ ଛାପାଲାଗି ଆସିଛି । ତାହା ଛପାଇବା ନିରର୍ଥକ ଭାବି ପ୍ରକାଶ କରିନାହିଁ । ଗୋଦାବରୀଶ ବାବୁ ଆପଣା ପତ୍ରରେ ମୋତେ ସଫାଇ କରିବା ପାଇଁ ଉଦ୍ୟମ କରିଥିଲେ, ତାହା ମଧ ଛପାଯାଇ ନଥାନ୍ତା । କିନ୍ତୁ ସେଥିରେ ତାଙ୍କ ନିଜ କୈଫିୟତ ଅଛି; ତାଙ୍କ ପ୍ରତି ଯେ ବ୍ୟବହାର ହୋଇଅଛି ସେ ନିଜେ କେତେଦୂର ଦାୟୀ ବା ସେ ସଂପର୍କୀୟ ବ୍ୟାପାରରେ ତାଙ୍କର କି ଦୋଷ, ପାଠକ ସାଧାରଣ ତାଙ୍କ ପତ୍ରରୁ ବିଶେଷ ଭାବରେ ଜାଣିବେ । ବିଶେଷତଃ ଦୈବ ଦୁର୍ଭାଗ୍ୟବଶତଃ ବର୍ତ୍ତମାନ ସେ ଯେ ଅବସ୍ଥାରେ ପଡ଼ିଅଛନ୍ତି ସେଥିରେ ମୋ ବ୍ୟକ୍ତିଗତ ନୀତିଧରି ତାଙ୍କର ଏ କୈଫିୟତ ନଛପାଇବା ତାଙ୍କ ପ୍ରତି ଅବିଚାର ଓ ନିଷ୍ଠୁରତା ହୁଅନ୍ତା ।

ମୋର ଏ ଲେଖା ପ୍ରାଣକୃଷ୍ଣଙ୍କ ପତ୍ରର ପ୍ରତିବାଦ ବା କୈଫିୟତ ନୁହେଁ । ମୁଁ ସେ ବିଷୟରେ କାହିଁକି ନୀରବ ସେ ସମ୍ବନ୍ଧରେ ଅନ୍ୟମାନେ ପଠାଇଥିବା ପ୍ରତିବାଦ ନ ଛପାଇ ଗୋଦାବରୀଶ ମିଶ୍ରଙ୍କ ପତ୍ର କେବଳ ଛପାଗଲା କାହିଁକି ଏ ଲେଖା ତାହାର କୈଫିୟତ ।" ଏଠାରେ ଗୋପବନ୍ଧୁଙ୍କ ନୀତି, ଭିତ୍ତି ଓ ହୃଦୟବତ୍ତାର ଯଥେଷ୍ଟ ପରିଚୟ ମିଳୁନାହିଁ କି ? (ମୋର କୈଫିୟତ୍: 'ସମାଜ', ତା-୦୯.୦୧.୨୬)

ଗୋପବନ୍ଧୁ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କ ପାଇଁ ଅବଂଧୁଜୀବନ ବା ବନ୍ଧୁହୀନ ଜୀବନ ଜୀଇଁବା ଅସମ୍ଭବ । ନହେଲେ ସେ କି ଗାଇଥାଆନ୍ତେ- "ଅବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ, ପ୍ରାଣଧରି କିଏ ପାରିବ ରହି ।" ଏ ସଂକ୍ରାନ୍ତରେ ଡକ୍ଟର ରାଧାନାଥ ରଥ, ଯିଏକି ଗୋପବନ୍ଧୁଙ୍କ ଘନିଷ୍ଠ ସହଯୋଗୀ ଓ କୃପାସିନ୍ଧୁଙ୍କ ସହକର୍ମୀ ଥିଲେ, ତା-୨୮.୧୧.୧୯୬୨ ରିଖରେ ଲେଖିଛନ୍ତି- "ଗୋପବନ୍ଧୁଙ୍କ ପକ୍ଷରେ ଅବନ୍ଧୁ ଜୀବନଯାପନ ଅସମ୍ଭବ ଥିଲା । ବନ୍ଧୁ ହରାଇଲେ ସେ ଏପରି ଅଧୀର ଓ ବ୍ୟଥିତ ହେଉଥିଲେ ଯେ, ଅନେକ ସମୟରେ ପିଲାଙ୍କ ପରି କାନ୍ଦି ପକାଉଥିଲେ ।" ପୁଣି କୃପାସିନ୍ଧୁଙ୍କ ଅକାଳ ବିୟୋଗ ହେବାପରେ ଗୋପବନ୍ଧୁ ଛଟପଟ ଡାକିଥିଲେ ଯନ୍ତ୍ରଣାରେ । ଧାଇଁ ଯାଇଥିଲେ ପାଗଳ ପରି ଏ ଖବର ଶୁଣି । ଏମାର ମଠ ମହନ୍ତ ମହାରାଜା ଗଦାଧର ରାମାନୁଜ ଦାସଙ୍କ ଠାରୁ ମଟର ମଗାଇ ସିଭିଲ୍ ସର୍ଜନଙ୍କୁ ସାଙ୍ଗରେ ଧରି ବୀରପ୍ରତାପପୁର ଧାଇଁଥିଲେ । ମାତ୍ର ଫଳ କିଛି ହେଲାନାହିଁ । ବନ୍ଧୁ ଆରପାରିକୁ ଯାଇସାରିଥିଲେ । ଏ ଦାରୁଣ ବିଚ୍ଛେଦ ଗୋପବନ୍ଧୁଙ୍କ ହୃଦୟରେ ଯେଉଁ ଆଘାତ ଦେଲା ଓ ଯେଉଁ କ୍ଷତ ସୃଷ୍ଟି କଲା, ତାହା ଆଉ ଶୁଖିଲା ନାହିଁ । ରାଧାନାଥ ରଥ ଆହୁରି କହିଛନ୍ତି- "ତେଣୁ ସତେ ଯେପରିକି ତାଙ୍କରି ଡାକରେ ଦୁଇବର୍ଷ ଅଢେଇ ବର୍ଷ ଭିତରେ ସେତେବେଳେ ଶ୍ମଶାନ ସଦୃଶ ଦେଖାଯାଉଥିବା ବନବିଦ୍ୟାଳୟର ବକୁଳ ବନରେ ନିଜର ମରଶରୀର ଛାଡ଼ି ସେ ଚିରସଖା କୃପାସିନ୍ଧୁଙ୍କ ପାଖରୁ ବିଦାୟ ନେଇଗଲେ ।" ଯଦି ଗୋପବନ୍ଧୁ ଓ ତଦୀୟ ସହକର୍ମୀ ବା ବନ୍ଧୁମାନଙ୍କୁ ଦେଖାଯାଏ, ତେବେ ଏମାନଙ୍କ ମଧ୍ୟରେ ସଂପର୍କ କ୍ଷୀର-ନୀର ପରି, କ୍ଷୀରର ଧବଳତା ପରି । ଏମାନେ ଯେତିକି ଆତ୍ମୀୟ ଥିଲେ, ସେତିକି ଥିଲେ ନିବିଡ଼ । ସେ (ଗୋପବନ୍ଧୁ) 'ଉତ୍କଳ-ଗୋପର ଦୋସର-ମଣି, ଉତ୍କଳ-କେଶର-ପ୍ରେମର ଖଣି ।'

କବି ଗୋପବନ୍ଧୁଙ୍କ ସମଗ୍ର କାବ୍ୟକୃତି ମଧ୍ୟରେ ଏକ ବିଶେଷ ସୌନ୍ଦର୍ଯ୍ୟ ଅବଶ୍ୟ ବିଦ୍ୟମାନ, ମାତ୍ର 'କାରାକବିତା' ତନ୍ମଧ୍ୟରୁ ଲଳିତତମ । ପୁଣି 'କାରାକବିତା'ର ସମଗ୍ର କବିତା ମଧ୍ୟରୁ 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ'ଟି ଅତ୍ୟନ୍ତ ସରଳ, ତରଳ ଓ ବଳିଷ୍ଠ । ଏଥିରେ ଗୋପବନ୍ଧୁଙ୍କର ବ୍ୟକ୍ତିତ୍ୱ ଓ ଉଦର ଅତ୍ୟନ୍ତ ଜଡ଼ିତ । ଭିନ୍ନ ଏକ

ବାସ୍ତବତା (ବ୍ୟକ୍ତିଗତ ଜୀବନର ବାସ୍ତବତା) ଏଠାରେ ପ୍ରତିଫଳିତ ହେବା ସଂଗେ ସଂଗେ ସାଂସାରିକ- ଆଧ୍ୟାତ୍ମିକ ତଥା ଉତ୍ତରଣର ବାସ୍ତବ ଚିତ୍ରଟିଏ ମଧ୍ୟ ଏଠାରେ ଅଙ୍କିତ । ସମାଲୋଚକ ହରପ୍ରସାଦ ଦାସଙ୍କ ଭାଷାରେ- "ଗୋପବନ୍ଧୁଙ୍କ କବିତାରେ ସାମାଜିକ ବାସ୍ତବତାର ଦୁଇଟି ପକ୍ଷ: ଗୋଟିଏ ଆତ୍ମପରିଚୟ ଓ ଅନ୍ୟଟି ଆତ୍ମବିଳୟର । ଦୁଇ ବିଶ୍ୱଯୁଦ୍ଧର ମଧ୍ୟବର୍ତ୍ତୀ କାଳରେ ଓ ଋଷୀୟ କ୍ରାନ୍ତିର ଅବ୍ୟବହିତ ପରେ, କବିତାରେ ସାମାଜିକ ବାସ୍ତବତାର ଯେଉଁ ଚିତ୍ରଣ-କଳା ପ୍ରତିଷ୍ଠିତ ହେଲା ସେଥିରେ ବାସ୍ତବତା ବସ୍ତୁମନସ୍କତା ବୋଲି ଗୃହୀତ ହେଲା । ଗୋପବନ୍ଧୁଙ୍କ ବାସ୍ତବତା ୟା'ଠାରୁ ଭିନ୍ନ । କହିବାକୁ ଗଲେ ସମକାଳୀନ ବାସ୍ତବତାର ଗୋପବନ୍ଧୁଙ୍କର ଚିତ୍ରଣ କଳା, ସଂପୂର୍ଣ୍ଣଭାବେ ଓଡ଼ିଆ ଓ ମୌଳିକ ଚେତନାରେ ଭାରତୀୟ । ଆତ୍ମ ପରିଚୟରୁ ଆତ୍ମବିଳୟକୁ ଗତି କରୁଥିବା ବାସ୍ତବତାର ଏ ଦୃଶ୍ୟପଟରେ ରହସ୍ୟବାଦ, ପାରଂପରିକ ଧର୍ମୀୟ ଚେତନା ଓ ଉଦାରବାଦୀ କଳ୍ପନା, ସମଶକ୍ତିରେ ସମାହିତ । ଏହା ମଧ୍ୟ ଗୋପବନ୍ଧୁଙ୍କ ଜାତୀୟତା ଓ ସ୍ୱଦେଶ-ପ୍ରେମର କାବ୍ୟିକ ପରିଚୟ । x x x ଯେଉଁ କବି ପ୍ରେମରୁ ସ୍ୱାର୍ଥକୁ ଓ ଆସ୍ଥାକୁ ପ୍ରବଞ୍ଚନାକୁ ଅଲଗା କରିପାରିବାର ସାମର୍ଥ୍ୟ ରଖେ, କେବଳ ସେଇ ହିଁ କଷାଘାତରେ ସହ୍ୟ କରିବାର ସୀମା ଚିହ୍ନିତ କରିବା ପାଇଁ ପ୍ରିୟ ବନ୍ଧୁକୁ ଦଣ୍ଡ ମାଗିପାରେ । ଏଠାରେ ଲକ୍ଷ୍ୟ କରିବେ, ଯେ ଗୋପବନ୍ଧୁଙ୍କ ସାମାଜିକ ବାସ୍ତବତାର ଆତ୍ମପରିଚୟ ପକ୍ଷଟିରେ ଆଧୁନିକ ଗ୍ଳାନିବୋଧ କିଭଳି ଦାନା ବାନ୍ଧିବା ଆରମ୍ଭ କରୁଚି । ଭବିଷ୍ୟତରେ ଏହି ଗ୍ଳାନିବୋଧ ହେବ ଗୋଟିଏ ସଂପୂର୍ଣ୍ଣ ସମାଜ ଦର୍ଶନର ପୃଷ୍ଠପଟ ।"[୫୩]

କବିତାଟିର ଧ୍ୱନିତାତ୍ତ୍ୱିକ, ଭାଷାତାତ୍ତ୍ୱିକ ଓ ଶୈଳୀତାତ୍ତ୍ୱିକ ଦିଗ ଗୁଡ଼ିକ ମଧ୍ୟ ଖୁବ୍ ବଳିଷ୍ଠ ଓ ସ୍ୱତନ୍ତ୍ର ।[୫୪] କବିତାଟିର ଭାବ ଓ ଭାଷା ସମତାଳିକ ଓ ସମନ୍ୱୟଧର୍ମୀ । ସୁତରାଂ ଏହା ସୁନ୍ଦର । କବିତାଟିର ଅନନ୍ୟ ବଳିଷ୍ଠ ଓ ସଫଳତମ ବିଭବ ହେଉଛି ଏହାର ନାମକରଣ । ଏହାର ନାମଟି ଯେତିକି ବଳିଷ୍ଠ, ଭାବଭଂଗୀରେ ସେତିକି ଚେତନା ସମ୍ବଳିତ । କବିଙ୍କ ପରି ଇଂରେଜୀ ସାହିତ୍ୟରେ ଭିକ୍ଟୋରିଆନ୍ ଯୁଗର କବି ଲର୍ଡ ଅଲଫ୍ରେଡ୍ ଟେନିସନ୍ (Lord Alfred Tennyson) ତାଙ୍କର ପ୍ରସିଦ୍ଧ ପୁସ୍ତକ 'In Memoriam' ରେ ଅନ୍ତରଂଗ ବନ୍ଧୁ A. H. Hallam ଙ୍କ ବିୟୋଗରେ ଅନେକ କବିତା ରଚନା କରିଛନ୍ତି । ସେ ମଧ୍ୟ ଗୋପବନ୍ଧୁଙ୍କ ପରି ଜଣେ ବନ୍ଧୁରଂକୁଣା ମଣିଷ । ସ୍ନେହ କାଙ୍ଗାଳ ମଣିଷଙ୍କ ପରି ଉଭୟେ ଅଶ୍ରୁ ଝରାଇଛନ୍ତି । ଏ ଅବସରରେ Tennyson ଙ୍କ ଏକ କବିତା ଏଠାରେ ସ୍ମରଣଯୋଗ୍ୟ, ଯାହାର ନାମ ହେଉଛି 'Tears, Idle Tears' । ସେହିପରି ତାଙ୍କର 'Break, Break, Break' କବିତାଟିକୁ ଦେଖାଯାଉ ।

"Break, break, break  
on thy cold grey stones, O sea/  
And I would that my tongue could utter  
The thoughts that arise in me.  
xxx Break, break, break  
At the foot of thy crags, O' sea !  
But the tender grace of a day that is dead  
Will never come back to me."[୫୬]

ଏଠାରେ ଟେନିସନ୍ଙ୍କ ପରି କବି ଦୁଃଖିତ ଓ ଅତୀତ ବିଧୁର । ଏଠାରେ 'କାରାକବିତା' ସଂକଳନସ୍ଥ ଅନ୍ୟଦୁଇ ବନ୍ଧୁପ୍ରୀତି ଜନିତ କବିତା ମଧ୍ୟ ସ୍ମରଣଯୋଗ୍ୟ ।

ସେ ବନ୍ଧୁ ବିଶ୍ୱାସରେ ବିଷ ଦେଲାପରେ କବି ଯନ୍ତ୍ରଣା ବ୍ୟଥା-ବେଦନା ବା ଉକ୍ତ ଜ୍ୱାଳାକୁ ସହଜରେ ଗ୍ରହଣ କରିନେଇଛନ୍ତି । କାରଣ ସେ ଭାବିଛନ୍ତି ଏହା ମଧ୍ୟ ତାଙ୍କ ପ୍ରେମର ଏକ ଅଂଶ ଓ ପରିଣାମ । ପୁଣି ସେ ଆଶାବାଦୀ ଓ ଗଭୀର ଆଲୋକବାଦୀ ବ୍ୟକ୍ତି । ସରୋଜିନୀ ନାଇଡୁ ଥରେ ଗାଇଥିଲେ-

"I, bending from my sevenfold height  
will teach thee of My quickening grace,  
Life is a prism of My light  
And death the shadow of My face."[୫୭]

ଏହାହିଁ ଜୀବନର ସାରତମ ସତ୍ୟ । ବିଚ୍ଛେଦରେ ସେଥିପାଇଁ କବି ପୁନର୍ମିଳନ ଓ ନବକିଶଳୟ ଉଦ୍‌ଗମନ କଥା ଚିନ୍ତା କରିଛନ୍ତି । କବି ଋଗ୍ ବେଦର ମଧୁମୟ ଦର୍ଶନକୁ ଅକ୍ଷରେ ଅକ୍ଷରେ ବିଶ୍ୱାସ କରନ୍ତି । କାରଣ-

"ମଧୁବାତା ଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ ମାଧ୍ୱୀର୍ନ ସନ୍ତୋଷଧୀଃ, ମଧୁନକ୍ତ ମୃତସକ୍ଷୋ ମଧୁମତ୍ ପାର୍ଥିବଂ ରଜଃ ମଧୁ ଦୌରସ୍ତୁନଃ ପିତା ।"

ଗୋପବନ୍ଧୁଙ୍କ ପ୍ରେମ ପାର୍ଥିବରୁ ପାର୍ଥିବୋତ୍ତର ହୋଇଛି ସତ, କିନ୍ତୁ ସଂପୂର୍ଣ୍ଣ ପାର୍ଥିବ ବା ଦେହବାଦୀ ହୋଇଯାଇ ନାହିଁ ।

ଆଦର୍ଶ ନୀତି, ସଚ୍ଚରିତ୍ର ଉପରେ ଗୁରୁତ୍ୱ ଦେଉଥିଲେ ସେ । "ସେଥିପାଇଁ ଗୋପବନ୍ଧୁଙ୍କ ରଚନାରେ ସର୍ବତ୍ର ପ୍ରେମର ଏକ ଶୁଦ୍ଧ ଓ ସଂଯତ ରୂପ ବିଦ୍ୟମାନ । ତାଙ୍କର ପ୍ରେମ ଦେଶକାଳାତୀତ ଏକ ଶୁଦ୍ଧ ଓ ମାର୍ଜିତ ଭାବର ପରିପ୍ରକାଶ । ପ୍ରେମରେ ସେ ଦେଖିଛନ୍ତି ତ୍ୟାଗର ମହିମା । ଦେହଜ ବନ୍ଧନ ଠାରୁ ଏହା ଦୂରବର୍ତ୍ତୀ ହୋଇଥିବାରୁ ଏହାର ଅନ୍ତଃରୂପ ଶୁଦ୍ଧ ସୁବର୍ଣ୍ଣ ପରି ଦେଦୀପ୍ୟମାନ । ପ୍ରେମ ନିକଟରେ ଦୁଃଖ ଓ ଶୋଚନାର ତିଳେମାତ୍ର ଚିହ୍ନ ନାହିଁ ।"[୫୮] ମାତ୍ର ଶୋଚନାର କଳାମେଘ ଗୋପବନ୍ଧୁଙ୍କ ମାନସପଟ୍ଟକୁ ଘୋଟି ଆସିଥିଲେ ମଧ୍ୟ ଆବୋରି ବସିପାରି ନାହିଁ ଚିରକାଳ । ଏଣୁ ସେ ପ୍ରେମକୁ ଚିହ୍ନିପାରିଛନ୍ତି । ଡକ୍ଟର ପ୍ରଧାନଙ୍କ ମତରେ- "ମରଣଶୀଳ ସଂସାରରେ ଅନିତ୍ୟ ଶରୀରର ଅବସାନ ଘଟିଲେ ମଧ୍ୟ ପବିତ୍ର ପ୍ରେମର ମୃତ୍ୟୁ ନାହିଁ । କାରଣ ଏହା ଦେଶକାଳାତୀତ । ଏହାର ସଂଜ୍ଞା ଅନନ୍ତ; ରୂପ ମଧ୍ୟ ବିଚିତ୍ର । ମରଶରୀର ମାଟିରେ ମିଶିଯାଏ ସତ, ମାତ୍ର ଅବିନଶ୍ୱର ପ୍ରେମ ହୃଦୟ ମଧ୍ୟରେ ଅମର ରୂପରେ ସଂଚିତ ହୋଇରହେ ପରଜନ୍ମ ପର୍ଯ୍ୟନ୍ତ । x x x ବିଚ୍ଛେଦରେ ପ୍ରେମର ଇତି ଘଟେ ନାହିଁ; ବରଂ ଶୁଦ୍ଧ ସୁବର୍ଣ୍ଣ ପରି ଝଲିଉଠେ ତାହା ଅମର ଦ୍ୟୁତିରେ । ବିଚ୍ଛେଦର ତାଡ଼ନାରେ ହିଁ ପ୍ରେମର ପ୍ରକୃତ ସ୍ୱରୂପ ଉପଲବ୍ଧି ହୋଇଥାଏ । ବିରହ ନଥିଲେ ପ୍ରେମ କେବେ ମଧୁମୟ ହୋଇନପାରେ ।"[୫୯] ପୁଣି ଏହି କବିତାରୁ ଗୋପବନ୍ଧୁଙ୍କ ରସାଳ ହୃଦୟ ଓ ମଣିଷ ପଣିଆର ପରିଚୟ ମିଳିଥାଏ । ବନ୍ଧୁ ଥିଲେ ତାଙ୍କ ପାଇଁ ସବୁକିଛି । "ଦେଶ ଓ ଜାତି ପାଇଁ ଯେଉଁ ଗୋପବନ୍ଧୁ ଆତ୍ମବିନିଯୋଗ କରିଥିଲେ, ସେଇ କ୍ଷେତ୍ରରେ ତାଙ୍କର ସହକର୍ମୀ କେବଳ କର୍ମ ସହଚର ନୁହଁନ୍ତି, ସେ ତାଙ୍କର ମର୍ମ ସହଚର ଓ ନର୍ମ ସହଚର ଥିଲେ । ଆଜି କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ସାଧାରଣ ସ୍ନେହ ଓ ସତ୍ୟ ଦୁର୍ଲ୍ଲଭ । ମାତ୍ର ଗୋପବନ୍ଧୁ ସେତେବେଳର ଶୁଷ୍କ ଦେଶସେବାରେ ସହକର୍ମୀଙ୍କୁ କିପରି ଏକାନ୍ତ ପ୍ରାଣର ଏକାନ୍ତ ଆପଣାର କରିପାରିଥିଲେ, ତାହା ହିଁ ତାଙ୍କର ରସାଳ ହୃଦୟର ପରିଚାୟକ ।"[୬୦] ବନ୍ଧୁ ବିବାଦରେ ବିଷାଦିତ ହୋଇ ସେ ଗାଇଛନ୍ତି-

"ଶୁଣି ଖଗ ମଧୁର କାକଳି ଜୀର୍ଣ୍ଣବୀଣା ରଖିବି ସଂପାଦି,
ପକ୍ଷୀଗୀତେ ଦେବି କରତାଳି, କେହି ମୋର ନଥିବେ ବିବାଦୀ ।"

ଏଠାରେ ମାନବପ୍ରୀତି ଉପରୁ କବିଙ୍କ ପ୍ରତ୍ୟୟହୀନତା ସାନ୍ଦ୍ରତର ହେଲାପରି ମନେହୁଏ । ଫଳରେ ସେ ବିଭୁ ଓ ପ୍ରକୃତିର ଆଶ୍ରୟ ନିଅନ୍ତି । ସମୀକ୍ଷକ ଶ୍ରୀ ବେହେରା ଯଥାର୍ଥରେ କହନ୍ତି- "କବି ଗୋପବନ୍ଧୁଙ୍କର ଇନ୍ଦ୍ରିୟାନୁଭୂତିର ଯେତେବେଳେ ବିୟୋଗାନ୍ତକ ପରିଣତି ଘଟିଛି, ସେତେବେଳେ ତାଙ୍କ ପ୍ରାଣ ସମ୍ମୁଖରେ ସ୍ୱତଃ ଦେଖାଦେଇଛି ଅତୀନ୍ଦ୍ରିୟତାର ସତ୍ୟ, ଶିବ ଓ ସୁନ୍ଦର ସ୍ୱର୍ଲୋକ ।"[୬୧]

ଜୀବନ ପଥରେ ଜଣେ ପ୍ରଣୟଯାତ୍ରୀ କେତେ ଯେ ଯାତନା ପାଏ, ତାହା ଶବ୍ଦରେ କବିଙ୍କ ଦ୍ୱାରା ବ୍ୟକ୍ତ କରିବା ହୋଇପଡ଼ିଛି ଅସମ୍ଭବ ପ୍ରାୟ । କରୁଣ, ମର୍ମଦାହୀ ଅନୁଭୂତିର କୋଷିକା ଗୁଡ଼ିକୁ ଛନ୍ଦିଛନ୍ଦି କବି ତେଣୁ ଲେଖିଲେ-

"ପ୍ରଣୟର ସୁହାସ ଲୋତକ, ସୁଖ ଦୁଃଖ ଆହ୍ଲାଦ ଯାତନା,
ଜୀବନେ ମୁଁ ଭୋଗିଛି ଅନେକ, ନାହିଁ ଆଉ ଅଧିକେ କାମନା !
ମୋ ଜୀବନ-ବୀଣା ଯନ୍ତ୍ର-ତାର, ସ୍ୱରହୀନ ବଇକ୍ଷମ ଅତି
ଏବେ କ୍ରମେ ହେଉଛି ଅସାର ତେଜି ମୋହିନୀ ଶକତି ।"

ପୁଣି ପ୍ରକୃତି କୋଳରେ କୋଳାହଳ, ଛଳନାର ହଳାହଳ ଠାରୁ ଦୂରରେ ଯାଇ ଶେଷ ନିଶ୍ୱାସ ତ୍ୟାଗ କରି ଶୋଇବାକୁ ସେ ହେଲେ ଆଗ୍ରହୀ । ସାରା ଜୀବନ ବେଦନା ଓ ବ୍ୟଥାରେ ସେ ହେଲେ ଦଗ୍ଧ-ମଣ୍ଡିତ । ବିଚ୍ଛେଦ ଓ ପ୍ରତାରଣା ହିଁ ସବୁଠାରୁ ଅଧିକ କଷ୍ଟ ତାଙ୍କୁ ଦେଇଛି । ସେ ବ୍ୟଥାରେ ଅତୀତକୁ ଝୁରିଝୁରି ନୀରବ ହେବା ଆଗରୁ ତଥା ସେବା ଓ ଶୁଶ୍ରୂଷା ପରେ ଟାଇଫଏଡ୍ ରୋଗରେ ପୀଡ଼ିତ ହେଲାପରେ ୧୯୨୮ ଖ୍ରୀଷ୍ଟାବ୍ଦ ଜୁନ୍ ୧୭ ତାରିଖରେ ନୀରବ ହେବା ଆଗରୁ 'ନୀରବ' କବିତାରେ ସେ ସବୁକଥା କହିଗଲେ-

"ନୀରବ ପ୍ରେମିକ ନେତ୍ର ଅଶ୍ରୁ ଢଳ ଢଳ
ନୀରବେ ସରସୀ ବକ୍ଷେ ହସେ ଶତଦଳ
ନୀରବେ ନିରାଶ ହୃଦେ ବହେ ଦୀର୍ଘଶ୍ୱାସ
ସୁଖେ ଦୁଃଖେ ପରାଣର ନୀରବ ଆଶ୍ୱାସ ।"

ଏ ନୀରବତା ଗୋପବନ୍ଧୁଙ୍କର । ସେ ଏଣୁ ନୀରବ ରହି ନିଜ ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ ବୁନ୍ଦାକ ମଧ୍ୟ ନିଗାଡ଼ି ଦେଇଛନ୍ତି । ଅଥଚ ପ୍ରେମ ସରିଯାଇ ନାହିଁ, ଉତ୍କର୍ଷର ଚରମ ସୀମାରେ ବରଂ ଅବତୀର୍ଣ୍ଣ ହୋଇଛି । ଏଣୁ ତାଙ୍କ କବିତାଟି ହେଉ ବା ଜୀବନ ହେଉ, କେତେମାତ୍ରାରେ ସଫଳ ଏକଥା କହିବା ନିଷ୍ପ୍ରୟୋଜନ । ତେବେ ପରିଶେଷରେ Robert Seriza ଙ୍କ ଉକ୍ତିଟିଏ ଏଠାରେ

ଉଦ୍ଧାର କରାଯାଇପାରେ- ñWork done with pleasure and love is always an original and unique creation.” ସର୍ବୋପରି ଏଠାରେ ଗୋପବନ୍ଧୁଙ୍କ ଏ କବିତାର ସମାଲୋଚନା ସମାପ୍ତି ବୋଲି ନକହି ଆରମ୍ଭ ବା ଏକ ପାହାଚ କହିବା ଅଧିକ ଯୁକ୍ତିଯୁକ୍ତ ଓ ସଂଗତ ହେବ ।

**ପୃଷ୍ଠଟୀକା :**

୧. ୧୯୦୪ ମସିହାରେ ଗୋପବନ୍ଧୁଙ୍କ ସମ୍ବନ୍ଧୀୟ ଘଟିଥିବା ଏକ ଘଟଣା । ଏହି ମସିହାରେ କୁଶଭଦ୍ରାରେ ଭୟାବହ ବନ୍ୟା ବିପ୍ଲାତ ଦେଖାଯାଇଥିଲା । ରୋଗଶଯ୍ୟାରେ ମୁମୂର୍ଷୁ ଅବସ୍ଥାରେ ଝଟପଟ ଡାକୁଥିଲା ତାଙ୍କର ପୁଅ । ଏଥିପୂର୍ବରୁ ପ୍ରଥମ ପୁତ୍ରକୁ ହରାଇ ସାରିଛନ୍ତି ଗୋପବନ୍ଧୁ । ତଥାପି ସେ ରୋଗିଣା ପୁଅକୁ ଛାଡ଼ି ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ବନ୍ୟାଞ୍ଚଳରୁ ଫେରିଲା ବେଳକୁ ନିଜ କୁଳ ପ୍ରଦୀପଟି ଲିଭି ସାରିଥିଲା । ଦଇବ ନିଷ୍ଠୁର ପରୀକ୍ଷା ନେଲେ । ସେ ଦୁଃଖ ପ୍ରକାଶ କଲେ ନାହିଁ । କାରଣ ତାଙ୍କ ପାଖରେ ଥିଲେ ଓଡ଼ିଶାର ଶତ ଶତ ପୁତ୍ର, ଯିଏ ସବୁ ବନ୍ୟା ବିପ୍ଲାତର କରାଳ ଆଁରୁ ବଞ୍ଚିଆସିଥିଲେ । ତେଣୁ ସମଗ୍ର ଓଡ଼ିଶାର ପିତା ହେବାରେ ଗୋପବନ୍ଧୁଙ୍କ ଯୋଗ୍ୟତା ରହିବା ସହିତ ସିଦ୍ଧି ମଧ୍ୟ ରହିଛି । ସେ ଜଣେ ଅଦ୍ୱିତୀୟ ବ୍ୟକ୍ତିତ୍ୱଧାରୀ ମାନବରୂପୀ ଅତିମାନବ । ସମଗ୍ର ଓଡ଼ିଶା ତାଙ୍କ ସନ୍ତାନ ହେବାରେ ଗର୍ବିତ ଓ ଗୌରବାନ୍ୱିତ । ଏଠାରୁ ଗୋପବନ୍ଧୁଙ୍କ ମାନବ ସଂପ୍ରୀତି, ଦେଶପ୍ରେମ ଓ ଆତ୍ମୀୟ ସ୍ୱଭାବର ଆକଳନ କରାଯାଇପାରେ । ଏହିପରି ଗୋପବନ୍ଧୁ ବନ୍ଧୁ ବା ସାଥୀମାନଙ୍କୁ, ସହକର୍ମୀମାନଙ୍କୁ ନିଜ ଅପତ୍ୟଠାରୁ ବଳି ଅଧିକ ଭଲପାଉଥିଲେ । କିନ୍ତୁ ସେ (ଗୋପବନ୍ଧୁ) ସେମାନଙ୍କୁ ନିଜ ନିର୍ବାଚିତ ପଥରେ ଚାଲିବାକୁ ସର୍ବଦା ପ୍ରରୋଚିତ କରୁଥିଲେ ବା ପ୍ରୋତ୍ସାହିତ କରୁଥିଲେ । ତେବେ ସେ ଯାହାହେଉନା କାହିଁକି ସେଦିନର ଏହି ଘଟଣାକୁ ବର୍ଣ୍ଣନା କରି ସ୍ୱର୍ଗତ ଶ୍ରୀ ଅନନ୍ତ ଶତପଥୀ ଲେଖିଛନ୍ତି “ଗୋପବନ୍ଧୁ ଥିଲେ ଆଜୀବନ ଋଷିପ୍ରାଣ, ତ୍ୟାଗୀ, ସାଧୁ ଓ ସାଧକ । ଉତ୍କଳସେବା ପୀଠରେ ରହି ବିଶ୍ୱସେବାରେ ନିଜକୁ ନିୟୋଜିତ କରିବା ନିମନ୍ତେ ଭଗବାନ ଯେପରି ତାଙ୍କୁ ଏହି ମହୀମଣ୍ଡଳକୁ ପଠାଇଥିଲେ ।” ଏହି ଶବ୍ଦ ସବୁରୁ ଗୋପବନ୍ଧୁଙ୍କ ଋଷିତ୍ୱ ଉପରେ ଧ୍ୟାନ ପ୍ରଦାନ ପୂର୍ବକ ଗୁରୁତ୍ୱ ଆରୋପ କରାଯାଇପାରେ । ଏଣୁ ସେ ଯଥାର୍ଥରେ ଉତ୍କଳର ମଣି, ସ୍ନେହ, ସଦିଚ୍ଛା, ସଂପ୍ରୀତି, ପ୍ରେମ, ପ୍ରଣୟ, ଶୈବ, ସୌନ୍ଦର୍ଯ୍ୟ ଓ ସତ୍ୟର ଖଣି । ସେ ଅଦ୍ୱିତୀୟ । ସେ ଅସାଧାରଣ ।

୨. ସେଥିପାଇଁ ପରା ଗୋପବନ୍ଧୁ ଥରେ ସମଗ୍ର ଉତ୍କଳବାସୀଙ୍କୁ ଡାକିହାକି କହିଥିଲେ- ଜାତୀୟ ମମତା, ବିଶ୍ୱଜନ ପ୍ରୀତି/ ଉତ୍କଳବାସୀର ହେଉ ଏହା ନୀତି । ପୁଣି ସେ ଉଦାରତା, ପ୍ରୀତି ଓ ମମତ୍ୱର ଊର୍ଦ୍ଧ୍ୱ ସ୍ଥାନରେ ପହଞ୍ଚି ହୃଦୟର ଗଭୀର ଦେଶରୁ ସକଂପନ ସୃଷ୍ଟିକଲେ ଶବ୍ଦର ଅକ୍ଷୟ ଧାରା । “ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ/ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।” ବନ୍ଧୁପ୍ରୀତି ଠାରୁ ଆରମ୍ଭ କରି ଦେଶପ୍ରୀତି ଓ ପରିଶେଷରେ ପାର୍ଥିବ ପ୍ରୀତିରୁ ପାର୍ଥିବୋତ୍ତର ଅତି ଜାଗତିକ ପ୍ରୀତି କଥା କବି କବିତାରେ କହିଛନ୍ତି । କାରଣ ଏସବୁ ପ୍ରୀତି ସେ ବାସ୍ତବ ଜୀବନରେ କରୁଥିଲେ । ସମୀକ୍ଷିକା ମନୋରମା ମହାପାତ୍ରଙ୍କ ଭାଷାରେ- “ମାନବ ଜାତି ନିମନ୍ତେ ଆତ୍ମୋତ୍ସର୍ଗ, ଆତ୍ମଦାନ ଏକ ସ୍ୱର୍ଗୀୟ ଶାଶ୍ୱତ ଅନାବିଳ ଅନୁଭବ- ସେ ଦିବ୍ୟ ଅନୁଭବର ବାହକ ସନ୍ଥ ଗୋପବନ୍ଧୁ । ସେହି ଅନୁଭୂତିର ସ୍ଫୁରଣ ତାଙ୍କର ସମଗ୍ର କବିତାବଳୀରେ ପ୍ରତିଧ୍ୱନିତ-ଏପରିକି ସାମଗ୍ରିକ ସେବା ମୂଳକ କର୍ମାବଳୀରେ ମଧ୍ୟ ପ୍ରତିବିମ୍ବିତ । ବାସ୍ତବରେ ଗୋପବନ୍ଧୁଙ୍କର ଜାତୀୟତାର ମୂଳଉତ୍ସ ଭାଗବତୀୟ- ଐଶ୍ୱରୀୟ । xxx । ଭାଗବତର ଦିବ୍ୟଜ୍ଞାନର ସ୍ଫୁରଣ ତାଙ୍କୁ ଯଥାର୍ଥ କର୍ମଯୋଗୀ ସିଦ୍ଧପୁରୁଷ କରାଇଛି । ନୂତନ ଅଥଚ ପୁରାତନର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ କଲ୍ୟାଣ ପଥରେ ପ୍ରେରିତ କରାଇଛି । ତାଙ୍କ ବ୍ୟକ୍ତିତ୍ୱର ମୂଳଭିତ୍ତି ଥିଲା ଏକ ଆଧ୍ୟାତ୍ମିକ ପ୍ରେରଣା, ଶ୍ରଦ୍ଧା, ଭକ୍ତି-କରୁଣା ଓ ସଂଯମ । ସେଥିଲେ ସର୍ବଧର୍ମ ସମନ୍ୱୟ ମାନବବାଦୀ ଚେତନାର ପ୍ରତୀକ, ମହାନ ସଂସ୍କୃତିର ସ୍ମାରକ, ଜଗତର ନାଥ ଜଗନ୍ନାଥଙ୍କର ଯଥାର୍ଥ ଭକ୍ତ । ସେ ତାଙ୍କ ଜୀବନରେ ଦିବ୍ୟ ଅଧିଷ୍ଠାନର ସ୍ପର୍ଶ, ସାନ୍ନିଧ୍ୟ ଲାଭକରି ଐକାନ୍ତିକ ନିଷ୍ଠା, ଭକ୍ତି, ପ୍ରେମ ସହ କର୍ମସ୍ରୋତ ବୁହାଇ ପାରିଥିଲେ ସଂପୂର୍ଣ୍ଣ ଅନନ୍ୟ ରୀତିରେ- ଯାହାର ତୁଳନା ନାହିଁ ।” (ମହାପାତ୍ର, ମନୋରମା: ‘ବିଶ୍ୱପ୍ରାଣ ମାନବବାଦୀ କବି ଗୋପବନ୍ଧୁ’- ‘ସମାଜ’- ବାର୍ଷିକ ସଂଖ୍ୟା- ୨୦୦୯- ସଂପାଦକ- ଶରତ

ମିଶ୍ର- ପୃ- ୦୭-୦୮) ।

୩. ଦାଶ, ପ୍ରଫେସର ସର୍ବେଶ୍ୱର: 'ପ୍ରେମର କବି ଗୋପବନ୍ଧୁ': ବେଦରୁ ଆଧୁନିକ- ସଂପାଦକ- ପ୍ରଫେସର ବାଉରୀବନ୍ଧୁ କର, ଅସିତ ମହାନ୍ତି- ପ୍ରକାଶକ- ସାରସ୍ୱତ ସରଣିର ଶାଶ୍ୱତ ସଂକେତ ବର୍ତ୍ତିକା, ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ, ସଂସ୍କୃତି ଭବନ, ଦଶରଥପୁର, ଯାଜପୁର- ପ୍ରଥମ ସଂସ୍କରଣ- ୨୦୧୧- ପୃ- ୨୮୦ ।

୪. ତତ୍ରୈବ- ପୃ- ୨୮୦ ।

୫. ଗଡ଼ନାୟକ, ରାଧାମୋହନ: ସଂକଳକଙ୍କ ମୁଖବନ୍ଧ- 'ନେତା ସିଏ, କବି ସିଏ: ଗୋପବନ୍ଧୁ'- ଗୋପବନ୍ଧୁ ରଚନାବଳୀ- ପ୍ରଥମ ଭାଗ- (କାବ୍ୟ କବିତା ସଂକଳନ)- ଓଡ଼ିଶା ସାହିତ୍ୟ ଏକାଡ଼େମୀ- ଭୁବନେଶ୍ୱର- ପ୍ରଥମ ସଂସ୍କରଣ- ପୃ- ୩୩ ।

୬. ତତ୍ରୈବ ।

୭. ଗୋପବନ୍ଧୁ ପୁଣି ଗାଇ ଉଠିଛନ୍ତି-

"ଯେତେବେଳେ କଥା ଅଛି ସେ ବୁକୁ ଭିତରେ/ ଫିଟିବ ନାହିଁକି ତାହ କେବେ ଏକାନ୍ତରେ ?/ ଏକକୁ ଅନାଇ ଆନ ନେତ୍ର ଅଶ୍ରୁଧାର/ ବହିବ ନାହିଁକି ଭେଦ ହୃଦୟ ଦୁଆର ?" (ଦାସ, ଗୋପବନ୍ଧୁ: 'ପ୍ରେମର ଏକି ପରିଣାମ ?': କାରାକବିତା- ଗୋପବନ୍ଧୁ ରଚନାବଳୀ- ସଂ. ରାଧାମୋହନ ଗଡ଼ନାୟକ- ପ୍ରଥମ ପ୍ରକାଶ- ଓଡ଼ିଶା ସାହିତ୍ୟ ଏକାଡ଼େମୀ- ଭୁବନେଶ୍ୱର- ପୃ- ୧୫୪ ।)

୮. କବି ରମାକାନ୍ତ ରଥ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ତଥା ତଦୀୟ ଆଚରଣ ଓ ଉଚ୍ଚାରଣ ସଂକ୍ରାନ୍ତରେ ଥରେ ଏକ କବିତାଟିଏ ଲେଖିଥିଲେ । ସେଥିରୁ ଗୋଟିଏ ପଦ ଏଠାରେ ଏହି ମର୍ମରେ ଉଦ୍ଧାର ଯୋଗ୍ୟ । କାରଣ ଗୋପବନ୍ଧୁ ଆଜୀବନ ଦୁଃଖରେ କାଳାତିପାତ କରିଛନ୍ତି । କେତେବେଳେ ବି ନିୟତି ବା ଭାଗ୍ୟଲକ୍ଷ୍ମୀ ତାଙ୍କ ସାଥିରେ ଚାଲିଥିଲା ବୋଲି ପ୍ରତିପନ୍ନ ହୋଇନଥାଏ । ସଦାସର୍ବଦା ସେ ସମୟ ବିରୁଦ୍ଧରେ ସଂଘର୍ଷରତ । କେତେବେଳେ ପୁତ୍ର ବିୟୋଗ ତ କେତେବେଳେ ବନ୍ଧୁ ବିୟୋଗ । ପୁଣି ଶାରୀରିକ, ମାନସିକ ଯନ୍ତ୍ରଣା ଭିତରେ ବନ୍ଧୁମାନେ ଅନେକ ଯନ୍ତ୍ରଣାଦାୟୀ, ପ୍ରତାରଣା, ଶଠତା ଆଚରଣ କରିଛନ୍ତି । ଏସବୁକୁ ଅବଶ୍ୟ ସେ ଅତି ସହଜରେ ଏଡ଼ିଦେଇ ପାରିନାହାନ୍ତି । ଏଥିପାଇଁ ସେ ଦୁଇଟି ଜିନିଷର ସାହାଯ୍ୟ ଲୋଡ଼ିଛନ୍ତି । ଗୋଟିଏ ବିସ୍ଥାପନକାରୀ କାରକ (ଅଶ୍ରୁ) ଓ ଅନ୍ୟଟି ପ୍ରତିସ୍ଥାପିନ କାରକ (ବିଭୁପ୍ରୀତି) । ଅଶ୍ରୁ ଦ୍ୱାରା ସବୁ ଯନ୍ତ୍ରଣା, ବ୍ୟଥା, ବେଦନାକୁ ଧୋଇଦେଇ ପୋଛି ଦେଇଛନ୍ତି । ମାନବ ପ୍ରେମରେ ଛଳନା ଅଛି ବୋଲି ଜାଣି ପରିଶେଷରେ ବିଭୁପ୍ରୀତିକୁ ସେ ଗ୍ରହଣ କରିଛନ୍ତି । ଏହା ତାଙ୍କର ଅଖଣ୍ଡ ବିଶ୍ୱାସ । ସେହି ଅଶ୍ରୁର ପ୍ଲାବନ ସଂପର୍କରେ କବି ଶ୍ରୀ ରଥ ଗାଆନ୍ତି- "ମୁଁ ଯାହା ନଦେଇ ପାରି ପାଖରେ ରଖିଲି/ ସେସବୁକୁ ସାଉଁଳା ସାଉଁଳା/ କରି ଦିନରାତି ବିତିଯାଏ । କିଛି ନିଖୋଜ ହୋଇନି । ମୁଁ କନ୍ଦିପକାଏ/ ଆନନ୍ଦରେ, ମୁଁ ଆମୂଳଚୂଳ / ସେ ସବୁକୁ ମୋ ଲୁହରେ ଧୋଇଧାଇ ଦିଏ ।" (ରଥ, ରମାକାନ୍ତ- 'ଦାତା'- 'ସମାଜ'- ବାର୍ଷିକ ସଂଖ୍ୟା- ୨୦୦୯- ପୃ- ୭୩) । ଅତୀତର ସବୁ ଦାଗ ଧୋଇଦେବା ଲାଗି ମହୌଷଧି ପରି କାର୍ଯ୍ୟକରେ ଅଶ୍ରୁ । ଏଣୁ ଏଇ ବ୍ୟଥିତ ପ୍ରାଣର, ବେଦନା ବିଦଗ୍ଧ ପ୍ରାଣର, ଯନ୍ତ୍ରଣାଦଗ୍ଧ ପ୍ରାଣର ଶେଷବୁନ୍ଦା ଯେଉଁ ଅଶ୍ରୁଥାଏ, ତାହାହିଁ ନେତ୍ର ଓ ହୃଦୟର ପ୍ରକ୍ଷାଳକ । ଏହି ଅଶ୍ରୁ କବି ଜୀବନର ଚିର ସହଚର ଓ ମହୌଷଧି । ଏହି ଅଶ୍ରୁ ବହିଯିବା ପାଇଁ ନୁହେଁ, ଧୋଇନେବା ପାଇଁ । କ୍ରୋଧ, ଈର୍ଷା, ଦ୍ୱେଷ, ହିଂସା, କଷ୍ଟ, ଦୁଃଖ, ଯନ୍ତ୍ରଣା, ଶୋଚନା, ଆବିଳତାକୁ ଧୋଇନେଇ ପ୍ରକ୍ଷାଳିତ ସଫେଦ ହୃଦୟର ଚିକ୍କଣ ଚଟାଣ ସୃଷ୍ଟି କରେ ଏହି ଅଶ୍ରୁ । ଏହା ଅମୂଲ୍ୟ । ଏହା ପୁଣି କବି ଚକ୍ଷୁରେ ନିତାନ୍ତ ମୂଲ୍ୟବାନ ଓ ସ୍ମୃତିର ଅନନ୍ତ ସନ୍ତକ । ଏହା ପୁଣି ଅମୂର୍ତ୍ତ କାରଣ, ତାରକ ଓ ସବୁଜ ସ୍ମାରକ ।

୯. ଦାସ, ଗୋପବନ୍ଧୁ: "ପ୍ରେମର ଏକି ପରିଣାମ ?"- କାରାକବିତା- ପୂର୍ବୋକ୍ତ ଗ୍ରନ୍ଥ- ପୃ- ୧୫୫ ।

୧୦. ମଧୁସୂଦନ ରାଓ ସେଦିନ ଗାଇଉଠିଲେ ନାହିଁକି-

"ଶୋକର ଅସୀମ ମମୀମୟ ଅନ୍ଧକାରେ/ ପ୍ରେମର ପ୍ରଦୀପ ଜାଳି ମର୍ମ ବେଦନାରେ/ ଯେ ଜନ ଜପଇ ଶିବରାତ୍ରି ଜାଗରଣେ/ ଅଶ୍ରୁପ୍ଲୁତ ପ୍ରେମମନ୍ତ୍ର ହୃଦୟ ରତନେ ।" (ରାଓ, ମଧୁସୂଦନ: ବିଚ୍ଛେଦ- ବସନ୍ତଗାଥା- ମଧୁସୂଦନ ଗ୍ରନ୍ଥାବଳୀ- ଅଭିନବ ସଂସ୍କରଣ- ୧୯୬୩- ପୃ- ୧୧୦) ।

୧୧. ଶେଲୀ (P. B. Shelley) ଥରେ କହିଲେ- "We look before and after/ And pine for what is not/ Our sincerest laughter/ with some pain is fraught/ Our sweetest songs are those/ That tell of saddest thoughts." ଗୋପବନ୍ଧୁଙ୍କ ଲାଗି ଏହି ଦୁଃଖ ହିଁ ଚିର ପାଥେୟ ଥିଲା । ସୁତରାଂ ଏହି ଦୁଃଖ ମଧ୍ୟରେ ରୋମାଣ୍ଟିକ୍ କବି ନିଜର ମଧୁର ସ୍ମୃତିକୁ ଭାଳି ହୋଇ ବଞ୍ଚିଯାଉଥିଲେ । ପୁଣି ସେ Lord Alfred Tennyson ଙ୍କ ପରି ସିଧାସଳଖ ଶୁଣାଇ ଶୁଣାଇ କହିଛନ୍ତି ଯାହା ଦିନେ ଟେନିସନ୍ କହିଥିଲେ- "O tell her, brief is life but love is long." (The Princess) କବିଙ୍କର ଏହା ମଧ୍ୟ ବ୍ୟକ୍ତିଗତ ବିଶ୍ୱାସ ଯେ, ପ୍ରେମ ଚିରନ୍ତନ, ଶାଶ୍ୱତ ଓ ସନାତନ । Ode to the west wind ର ସେଇ ଦୁର୍ଦ୍ଦଶା ପଶ୍ଚିମା ପବନ ଯେ ଶିବମୟ, ଏକଥାର ବିଶ୍ୱାସ ଗୋପବନ୍ଧୁଙ୍କ ଠାରେ ଠାବେ ଠାବେ ଲକ୍ଷ୍ୟ କରାଯାଏ ।

୧୨. ଗଡ଼ନାୟକ, ରାଧାମୋହନ: ସଂକଳକଙ୍କ ମୁଖବନ୍ଧ, 'ନେତା ସିଏ, କବି ସିଏ: ଗୋପବନ୍ଧୁ'- ଗୋପବନ୍ଧୁ ଚଚନାବଳୀ (ପ୍ରଥମ ଭାଗ) କାବ୍ୟ-କବିତା ସଂକଳନ- ପ୍ରଥମ ପ୍ରକାଶ- ଓଡ଼ିଶା ସାହିତ୍ୟ ଏକାଡ଼େମୀ- ପୃ- ୬୮ ।

୧୩. ଏଠାରେ ଇଂରେଜୀ କବି ଗୋଲ୍ଡ଼ ସ୍ମିଥଙ୍କର Edevin and Engelina କବିତା ତଥା ସ୍ମରଣ କରାଯାଇପାରେ । ଏଠାରେ ଯେଉଁ ବନ୍ଧୁତାର ଦୃଷ୍ଟାନ୍ତ ଦିଆହୋଇଛି ତାହା ଏକ ଛଳ ବନ୍ଧୁତା । ତାହାର ଏକ ପଦ ଏହିପରି-

"What is friendship but a nawe
A charm that luss to sleep
A shade that follows weath or fame
And leaves the wreatch to weep."

ଗୋପବନ୍ଧୁ ଏହିପରି ଏକ ଛଳ ବନ୍ଧୁତାର ଶରବ୍ୟ ହୋଇ ଅନେକକାଳ କଷ୍ଟ, ଯନ୍ତ୍ରଣା ପାଇଥିଲେ । ସେ ବ୍ୟଥାରେ ସେ ବ୍ୟଥିତ ହୋଇ ଲୋତକ ସ୍ରବଣ କରିଛନ୍ତି । ଆଖିରେ ତାଙ୍କର ଲୁହ ଓ ଛାତିରେ ରହିଛି ଲହୁ । ମାତ୍ର ଏଇ ଗୋପବନ୍ଧୁଙ୍କର ରହିଛି ସ୍ୱାତନ୍ତ୍ର୍ୟ । ହରାଇବାରେ କଷ୍ଟ, ଯନ୍ତ୍ରଣା ଲାଭରେ ସେ ଲାଭ କରିଛନ୍ତି ଅନନ୍ତ ଅକ୍ଷୟ ଅମୂର୍ତ୍ତ ପ୍ରଶାନ୍ତି । ଦୁଃଖ ମଧ୍ୟରେ ସୁଖ ପାଇବା ହିଁ ବଡ଼ କଥା । ଏଥିରେ ହିଁ ଗୋପବନ୍ଧୁ ମହନୀୟ ହୋଇଯାଆନ୍ତି ।

୧୪. ପ୍ରେମ ପ୍ରସଂଗରେ ଏଠାରେ କବି କମଳାକାନ୍ତଙ୍କର ଅତି ପ୍ରସିଦ୍ଧ ତଥା ଜନପ୍ରିୟ ଉକ୍ତିଟି ଏଠାରେ ମନେପଡ଼େ-

"ଏ ପୃଥିବୀ ଭାଲୋ ବାସିତେ ଜାନିନା
ଏ ପୃଥିବୀ ଭାଲୋ ବାସିତେ ପାରିନା
ଯେଥା ଆଛେ ଶୁଧୁ ଭାଲୋବାସା ବାସି
ସେଥା ଯେତେ ପ୍ରାନ୍ ଚାୟ ମା ।"

ପୁଣି ଏଠାରେ ସମାଲୋଚିକା ଡକ୍ଟର ଅର୍ଚ୍ଚନା ନାୟକଙ୍କ ଅରବିନ୍ଦ ଦର୍ଶନ ଓ ପ୍ରେମ ଦର୍ଶନ ସଂପର୍କରେ ଏକ ଚମତ୍କାର ମନ୍ତବ୍ୟକୁ ସ୍ମରଣ କରାଯାଇପାରେ । ତାଙ୍କ ମତରେ- " ଏ ପୃଥିବୀ ଭଲପାଇବା କ'ଣ ଜାଣେନା, ଏ ପୃଥିବୀ ଭଲ ପାଇବାର ନାହିଁ, ପ୍ରେମର ଦୁର୍ବିହ ଭାର ବହନ କରିବାର ସାମର୍ଥ୍ୟ ନାହିଁ ଏ ପୃଥିବର । ତଥାପି ପ୍ରେମର ଟିକେ ସ୍ଫୁରଣ କେଉଁଠାରେ କିଛି ପ୍ରକାଶ ପାଇବାର ଦେଖିଲେ ମଣିଷ ହୃଦୟ ସ୍ୱତଃ ସେ ଦିଗରେ ଆକର୍ଷିତ ହୋଇଥାଏ । ଭକ୍ତକବିର ଗଭୀର ମର୍ମବେଦନାର ଅଭିବ୍ୟକ୍ତି ମଣିଷର ପ୍ରେମ କରିବାର ଅସାମର୍ଥ୍ୟକୁ ନେଇ, ତେବେ ବି ସେଇ ଟିକକ ପ୍ରେମାନୁଭୂତି ପାଇଁ ମଣିଷ ଜୀଏଁ, ପୁଣି ମରେବି ।" (ନାୟକ, ଡକ୍ଟର ଅର୍ଚ୍ଚନା- 'ପ୍ରେମ: ଆଧ୍ୟାତ୍ମ ଆକାଂକ୍ଷାର ଏକ ମହାକାଶ'- ଶ୍ରୀ ଅରବିନ୍ଦ ଓ ନୂତନ ପୃଥିବୀ- କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର- ବାଲୁବଜାର- କଟକ-୨- ପ୍ରଥମ ସଂସ୍କରଣ- ମାର୍ଗଶିର- ୨୦୦୭- ପୃ- ୧୧୭)

୧୫. 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ' ଠାରୁ ଅନ୍ୟ ସମସ୍ତ କାବ୍ୟ କବିତାରେ ଆମ୍ଭେ ସାଧାରଣତଃ ଗୋଟିଏ କଥା ଲକ୍ଷ୍ୟ କରୁ । ସବୁଠାରେ ଗୋପବନ୍ଧୁ କଷ୍ଟ ପାଇଛନ୍ତି, ପ୍ରତାରଣା ପାଇଛନ୍ତି, ଯନ୍ତ୍ରଣା ପାଇଛନ୍ତି । କେତେବେଳେ ନିୟତି ତାଙ୍କ ଉପରେ ଦାଉ ସାଧିଛି ତ କେତେବେଳେ ଜ୍ୟୋତିଷ୍କକ୍ର, କେତେବେଳେ ସମୟ, ଭାଗ୍ୟ, ଭଗବାନ, ପ୍ରକୃତି ପ୍ରଭୃତି ସଭିଏଁ ମିଶିକରି ଦାଉ ସାଧିଛନ୍ତି । ଆଉ କେତେବେଳେ ବନ୍ଧୁ, ପରିଜନ, ଆତ୍ମୀୟ ସ୍ୱଜନ ତାଙ୍କୁ ଦେଇଛନ୍ତି ଦାରୁଣ ଧକ୍କା । ତଥାପି ସେ ଭାଙ୍ଗି ଯାଇ ନାହାନ୍ତି କି କାହାକୁ ନିନ୍ଦା ଭର୍ତ୍ସନା କରିନାହାନ୍ତି । ପ୍ରତିଶୋଧ ପରାୟଣ ମନୋଭାବ ତାଙ୍କ ଠାରୁ ଅନେକ ଦୂରରେ । ଏହାର କାରଣ

ତାଙ୍କ ପ୍ରେମ ପ୍ରତିବଦଳରେ ତାଙ୍କୁ ପ୍ରବଞ୍ଚନା ମିଳିଲେ ମଧ୍ୟ ସେ ପ୍ରେମକୁ ଅକ୍ଷୟ ଧାରା ପରି ଅବ୍ୟାହତ, ଅକ୍ଷତ ରଖିଛନ୍ତି । ସେ ପ୍ରେମକୁ ଯେତିକି ସ୍ୱୟଂସଂପୂର୍ଣ୍ଣ ଭାବନ୍ତି ସେପରି ଶାଶ୍ୱତ ସଂପ୍ରୀତି ମଧ୍ୟ ଆଚରଣ କରିଛନ୍ତି । ଶ୍ରୀମାଙ୍କର ସେହି ଦର୍ଶନ ଗୋପବନ୍ଧୁଙ୍କ ଠାରେ ମଧ୍ୟ ପ୍ରତିଫଳିତ ହୋଇଛି । ଏତେସବୁ ଝଡ଼ ଝଂଜା ପରେ ସେ କଦାପି କାହାପ୍ରତି ବୀତସ୍ପୃହ ହୋଇନାହାନ୍ତି କି ଘୃଣାଭାବ ଆଣିନାହାନ୍ତି । "କାରଣ ପ୍ରେମ ହିଁ ଜୀବନ । ପ୍ରେମ ନାହିଁତ ସେଠି ଜୀବନ ନାହିଁ, ପ୍ରାଣ ନାହିଁ । ପ୍ରେମ ହିଁ ଉଦ୍ଭିଦ, ଜୀବନ ଓ ମଣିଷ ସକଳର ମୂଳ ଅସ୍ତିତ୍ୱର ବୀଜ । ଏହି ପାର୍ଥିବ ଜଗତରେ ଯେତେ ଉତ୍ତମ କଥାମାନ ଅଛି, ତା' ଭିତରେ ପ୍ରେମ ହେଉଛି ସବୁଠାରୁ ଶ୍ରେଷ୍ଠ, ଯେତେସବୁ ସୁଖ ଆନନ୍ଦର କଥା ଅଛି, ତନ୍ମଧ୍ୟରୁ ପ୍ରେମ ହିଁ ସର୍ବୋତ୍ତମ । ଏହି ଜାଗତିକ ଜୀବନରେ ଯେଉଁଠି ରୋଗ, ଶୋକ, ବାର୍ଦ୍ଧକ୍ୟ ଓ ମୃତ୍ୟୁ ହେଉଛି ଶେଷକଥା- ସେହିଠାରେ ଏହି ପ୍ରେମ ହିଁ ଦିଏ ମଣିଷକୁ ସର୍ବଶ୍ରେଷ୍ଠ ଆନନ୍ଦ ଓ ଆଶ୍ୱାସନା । ପ୍ରେମ ହିଁ ଦିଏ ଯଥାର୍ଥ ଜ୍ଞାନର ଆଲୋକ, କର୍ମର ପ୍ରେରଣା ।"

(ନାୟକ, ଡକ୍ଟର ଅର୍ଚ୍ଚନା: ତତ୍ରୈବ- ପୃ- ୧୧୭)


୧୬. ଦାସ, ଗୋପବନ୍ଧୁ: 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ': 'କାରାକବିତା'- ଗୋପବନ୍ଧୁ ରଚନାବଳୀ- ଓଡ଼ିଶା ସାହିତ୍ୟ ଏକାଡ଼େମୀ- ପୃ- ୯୬ ।

୧୭. ରଥ, ନିରଞ୍ଜନ: 'କ୍ଷମାଭିକ୍ଷା'- ସମାଜ- ବାର୍ଷିକ ସଂଖ୍ୟା- ୨୦୦୯- ପୃ- ୦୫ ।

୧୮. ଟାଗୋର, ରବୀନ୍ଦ୍ରନାଥ: ଛିନ୍ନପତ୍ର- ଜାନୁୟାରୀ- ୧୯୮୧- ପୃ- ୫୪-୫୫ ।

୧୯. ରାୟ, ରାଧାନାଥ ।

୨୦. Shelly, P. B.- Ode to the west wind- Shelly's Poetical Works- Oxford University Press- 1970- page- 579.

୨୧. ଦାସ, ଗୋପବନ୍ଧୁ: 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ': 'କାରାକବିତା': ପୂର୍ବୋକ୍ତ ଗ୍ରନ୍ଥ- ପୃ- ୯୬ ।

୨୨. ରାୟ, ରାଧାନାଥ: ଉଷା ।

୨୩. Shakespeare, William: 'Sonnet CXVI': The Best Words: ed. Nissim Ezekiel and Shakuntala Bharvani- Seventh Impressions- 2001- Macmillan India Limited- page-01.

୨୪. ଶତପଥୀ, ଡକ୍ଟର ପ୍ରତିଭା: ଚତୁର୍ଥ ଅଧ୍ୟାୟ: ସତ୍ୟବାଦୀ ଯୁଗ ଓ ଯୁଗଧାରାର ରୋମାଣ୍ଟିକ୍ କବିବୃନ୍ଦ: କଳ୍ପନାର ଅଭିଷେକ: ଓଡ଼ିଶା ବୁକ୍‌ଷ୍ଟୋର: ଦ୍ୱିତୀୟ ସଂସ୍କରଣ- ୧୯୯୯- ପୃ- ୧୦୩ ।

୨୫. ଦାସ, ଗୋପବନ୍ଧୁ: 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ': 'କାରାକବିତା': ପୂର୍ବୋକ୍ତ ଗ୍ରନ୍ଥ- ପୃ- ୯୭ ।

୨୬. ଗଡ଼ନାୟକ, ରାଧାମୋହନ- ମୁଖବନ୍ଧ- ଗୋପବନ୍ଧୁ ରଚନାବଳୀ- ପ୍ରଥମ ଭାଗ- ପୂର୍ବୋକ୍ତ ଗ୍ରନ୍ଥ- ପୃ- ୬୯ ।

୨୭. ଶତପଥୀ, ଡକ୍ଟର ପ୍ରତିଭା: ପୂର୍ବୋକ୍ତ ଗ୍ରନ୍ଥ- ପୃ- ୧୦୩ ।

୨୮. ତତ୍ରୈବ- ପୃ- ୧୦୩ ।

୨୯. Keats, John: 'Ode to a Nightingale': The Winged Word- Ed. David Green-Macmillan India Limited- Twenty Second Impression- 2001- (Twice) page- 111.

୩୦. ମିଶ୍ର, ଡକ୍ଟର ନରେନ୍ଦ୍ରନାଥ: ଆଧୁନିକତା ଓ ଆଧୁନିକ ସାହିତ୍ୟ- ପୃ- ୫୮ ।

୩୧. Browning, Elizebeth Barrett: 'How Do I Love Thee? Let Me Count The Ways': The Winged Word- op.cit.- page- 116.

୩୨. ଶତପଥୀ, ଡକ୍ଟର ପ୍ରତିଭା- ପୂର୍ବୋକ୍ତ ଗ୍ରନ୍ଥ- ପୃ- ୧୦୪ ।

୩୩. ଦାସ, ଗୋପବନ୍ଧୁ: 'ପ୍ରେମର କି ଏହି ପରିଣାମ?': 'କାରାକବିତା'- ପୂର୍ବୋକ୍ତ ଗ୍ରନ୍ଥ- ପୃ- ୧୫୩ ।

୩୪. ଶତପଥୀ, ଡକ୍ଟର ପ୍ରତିଭା- ପୂର୍ବୋକ୍ତ ଗ୍ରନ୍ଥ- ପୃ- ୧୦୪- ୧୦୫ ।

୩୫. ତତ୍ରୈବ- ପୃ- ୧୦୫ ।

୩୬. ଦାସ, ଗୋପବନ୍ଧୁ: 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ': 'କାରାକବିତା': ପୂର୍ବୋକ୍ତ ଗ୍ରନ୍ଥ- ପୃ- ୯୮ ।

୩୭. ମିଶ୍ର, ଡକ୍ଟର ଗୋପାଳଚନ୍ଦ୍ର: 'ଗୋପବନ୍ଧୁଙ୍କ କବିତାରେ ଜୀବନ ଦର୍ଶନ ଓ ମାନବିକତା'- ଗୋପବନ୍ଧୁ ପରିକ୍ରମା-

ପୃ- ୧୬୧ ।

୩୮. ଶତପଥୀ, ଡକ୍ଟର ପ୍ରତିଭା- ପୂର୍ବୋକ୍ତ ଗ୍ରନ୍ଥ- ପୃ- ୧୦୬ ।

୩୯. "ନିଜର ପ୍ରିୟ ପରିଜନ, ବାସସ୍ଥଳୀ ଓ ପରିଚିତ ପରିବେଶରୁ ନିର୍ବାସିତ ହେବାର ଦୁଃଖ ତାଙ୍କୁ କ୍ଷତାକ୍ତ କରିଛି ।" (ତତ୍ରୈବ- ପୃ- ୧୦୬) ।

୪୦. Wordsworth's Preface to Lyrical Ballads in Poetical Works-II- page- 400 & 387.

୪୧. Letter to John Taylor, February-1818, letter of Keats- Oxford University Press- page- 69.

୪୨. ଦାସ, ଗୋପବନ୍ଧୁ: 'ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ': 'କାରାକବିତା': ପୂର୍ବୋକ୍ତ ଗ୍ରନ୍ଥ- ପୃ- ୯୯ ।

୪୩. ତତ୍ରୈବ- ପୃ- ୯୯ ।

୪୪. ବୁଗୁଡ଼େଇ, ଡକ୍ଟର ନରେନ୍ଦ୍ର ପ୍ରସାଦ: 'ଗୋପବନ୍ଧୁଙ୍କ କାବ୍ୟ କବିତାରେ ମାନବିକ ଆବେଦନ': ବିବିଧ ଆଲୋଚନା- ପ୍ରଥମ ସଂସ୍କରଣ- ୨୦୧୧- ମିତା ବୁକ୍ସ, ବାଙ୍କବଜାର- କଟକ-୨- ପୃ- ୭୬ ।

୪୫. ଏଠାରେ Browne ଙ୍କ ଏକ ମହନୋକ୍ତି ମନେପଡ଼େ- "The only clean thing in the World is the Church Bell, everything else is dirty."

୪୬. ଏଠାରେ Annie Besant ଙ୍କ ଏକ ଉକ୍ତି ମନେପଡ଼େ-

"If a comrade be faithless
Let us be faithfull to him
If an enemy injures,
Let us forgive him; If a friend betrays,
Let us stand by him;
Then shall the Hidden God
In us shine forth."

୪୭. Victor Hugo ଙ୍କ ଭାଷାରେ- "Make the body a temple where God resides." (Les Miserables)

୪୮. "Love your enemies, Bless them that Curse you. Do good to them that hate you and pray for them that use you despitefully and persecute." (Sermon on the Mount)

୪୯. ଟଲଷ୍ଟୟ ପରା ସେଇଥିପାଇଁ କହିଲେ- "One may live without father or mother but one cannot live without God." ପୁଣି ସେ ନିଜର ଯୁକ୍ତିକୁ ଆହୁରି ସୁଦୃଢ଼ କରିବାକୁ ଯାଇ କହିଲେ "If it love alone, by which men live. He who has love is in God and God is in him, for God is love."

୫୦. Dr. Albert Schweitzer ଙ୍କ ଭାଷାରେ- Unto whom much is given, much is expected - ବାସ୍ତବରେ କଥାଟା ଠିକ୍ । ମାତ୍ର ଅତ୍ୟାସକ୍ତି ସର୍ବଦା କଷଣ, ଯନ୍ତ୍ରଣା ଓ ବ୍ୟଥା-ଦାୟୀ ହୋଇଥାଏ, ଯାହା ଗୋପବନ୍ଧୁଙ୍କୁ ଭୋଗୀବାକୁ ପଡ଼ିଥିଲା ନିଜ ଜୀବଦଶା ମଧ୍ୟରେ ।

୫୧. ଦାଶ, ଅଧ୍ୟାପକ ଚିନ୍ତାମଣି: ଐତିହାସିକ କୃପାସିନ୍ଧୁ: ଗୋପବନ୍ଧୁ ସାହିତ୍ୟ ମନ୍ଦିର- ୧୯୬୨- ପୃ- ୪୧ ।

୫୨. କର, ପ୍ରଫେସର ବାଉରୀବନ୍ଧୁ: 'ପଣ୍ଡିତ ଗୋପବନ୍ଧୁଙ୍କ ଦୃଷ୍ଟିରେ କୃପାସିନ୍ଧୁ ମିଶ୍ର': ସଂସ୍କୃତି ଓ ମାନବିକ ମୂଲ୍ୟବୋଧ: ପ୍ରଥମ ପ୍ରକାଶ- ୨୦୧୦- ପ୍ରକାଶକ- ସାରସ୍ୱତ ସରଣିର ଶାଶ୍ୱତ ସଂକେତବର୍ତ୍ତିକା- ସଂସ୍କୃତି ଭବନ- ସାରସ୍ୱତ ବିହାର- ଦଶରଥପୁର, ଯାଜପୁର- ପୃ- ୧୧୧ ।

୫୩. ଦାସ, ହରପ୍ରସାଦ: 'ଗୋପବନ୍ଧୁ ଦାସ: 'କାରାକବିତା'ରେ ବାସ୍ତବତା': ଆଧୁନିକତାର ପରଂପରା: ପ୍ରଥମ ସଂସ୍କରଣ- ୨୦୧୦: ପ୍ରକାଶକ- ଜଗନ୍ନାଥ ରଥ- ପୁସ୍ତକ ପ୍ରକାଶନ ଓ ବିକ୍ରେତା- ବିନୋଦ ବିହାରୀ- କଟକ-୨- ପୃ- ୨୨୫ ।

୫୪. ଶୈଳୀ ସଂପର୍କରେ ଫରାସୀ ଏକାଡ଼େମୀରେ କୋଁପତ୍ ଦୁବୁଫୋଁ ଥରେ କହିଥିଲେ- "Le style est I' homme meme." (Discourse on Style, Essays in Stylistic Analysis, ed. Howard S. Babb (Harcourt Brace Jovanovich Inc., 1972), page-17; ପୁଣି ଏକଥା ମଧ୍ୟ ସତ୍ୟ ଯେ, "A new personality needs a new form to express itself sincerely." ଏହା ଫରାସୀ ଔପନ୍ୟାସିକ ଫୋବେୟାରଙ୍କ କି ଚରମ ଉଦ୍‌ଘୋଷଣା । (Noveaus Pretextes (Paris: 1947), page- 169) । ଶୈଳୀ କେବଳ କବିର ବା ସ୍ରଷ୍ଟାର ପ୍ରକାଶଭଂଗୀ ନୁହେଁ, ବରଂ ଏହା ତାର ବ୍ୟକ୍ତିଗତ ଚେତନା, ଦୃଷ୍ଟିଭଂଗୀ, ମୂଲ୍ୟବୋଧ, ଅନୁଭୂତି, ମାନସିକ

ସ୍ତର ବା ଅବସ୍ଥା, ବଶେଷ ଦୃଷ୍ଟିକୋଣ ପ୍ରଭୃତିକୁ ସୂଚାଏ । ଜର୍ମାନ୍ ଦାର୍ଶନିକ ସୋପେନ୍‌ହାଓ୍ୱର୍‌ଙ୍କ ଭାଷାରେ ଶୈଳୀ ସ୍ରଷ୍ଟାର ମାନସିକ ଗଠନର ସ୍ୱରୂପ । ଫରାସୀ ଔପନ୍ୟାସିକ ମାର୍ସେଲ୍‌ଙ୍କ ବ୍ୟକ୍ତିଗତ ବିଶ୍ୱାସ ଥିଲା ଯେ, ଶୈଳୀ ବ୍ୟକ୍ତିଗତ ଦୃଷ୍ଟିଭଂଗୀ/ ଭାବବୋଧ ଓ ବିଶ୍ୱାସକୁ ମଧ୍ୟ ପ୍ରତିଫଳିତ କରେ । W. R. Goodman ଥରେ କହିଲେ- Style is the mental pen with which letters were carved on waxen tablets. (Quintessence of literary Essays- 2010 Edition- page- 53.)

୫୫. Tears, idle tears, I know not what they mean,
Tears from the depth of some divine despair,
Rise in the heart, and gather to the eyes,
In looking on the happy Autumn fields,
And thinking of the days that are no more.
Fresh as the first beam glittering on a sail,
That brings our friends up from the underworld,
Sad as the last which reddens over one,
That Sinks with all we love below the verge;
so sad, so fresh, the days that are no more.
Ah, sad and strange as in dark summer downs,
The earliest pipe of half-awaken'd birds,
To dying ears, when unto dying eyes,
The casement slowly grows a glimmering square;
So sad, so strange, the days that are no more.
Dear as remember'd kisses after death,
And sweet as those by hopeless fancy feign'd
On lips that are for others; deep as love
Deep as first love, and wild with all regret
O Death in Life, the days that are no more!

(Tennyson, Lord Alfred: 'Tears, Idle Tears': The Best words- Ed.- Nissim Ezekiel & Shakuntala Bharvani, Macmillan India Limited- Seventh Impression- 2001- page-14.)

୫୬. Ibid- page-16.

୫୭. Naidu, Sarojini: 'The Soul's Prayer'- Ibid- page- 26-27.

୫୮. ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର: ଓଡିଆ ସାହିତ୍ୟର ଇତିହାସ: ତୃତୀୟ ମୁଦ୍ରଣ- ୨୦୧୨- ବିଦ୍ୟାପୁରୀ- ବିନୋଦ ବିହାରୀ, କଟକ-୨, ପୃ- ୧୪୧ ।

୫୯. ତତ୍ରୈବ- ୧୪୨ ।

୬୦. ବେହେରା, ଚିନ୍ତାମଣି: 'ଗୋପବନ୍ଧୁଙ୍କ କବିତାରେ ଇନ୍ଦ୍ରିୟ ଓ ଅତୀନ୍ଦ୍ରିୟ': କାବ୍ୟ ଓ କଳାକାର: ଚତୁର୍ଥ ସଂସ୍କରଣ- ୧୯୯୬- ଜଗନ୍ନାଥ ରଥ- ପ୍ରକାଶକ- ବିନୋଦ ବିହାରୀ- କଟକ-୨- ପୃ- ୮୧ ।

୬୧. ତତ୍ରୈବ- ପୃ- ୮୨ ।

ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ
ବାଲେଶ୍ୱର-୭୫୬୦୦୧, ଓଡ଼ିଶା
ଭ୍ରାମ୍ୟଭାଷ- ୮୩୨୮୯୦୯୧୫୭
ଇମେଲ୍-santoshonly123@gmail.com

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ